

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 FEBRUARY 2022
Vol.No. 33 ■ No. 34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଖୋଲିଲା ଦିଲ୍ଲୀ : ଆସନ୍ତା ସୋମବାରରୁ ଶ୍ରେଣୀ ଗୃହରେ ପାଠପଢ଼ା

ନୂଆଦିଲ୍ଲୀ, ୦୪/୦୨ ମହାମାରୀ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଗୋଟିଏ ପରେ ଗୋଟିଏ ରାଜ୍ୟ କଟକଣା ହ୍ରାସ କରିବା ଆରମ୍ଭ କରିଛନ୍ତି। ବିଶେଷ କରି ଦୀର୍ଘ ୨ ବର୍ଷ ହେଲା ସ୍କୁଲ ଦେଖି ନଥିବା ଛୋଟ ପିଲାମାନଙ୍କ ପାଇଁ ରାଜ୍ୟ ସରକାରମାନେ କଟକଣା ହଟାଉଛନ୍ତି। ଓଡ଼ିଶା ଭଳି ଦିଲ୍ଲୀ ସରକାର ମଧ୍ୟ ଛୋଟ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ନାଇଟ କର୍ଫ୍ୟୁ ସମୟକୁ ଆଉ ଏକ ଘଣ୍ଟା କୋହଳ କରିଛନ୍ତି। ଏଣିକି ଦିଲ୍ଲୀରେ ରାତି ୧୧ଟାରୁ ଭୋର ୫ଟା ଯାଏ କର୍ଫ୍ୟୁ ଲାଗିବ। ପୂର୍ବରୁ ରାତି ୧୦ରୁ କର୍ଫ୍ୟୁ ଲାଗୁ ଥିଲା। ସଂକ୍ରମଣ ହ୍ରାସ ପାଉଥିବାରୁ ଆଜି ଦିଲ୍ଲୀ ସରକାର



ବୈଠକ କରିଥିଲେ। ଏହାପରେ ସ୍କୁଲ, କଲେଜ, ଜିମ ଓ କୋଚିଂ ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ସୂଚନା ଅନୁଯାୟୀ, ସୋମବାର ଠାରୁ ୯ମରୁ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ସେହିପରି ୧୪ ଫେବୃଆରୀ ଠାରୁ ନର୍ସରୀ ଓ ୮ମ ଶ୍ରେଣୀର ପିଲାମାନଙ୍କ ସ୍କୁଲ କ୍ଲାସ ଆରମ୍ଭ ହେବ। ୭ ତାରିଖରୁ ସମସ୍ତ କଲେଜ ଖୋଲିବ। କଲେଜ କର୍ତ୍ତୃପକ୍ଷଙ୍କୁ ଅନଲାଇନ ବଦଳରେ ଅଧିକ ଅଫଲାଇନ କ୍ଲାସ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ତେବେ ସବୁ ଶିକ୍ଷାନୁଷ୍ଠାନରେ ସାମାଜିକ ଦୂରତା ଓ ମାସ୍କ ବାଧ୍ୟତାମୂଳକ ରହିବ। ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ କହିଛନ୍ତି, "ସୋମବାର ଠାରୁ ସମସ୍ତ ରେଷ୍ଟୁରାଣ୍ଟ ରାତି ୧୧ଟା ଯାଏ ଖୋଲିବ। ସମସ୍ତ ସରକାରୀ ଓ ଘରୋଇ ଅଫିସ ଗୁଡ଼ିକ ୧୦୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ଷମ ହେବ। ଜିମ ଓ ସୁଇମିଂ ପୁଲ ମଧ୍ୟ ପୁଣି ଖୋଲିବ।" ଦିଲ୍ଲୀ ବିପର୍ଯ୍ୟୟ ପ୍ରଶମନ ବିଭାଗ ଜାରି କରିଥିବା ଗାଇଡଲାଇନରେ କହିଛି ଯେ ସ୍କୁଲ ଖୋଲିବାକୁ ଥିଲେ ମଧ୍ୟ ଟିକା ନେଇ ନଥିବା ଶିକ୍ଷକଙ୍କୁ କ୍ଲାସ କରିବାର ଅନୁମତି ମିଳିବ ନାହିଁ। ୧୫ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରାଯିବ। ସେହିପରି କାରରେ ଏକାକୀ ଯାଉଥିବା ଲୋକଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ ରହିବ ନାହିଁ। ଜିମ ଓ ସୁଇମିଂ ପୁଲ କରୋନା କଟକଣା ମଧ୍ୟରେ ଚାଲିବ।

## ଏଥର ନେତାଙ୍କୁ ମାନିବେ ଅଫିସର

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଜନପ୍ରତିନିଧିଙ୍କୁ ଅଫିସର ମାନୁନାହାନ୍ତି, ସେମାନଙ୍କୁ ଯେପରି ସମ୍ମାନ ଦିଆଯିବା କଥା ଦିଆଯାଉନାହିଁ। ପୁଣିଥରେ ଉଠିଛି ବର୍ଷ ବର୍ଷ ଧରି ହୋଇ ଆସୁଥିବା ଏହି ଅଭିଯୋଗ। ବିଧାନସଭା ଏଥିକ୍ସ କମିଟି ୬ଟି ଜିଲ୍ଲା ଗସ୍ତ କରିବା ପରେ ଅଫିସରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାପରେ ନୂଆ ନିଯୁକ୍ତି ପାଇଥିବା ଅଫିସରଙ୍କୁ ଏ ନେଇ ତାଲିମ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ତାଲିମ୍ କାର୍ଯ୍ୟକ୍ରମରେ ବୁକ୍ ସର୍କୁଲାର-୪୭ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧିଙ୍କ ସହ କିପରି ବ୍ୟବହାର କରାଯିବ, ବୁକ୍ ସର୍କୁଲାର-୪୭ରେ ବିସ୍ତୃତ ବିବରଣୀ ରହିଛି। ଦେଓଗଡ଼,



ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲା ଗସ୍ତ କରିବା ପରେ, ଅଫିସରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଧାନସଭା ଏଥିକ୍ସ କମିଟି। ଅଭିଯୋଗ ପରେ ଏହା ହେଉଛି ସରକାରଙ୍କ ପ୍ରମୁଖ ସଚିବ ଜି. ମାଥି ଭାଥନନ୍ଙ୍କ ଚିଠି। ସମସ୍ତ ସଚିବ, ବିଭାଗୀୟ ମୁଖ୍ୟ, ପୁଲିସ ଡିଜି ଓ ଆଇଜି, ଜିଲ୍ଲାପାଳ, ଏସପିଙ୍କୁ ଚିଠି ଲେଖାଯାଇଛି। ନୂଆ ନିଯୁକ୍ତି ପାଇଥିବା ଓଏଏସ୍, ଓଆରଏସ୍, ଓଟିଏଏସ୍ ଓ ଅନ୍ୟ ଅଧିକାରୀମାନେ କିପରି ଜନପ୍ରତିନିଧିଙ୍କୁ ▶▶ପୃଷ୍ଠା ୭

## ୬ରୁ ଖୋଲିବ ହଷ୍ଟେଲ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଆସନ୍ତା ୭ ତାରିଖରୁ ରାଜ୍ୟର ସବୁ ସ୍କୁଲ , କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଗୁଡ଼ିକରେ ୬ ତାରିଖରୁ ହଷ୍ଟେଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଏନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ କରୋନା ସଂକ୍ରମଣ ମାମଲା ହ୍ରାସ ପାଉଥିବାରୁ ସରକାର ଶିକ୍ଷାନୁଷ୍ଠାନ ଖୋଲିବାକୁ ନିଷ୍ପତି ନେଇଛନ୍ତି। ୭ ତାରିଖରୁ ଅଷ୍ଟମ ଶ୍ରେଣୀ ଓ ତଦୁର୍ଦ୍ଧ୍ୱ ଶ୍ରେଣୀର ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ। ସେହିପରି ଫେବ୍ରୁଆରୀ ୧୪ତାରିଖରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିବା ବିଭାଗଗୁଡ଼ିକ ସ୍ୱତନ୍ତ୍ର ଭାବେ ନିଜ ନିଜର ଗାଇଡଲାଇନ୍ ଜାରି କରିବେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଗତକାଲି ଏହି ଘୋଷଣା କରିଥିଲେ।

## ୧୦ଟାରୁ ୪ଟା ପର୍ଯ୍ୟନ୍ତ ପଢିବେ ନବମରୁ ଦ୍ୱାଦଶ ପିଲା

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଘୋଷଣା ହେବା ପରେ କେତେ ଘଂଟା ପାଠ ପଢାଯିବ ସେସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍କୁଲ୍ ଗୁଡ଼ିକ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମୟ ନିର୍ଘଂଟ ପ୍ରସ୍ତୁତ କରାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ସ୍କୁଲ୍ ରେ ୧୦ଟାରୁ ୧ଟା ପର୍ଯ୍ୟନ୍ତ ପଢ଼ିବେ। କିନ୍ତୁ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ କ୍ଲାସ୍ ୧୦ଟାରୁ ୪ଟା ପର୍ଯ୍ୟନ୍ତ ହେବ। ସେହିପରି ଯୁକ୍ତ ଦୁଇର ଉଭୟ ବର୍ଷର ଛାତ୍ରଛାତ୍ରୀଙ୍କ ଶ୍ରେଣୀଗୃହ ପାଠପଢ଼ା ୧୦ଟାରୁ ୪ଟା ପର୍ଯ୍ୟନ୍ତ ହେବ। ଏହା ସହିତ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଯୋଗ୍ୟ



ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ଶୁଖିଲା ଖାଦ୍ୟ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଆଜି ଏହା ଅଧୀନରେ ଥିବା ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ୬ ତାରିଖରୁ ହଷ୍ଟେଲ ଖୋଲା କରିବାକୁ ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ, ରାଜ୍ୟରେ ସ୍କୁଲ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଗତକାଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ। ଆସନ୍ତା ୭ ତାରିଖରୁ ଅଷ୍ଟମ ଶ୍ରେଣୀରୁ ଧରି କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ତା'ପରେ ଫେବୃଆରୀ ୧୪ ତାରିଖରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିବ।

## ବାଲେଶ୍ୱରରେ ଚାଞ୍ଚଲ୍ୟ: ମୁଖ୍ୟ ଚିକିତ୍ସାଳୟର ପଛପଟ ଡ୍ରେନରେ ଭାସୁଛି ନବଜାତକଙ୍କ ମୃତଦେହ



ବାଲେଶ୍ୱର, ୦୪/୦୨ (ନି.ପ୍ର): ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ପଛପଟେ ଯାଇଥିବା ଡ୍ରେନରେ ଦୁଇ ଜଣ ନବଜାତକ ଶିଶୁଙ୍କ ମୃତଦେହ ଭାସିବା ଘଟଣା ସାରା ସହରରେ ଚାଂଚଲ୍ୟ ଖେଳାଇ ଦେଇଛି। ଏଦୃଶ୍ୟ ଯଦିଓ ଆମ କ୍ୟାମେରାରେ କଏଦ ହୋଇଛି, ହେଲେ ଏହାକୁ ପ୍ରସାରଣ କରିବା ସମ୍ଭବ ନୁହେଁ। ନବଜାତକଙ୍କ ମୃତଦେହ ଡ୍ରେନରେ ଭାସୁଛି, ଆଉ ରାସ୍ତାରେ ବି ପଡ଼ିଛି, ଆଉ କୁକୁର ବି ଖାଉଛନ୍ତି। ବର୍ଷା ହେଲେ ଚିକିତ୍ସାଳୟ ପଛ ଗେଟ୍ ପଟେ ମେଡିକାଲର ସମସ୍ତ ବର୍ଯ୍ୟବସ୍ତୁ ରାସ୍ତାକୁ ଭାସି ଆସିଥାଏ। ତେଣୁ ଏହି ଶିଶୁ ମୃତଦେହ ସେଠାରୁ ହିଁ ଆସିଥିବାର ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକବି ଏପରି ଅଭିଯୋଗ ଆଣଛନ୍ତି। ହେଲେ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ହସ୍ପିଟାଲ କର୍ତୃପକ୍ଷ। ହସ୍ପିଟାଲ ପରିଚାଳିକା ଘଟଣାସ୍ଥଳକୁ ଯାଇ ତଦନ୍ତ କରଛନ୍ତି। ହସ୍ପିଟାଲରୁ ଏହି ଶିଶୁ ମୃତଦେହ ଆସିଥିବାର କୌଣସି ପ୍ରମାଣ ନଥିବା ସେ କହିଛନ୍ତି। ଆଖପାଖରେ ସେମିତି ନର୍ସିଂହୋମ କିମ୍ବା ପ୍ରାଇଭେଟ କ୍ଲିନିକ ବି ନାହିଁ, ଏପଟେ ହସ୍ପିଟାଲ କର୍ତୃପକ୍ଷ ମଧ୍ୟ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଏହି ନବଜାତକଙ୍କ ମୃତଦେହ ଆସିଲା କେଉଁଠୁ?

## ରାଜ୍ୟରେ ଆଉ ୨୩ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୬୮୯ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭ ଜଣଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷରେ ସୁନ୍ଦରଗଡ଼ ଜିଲ୍ଲାର ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଏଣେ ଭଦ୍ରକ, ଜଗତସିଂହପୁର, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୨ ଜଣ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେହିପରି ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି।

## ଗଛକୁ ପିଟିଲା ଭ୍ୟାନ୍ : ୬ମୃତ

ବାଲିଗୁଡା, ୦୪/୦୨ (ନି.ପ୍ର): ବାଲିଗୁଡାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନାନୁସାରେ, କୋଟଗଡ କୁଟିବାଲି ଘାଟିରେ ଗଛକୁ ପିଟିଲା ପିକଅପ୍ ଭ୍ୟାନ୍। ଘଟଣାସ୍ଥଳରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଅଧିକ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାହାଘର ଭୋଜି ଖାଇବାକୁ ସାଲକି ଗାଁରୁ ମଦାଙ୍ଗି ଯାଉଥିଲେ।

## ଗୁପ୍ତଧନ ସନ୍ଦେହରେ ଏମାରମଠରେ ଖୋଳିଲେ, ବାହାରିଲା ଲୁହା

ପୁରୀ, ୦୪/୦୨ (ନି.ପ୍ର): ଗୁପ୍ତଧନ ଥିବା ସନ୍ଦେହ କରି ଐତିହ୍ୟପୂର୍ଣ୍ଣ ଏମାରମଠରେ ଆଜି ତିନିଟି ସ୍ଥାନରେ ଖୋଳା ଯାଇଥିଲା। ହେଲେ ସେଠାରୁ ମିଳିଲା ନାହିଁ ଗୁପ୍ତ ଧନ। ସେଠାରୁ ଗୋଟିଏ ଲୁହା ଖଣ୍ଡ ବାହାରିବା ଦେଖିବାକୁ ମିଳିଥିଲା। ୨୦୧୧ ମସିହାରେ ୫୨୨ ଖଣ୍ଡ ଓ ୨୦୨୧ ମସିହାରେ ୪୫ ଖଣ୍ଡ ରୁପା ଇଟା ଏହି ମଠରୁ ବାହାରିଥିଲା। ପୁରୀର ଏମାରମଠରେ ଗୁପ୍ତଧନ ଥିବା ନେଇ ଚର୍ଚ୍ଚା ହୋଇଥିଲା। ଏହାପରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ନାରାୟଣ ରାମାନୁଜ ଦାସ, ଜିଲ୍ଲାପ୍ରଶାସନର ଅଧିକାରୀ ଓ ପୁଲିସ ମଠରେ ପହଞ୍ଚି ଥିଲେ। ମଠର ବିଭିନ୍ନ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଏହା ପରେ ଖନନ ଆରମ୍ଭ ହୋଇଥିଲା। ପ୍ରଥମେ ମଠର ମୁଖ୍ୟ ପ୍ରବେଶ ପଥ ନିକଟରେ ଖନନ କରାଯାଇଥିଲା। ସେଠାରୁ



କିଛି ଗୁପ୍ତଧନର ସନ୍ଧାନ ମିଳିନଥିଲା। ଏହା ପରେ ଝୁଲଣ ମଣ୍ଡପରେ ପୂର୍ବ ଚିହ୍ନଟ ହୋଇଥିବା ଦୁଇଟି ସ୍ଥାନରେ ଖୋଳା ଯାଇଥିଲା। ସେଠାରୁ ୫୦୦ ଗ୍ରାମ ଓଜନର ଖଣ୍ଡିଏ ଲୁହା ମିଳିଥିଲା। ଐତିହ୍ୟ ବାହନ କରୁଥିବା ପୁରୀର ପ୍ରତିଷ୍ଠିତ ଏମାରମଠ ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ସମୟରେ ଲକ୍ଷଲକ୍ଷ ଲୋକଙ୍କୁ ଅନ୍ନ ଯୋଗାଇଥିଲା। ଶିକ୍ଷା କ୍ଷେତ୍ରରେ ମଧ୍ୟ ବହୁ ଅବଦାନ ରହିଛି। ଏହି ମଠର ପ୍ରଚେଷ୍ଟାରେ ୧୯୨୧ ମସିହାର ରଘୁନନ୍ଦନ ଲାଇବ୍ରେରୀ ସହ ଅନେକ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର କରାଯାଇଥିଲା। ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଏମାରମଠର ସିଂହଭାଗ ଉଚ୍ଛେଦ କରାଯାଇଛି। ଏମାରମଠର ଝୁଲଣ ମଣ୍ଡପ, ମନ୍ଦିର, ଗାଦି ଘର, ମହନ୍ତଙ୍କ ବାସସ୍ଥାନ ବିକାଶ କରାଯାଇଛି।

## ମହିଳାମାନଙ୍କ ବିବାହ ବୟସ ବୃଦ୍ଧିକୁ ନେଇ ଆଲୋଚନା ଚକ୍ର

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ କଲେଜ ପରିସରରେ ଅଫ୍‌ଲାଇନ୍ ଓ ଅନଲାଇନ ମାଧ୍ୟମରେ ସ୍ୱର, ଭାରତୀୟ ସ୍ତ୍ରୀ ଶକ୍ତି ଓଡ଼ିଶା ଶାଖା, ମାଧମ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ତରଫରୁ ମହିଳାମାନଙ୍କ ବିବାହ ବୟସକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ ନିଷ୍ପତି ମହିଳା ମାନଙ୍କର ବିବାହର ବୟସ ୧୮ରୁ ୨୧ବର୍ଷକୁ ବୃଦ୍ଧି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଏହିସବୁ ସଂଗଠନମାନଙ୍କ ତରଫରୁ ମତପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ଭାରତର ୧୭ଟି ରାଜ୍ୟରୁ ମହିଳା ସଶକ୍ତିକରଣର ପ୍ରତିନିଧିମାନେ ଯୋଗ ଦେବା ସହିତ କଲେଜର ଅଧାପକ, ଅଧାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏଥିରେ ସ୍ୱରର ମ୍ୟାନେଜିଂ ଟ୍ରଷ୍ଟି ଚନ୍ଦନା ଦାସ ସଭାପତିତ୍ୱ କରି ତାଙ୍କ ଭାଷଣରେ କହିଲେ ଯେ, ମହିଳାଙ୍କ ବିବାହ ବୟସ ସରକାର ୨୧ବର୍ଷକୁ ବୃଦ୍ଧି କରି ଏକ ଉନ୍ନତ ସମାଜ ଗଠନ ଦିଗରେ ଏକ ଦୃଢ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀରୁ ଆଭାସୀ ମାଧ୍ୟମରେ ଜାତୀୟ ମହିଳା କମିଶନର ଅଧକ୍ଷା ରେଖା ଶର୍ମା ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, ସରକାର ମହିଳାଙ୍କ ବୟସକୁ ବୃଦ୍ଧି କରି ସମାଜରେ କେତେ ଯେ ହିତ ସାଧନ କଲେ ତାହାକୁ ବଖାଣିବା ଏତେଟା ସହଜ ନୁହେଁ। ମହିଳାଙ୍କ ସବୁ ପ୍ରକାର ଉନ୍ନତି ଏହା ମାଧ୍ୟମରେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଷ୍ଟ୍ରୀୟ ଭାରତୀୟ ସ୍ତ୍ରୀ ଶକ୍ତିର ସମ୍ପାଦିକା ▶▶ପୃଷ୍ଠା ୭

## ମୁଖ୍ୟ ଯନ୍ତ୍ରୀ ରବି ନାରାୟଣ ପୁଷ୍ଟି ଗିରଫ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଇଂଜିନିୟର ରବି ନାରାୟଣ ପୁଷ୍ଟିଙ୍କୁ ଗିରଫ କରିଛି ଭିଜିଲାନ୍ସ। ଏହାସହ ଶ୍ରୀ ପୁଷ୍ଟିଙ୍କ ସମୁଦାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ଜବତ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶ୍ରୀ ପୁଷ୍ଟିଙ୍କର ଭୁବନେଶ୍ୱରର ପଟିଆ, କଲଭିକ୍ କିଙ୍ଗ୍ ପ୍ରାସାଦରେ ଥିବା ଆବାସିକ ଫ୍ଲାଟ, ପୁରୀର ଭକ୍ତ ନିବାସ ଠାରେ ଏକ କୋଟିରୁ ଅଧିକ ସମ୍ପତି ରହିଛି। ସେହିପରି ଗଜପତି ପ୍ରାସାଦରେ ଫ୍ଲାଟ, ଜଗମୋହନ ନଗର, ଜାଗମରା, ବାରଭୁଜା ମାର୍କେଟ କମ୍ପ୍ଲେକ୍ସରେ ଦୋକାନ, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱରରେ ସମ୍ପର୍କୀୟଙ୍କ ଘର, ଶ୍ରୀକ୍ଷେତ୍ର ନିବାସରେ ଫ୍ଲାଟ ଗୁଡିକରେ ଚଢ଼ଉ କରାଯାଇଉଛି। ଚଢାଉ ବେଳେ ଜଣାପଡିଛି ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତ ବାରଭୂଜା ମାର୍କେଟ କମ୍ପ୍ଲେକ୍ସରେ ତାଙ୍କର ଗୋଟିଏ ଦୋକାନ ଅଛି। ଭୁବନେଶ୍ୱରର ପ୍ରମୁଖ ସ୍ଥାନ ଓ ଏହା ଆଖପାଖରେ ତାଙ୍କର ତିନିଟି ପ୍ଲଟ୍ ରହିଛି। ଏଗୁଡ଼ିକର ବଜାର ମୂଲ୍ୟ କୋଟି କୋଟି ଟଙ୍କା। ଏହି ପ୍ଲଟ ଗୁଡ଼ିକର କିଣାବିକା ବେଳେ ଯାବତୀୟ ଅନିୟମିତତା ହୋଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେଥିପାଇଁ ଏ ଦିଗରେ ତଦନ୍ତ ଜାରି ରହିଛି। ରବି ନାରାୟଣ ପୁଷ୍ଟିଙ୍କର ବ୍ୟାଙ୍କ, ବୀମା ଓ ବଣ୍ଡ ଜମା ବାବଦକୁ ୮୯.୬୪ ଲକ୍ଷ ଟଙ୍କା ରହିଛି। ତାଙ୍କ ପାଖରୁ ୩୫୫ ଗ୍ରାମ ସୁନା ଓ ୬୯୨ ଗ୍ରାମ ରୁପା ଅଳଙ୍କାର ଜବତ କରାଯାଇଛି। ଏହା ସହିତ ତାଙ୍କର ଗୋଟିଏ ଚାରି ଚକିଆ ଓ ତିନିଟି ଦୁଇ ଚକିଆ ଯାନକୁ ଜବତ କରାଯାଇଛି। ଶ୍ରୀ ପୁଷ୍ଟି ରାଜ୍ୟ ବାହାରେ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ତେଣୁ ସେ ଦିଗରେ ତଦନ୍ତ ଜାରି ରଖାଯାଇଛି। ସୂଚନାଯୋଗ୍ୟ, ଗତକାଲି ୮ ଜଣ ଡେପୁଟି ଏସ୍‌ପିଙ୍କ ନେତୃତ୍ୱରେ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ସାତୋଟି ସ୍ଥାନରେ ଇନ୍ସପେକ୍ଟର ଓ ୫ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ରହିଥିଲେ।

## ମିଲର୍ସଙ୍କ ଟଙ୍କାରେ ପଂଚାୟତ ନିର୍ବାଚନ ଲଢୁଛି ବିଜେଡି : ପ୍ରଦୀପ ପୁରୋହିତ୍

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ରାଜ୍ୟରେ ବିଜେଡି ସରକାର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ମସଗୁଲ୍ ଥିବାବେଳେ ମିଲର୍ସମାନଙ୍କ ଅକ୍ତିଆରରେ ମଣ୍ଡି ଏବଂ ସରଳ ଚାଷୀ। ଚଳିତ ପଂଚାୟତ ନିର୍ବାଚନ ପାଇଁ ଶାସକ ବିଜେଡିକୁ ୫୦୦ କୋଟି ଟଙ୍କାର ଦଳୀୟ ଚାନ୍ଦା ପ୍ରଦାନ କରିବାର ଦାୟୀତ୍ୱ ନେଇଥିବା ମିଲର୍ସମାନେ ଚାଷୀମାନଙ୍କୁ ଶୋଷଣ କରିଚାଲିଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଚାଷୀମାରଣ ନୀତିକୁ ସ୍ପଷ୍ଟ କରିଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ମଣ୍ଡିର ବ୍ୟାପକ ଅବ୍ୟବସ୍ଥା କାରଣରୁ ସରଳ ଚାଷୀ ଶୋଷଣର ଶିକାର ହେଉଛି। କ୍ୱିଂଟାଲ ପିଛା ୮-୧୦ କେଜି କଟନୀ ଛଟନୀରେ ଚାଷୀମାନେ ଧାନ ବିକ୍ରି କରୁଛନ୍ତି। ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ତ ଦୂର କଥା କ୍ୱିଂଟାଲ ପିଛା ମାତ୍ର ୧୦୦୦ ଟଙ୍କାରେ ବିକ୍ରି କରି ଚାଷୀ ବହୁ ପରିମାଣରେ କ୍ଷତି ସହୁଛି। ଚଳିତ ବର୍ଷ ଧାନ କିଣା ପାଇଁ ରାଜ୍ୟ ସରକାର ଯେଉଁ ପଲିସି ପ୍ରଚଳନ କରିଥିଲେ, ତାହା ସଂପୂର୍ଣ୍ଣ ଧୂଳିସାତ ହୋଇଛି। ଧାନ କିଣିବା ପାଇଁ ୧୫୧ ଦିନର ଅବଧି ନଭେମ୍ବର ୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଥିଲା। ପ୍ରତିଦିନ ଚାଷୀଙ୍କଠାରୁ ମଣ୍ଡିରେ ଧାନ କିଣାଯିବ ସହିତ କେଉଁ ତାରିଖରେ କେଉଁ ମଣ୍ଡିକୁ ଏବଂ ଟୋକନର ସୁଚନାକୁ ଚାଷୀମାନଙ୍କ ମୋବାଇଲ ଜରିଆରେ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ବାସ୍ତବରେ ଏହା କେବଳ ଘୋଷଣାରେ ସୀମିତ। ବରଗଡ, ସମ୍ବଲପୁର, କଳାହାଣ୍ଡି, ସୋନପୁର ଜିଲ୍ଲା ଭଳି ଜଳସେଚିତ ଅଂଚଳରେ ବିଳମ୍ବରେ ହେଲେ ମଧ୍ୟ ନଭେମ୍ବର ୨୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇଥିଲା। ଏହା ପୂର୍ବରୁ ଅଧିକାଂଶ ମିଲର୍ସମାନେ ମାତ୍ର ୧୦୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣି ନିଜ ଟାର୍ଗେଟ ପୁରଣ କରିସାରିଥିଲେ। ଚାଷୀର ଏଭଳି ଶୋଷଣ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ। ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କାରୁ କମ୍ ଦରରେ ଧାନ କିଣିଲେ ମିଲର୍ସମାନଙ୍କୁ ଗିରଫ କରାଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଧମକ ଚାଷୀଙ୍କ ସ୍ୱାର୍ଥରେ ନା ୫୦୦ କୋଟି ଟଙ୍କା ଚାନ୍ଦା ଦେଇଥିବା ମିଲର୍ସମାନଙ୍କ ସ୍ୱାର୍ଥରେ, ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଉଚିତ୍। ଷଡଯନ୍ତ୍ର କରି ଚାଷୀମାନଙ୍କଠାରୁ କମ୍ ଦରରେ ଧାନ କିଣିଥିବା ମିଲର୍ସ ଏବଂ ସଂପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି। ଚଳିତ ବର୍ଷ ପାଇଁ ୬୪ ଲକ୍ଷ ମେଟ୍ରିକ ଟନ୍ ଧାନ ▶▶ପୃଷ୍ଠା ୭

# କରୋନା ମହାମାରୀ ସମୟରେ ଗାଁକୁ ଫେରିଲା ଚାଟଶାଳୀ ପାଠ

ଖୋର୍ଦ୍ଧା,୪/୨ (ନି.ପ୍ର): କରୋନା ମହାମାରୀ ବିଶ୍ୱକୁ ଅନେକ ଦୁଃଖ ଦେଇଥିବାବେଳେ ପୁରୁଣା ସ୍ମୃତିକୁ ମଧ ମନ ପକାଇଦେଇଛି । ଏହି ସମୟରେ ମନୁଷ୍ୟ ଜୀବନର ମୂଲ୍ୟ ବୁଝିଛି । ସାଙ୍ଗ ସମ୍ପର୍କୀୟଙ୍କ ଗୁରୁତ୍ୱ ବୁଝିଛି । ପାରିବାରିକ ସମ୍ପର୍କ ଆହୁରି ନିବିଡ଼ ହୋଇଛି । ତେବେ ଏହା ଭିତରେ ଏବେ ଆଉ ଏକ ଦୃଶ୍ୟ ସାମ୍ନାକୁ ଆସିଛି, ଯାହା ପିଲା ବେଳର ସ୍ମୃତିକୁ ଉଜ୍ଜୀବିତ କରିଦେଇଛି । ତାହା ହେଲା ଚାଟଶାଳୀ ପାଠ । ଯେଉଁ ଚାଟଶାଳୀ ପାଠ କାହିଁ କେଉଁ କାଳରୁ ବନ୍ଦ ହୋଇଯାଇଛି, ଏବେ ପୁଣି ତାହା ଆରମ୍ଭ ହୋଇଛି । କରୋନା ଲାଗି ଦୀର୍ଘ ଦୁଇ ବର୍ଷ ହେଲା ବିଦ୍ୟାଳୟ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧକୁ ଠେଲି ହୋଇଯାଇଛି । ବିଶେଷ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବେଶୀ ପ୍ରଭାବିତ ହୋଇଛନ୍ତି । ପୂର୍ବରୁ ପିଲାମାନଙ୍କୁ ଅନଲାଇନ ଶିକ୍ଷାଦାନ ଜାରି ରହିଥିବା ସତ୍ତ୍ୱେ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ । କାରଣ ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ ନାହିଁ କି ସମସ୍ତେ ଡାଟା ପ୍ୟାକ ପକାଇବାକୁ ସମର୍ଥ ନୁହନ୍ତି । ସେହିପରି ଏକାଧିକ ଗ୍ରାମୀଣ ଅଂଚଳରେ ନେଟୱାର୍କ ସମସ୍ୟା ଦେଖାଯାଉଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସବୁ ବ୍ଲକରେ ଆରମ୍ଭ ହୋଇଯାଇଛି ଚାଟଶାଳୀ ପାଠ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକର ପ୍ରତ୍ୟକ ଗ୍ରାମକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯାଇ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଗ୍ରୁପ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷାଦାନ ଦେବେ । ତେବେ ଏହି ଯୋଜନାର କାର୍ଯ୍ୟକାରିତା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ ଅଂଚଳରେ । ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ ଗ୍ରାମକୁ ଯାଇ ଚାଟଶାଳୀ ପାଠ ପଢ଼ାଉଛନ୍ତି । କିଏ ଗ୍ରାମର କୋଠାଘରେ ହେଉ ଅବା ମହିଳା ସମିତି ଗୃହ ବାରଣ୍ଡାରେ କିମ୍ବା ଗ୍ରାମର ଖୋଲା ସ୍ଥାନରେ ହେଉ ଆରମ୍ଭ କରିଦେଇଛନ୍ତି ପିଲାଙ୍କୁ ପାଠପଢ଼ା । ପିଲାମାନେ ମଧ ବେଶ୍ ଖୁସିରେ ପାଠ ପଢୁଥିବାର ଦେଖାଯାଇଛି । ଅଭିଭାବକମାନେ ସରକାରଙ୍କ ଉକ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । କୌଣସି ଛାତ୍ର ଛାତ୍ରୀ ଯେପରି ପ୍ରାଥମିକ ଶିକ୍ଷାଦାନରୁ ବଂଚିତ ନହୁଅନ୍ତି ତାହାକୁ ଦେଖିବା ଏବଂ ସେଥିନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ଆମର କର୍ତବ୍ୟ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଜାଲି କହିଛନ୍ତି । ତେବେ ବିଦ୍ୟାଳୟ ପୂର୍ଣ୍ଣମାତ୍ରାରେ ନଖୋଲିବା ପର୍ଯ୍ୟନ୍ତ ଏହିପରି ଚାଟଶାଳୀ ଶିକ୍ଷାଦାନ ଜାରି ରହିବ । ଅନୁରୂପ ଭାବେ ଅଦ୍ୟାବଧି ବାଣପୁର ବ୍ଲକର ଛାତ୍ରଛାତ୍ରୀଙ୍କୁ ଅନଲାଇନ ଓ ୟୁଟ୍ୟୁବ ମାଧ୍ୟମରେ ମଧ ଶିକ୍ଷାଦାନ ଜାରି ରହିଛି । ତେବେ ଯାହା ହେଉନା କାହିଁକି, ପାଶ୍ଚାତ୍ୟ ସଂସ୍କୃତିର ବଶବର୍ତୀ ହୋଇପଡିଥିବା ଆଜିର ପିଢ଼ି ପୁଣି ଚାଟଶାଳୀ ପାଠ ମାଧ୍ୟମରେ ନିଜସ୍ୱ ସଂସ୍କୃତିକୁ ଆପଣଉଥିବାର ଦେଖାଯାଇଛି ।

# ଜନ ବିରୋଧୀ କାର୍ଯ୍ୟ କରୁଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର : ନରସିଂହ

ବଲାଙ୍ଗିର ,୪/୨ (ନି.ପ୍ର): ଜନସ୍ୱାର୍ଥରେ କାମ କରିବା ପାଇଁ ଲୋକେ ରାଜ୍ୟ ତଥା କେନ୍ଦ୍ର ସରକାର ନିର୍ବାଚିତ କରନ୍ତି । କିନ୍ତୁ କେନ୍ଦ୍ର ତଥା ରାଜ୍ୟରେ ଜନତାଙ୍କ ସମର୍ଥନରେ ନିର୍ବାଚିତ ହୋଇଥିବା ସରକାର ନିର୍ବାଚନ ପରେ ଜନସ୍ୱାର୍ଥ ଭୁଲି କେବଳ ଦଳ ସ୍ୱାର୍ଥରେ କାମ କରୁଥିବା ଦେଖା ଯାଉଛି । ଚାଷୀ ତାର ଅମଳର ଉଚିତ ମୂଲ୍ୟ ପାଉ ନାହିଁ, ସ୍କୁଲରେ ଶିକ୍ଷକ ଅଭାବ, ଶିକ୍ଷକଙ୍କୁ ଉପଯୁକ୍ତ ଦରମା ଅଭାବ, ପାଠ ପଢି ସାରିଲେ ଚାକିରୀ ଅଭାବ, ଇନ୍ଦିରା ଆବାସ ତଥା ବିଭିନ୍ନ ଭତା ପ୍ରଦାନରେ ପ୍ରବଳ ଦୁର୍ନିତି, ଆଦିବାସୀ ଓ ପଛୁଆ ବର୍ଗଙ୍କୁ ରାଜନିତୀ ସଂରକ୍ଷଣରୁ ବାଦ ଦେବା ଭଳି ଉଭୟ ସରକାର ବିରୁଦ୍ଧରେ ଅନେକ ଅଭିଯୋଗ ଲୋକେ କରୁଛନ୍ତି । ତେବେ ସମାଜର ସମସ୍ତ ବର୍ଗ ଆଜି ଉଭୟ ସରକାରଙ୍କ ଦ୍ୱାରା ଉପେକ୍ଷିତ । ଏଣୁ ଏହି ଉଭୟ ଜନବିରୋଧି ସରକାରଙ୍କୁ ଉଚିତ ଜବାବ ଦେବା ପାଇଁ ଏଥର ଜିଲ୍ଲା ପରିଷଦ ନିର୍ବାଚନରେ ଜୋନ ନଂ ୧୩ର କଂଗ୍ରେସ ପ୍ରାର୍ଥିନୀ ମୁକ୍ତାଦେଇ ତାଣ୍ଡିଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯିକ୍ତ କରନ୍ତୁ ବୋଲି ଆଜି ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର ପ୍ରଚାର ସମୟରେ ନିଜ ବକ୍ତବ୍ୟରେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଯୋଉ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଜନସାଧାରଣଙ୍କ ଜିବନକୁ ସରସ ସୁନ୍ଦର କରି ଗଢିବାର ପ୍ରତିଶୃତି ଦେଇ ଗାଦି ହାତେଇ ଥିଲେ ସେମାନେ ଆଜି ଅତ୍ୟାବଶକୀୟ ସାମଗ୍ରିର ଦରଦାମ ବୃଦ୍ଧି କରି ଜନସାଧାରଣଙ୍କ ଜିବନକୁ ନର୍କକୁଣ୍ଡରେ ପରିଣତ କରିଛନ୍ତି । ପେଟ୍ରୋଲ, ଡିଜେଲ, ଖାଇବା ତେଲ, ଡାଲି, ରନ୍ଧନ ଗ୍ୟାସ ର ଦରଦାମ ଆଜି ଆକାଶ ଛୁଆଁ । ଜନମାନସରେ ଲଗାତାର ବିରୋଧ ସତ୍ତ୍ୱେ ଏହି ଉଭୟ ସରକାର ଦରଦାମ ନିୟନ୍ତ୍ରଣ କରିବା ପରିବର୍ତେ ସରକାରୀ ଖଜଣା ଭରିବା ପାଇଁ ଟ୍ୟାକ୍ସ ବୃଦ୍ଧି କରି ଗରିବ ଜନତାଙ୍କୁ ଶୋଷଣ କରିବାରେ ମାତିଛନ୍ତି । ଯଦ୍ୱାରା ଲୋକଙ୍କ ସାଧାରଣ ଜିବନ ଯାପନ ମଧ ଢେର ପ୍ରଭାବିତ ହୋଇଛି । ଯୁଆଡେ ଦେଖିଲେ ସେଠି ନାରୀ ନିର୍ଯ୍ୟାତନା, ଚୋରି, ଡକାୟତି, ରାହାଜାନି, ନିଶା କାରବାର ଚାଲିଛି । ପୋଲିସ ସେସବୁକୁ କାବୁ କରିବା ପରିବର୍ତେ ଗରିବ ଜନତାଙ୍କୁ ହଇରାଣ କରୁଛି । ଏସବୁ ସମସ୍ୟା ଦ୍ୱାରା ଉଭୟ ଦଳ ସାଧାରଣ ଜନତାଙ୍କ ରୋଷର ଶିକାର ହେବେ । ଲୋକେ ପୁଣି ଗରିବ ଅସହାୟଙ୍କ ସାଥି କଂଗ୍ରେସ ଦଳ ଉପରେ ବିଶ୍ୱାସ ପ୍ରକଟ କରି କଂଗ୍ରେସ ଦଳ ପ୍ରାର୍ଥିମାନଙ୍କ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । କଂଗ୍ରେସ ଦଳର କାର୍ଯ୍ୟବିଧି ତଥା ନରସିଂହ ମିଶ୍ର ନେତୃତ୍ୱରେ ପ୍ରଭାବିତ ହୋଇ ଅଂଚଳର ଜଣାଶୁଣା ନେତ୍ରୀ ପାର୍ବତୀ ସାହୁ ନିଜ ସହଯୋଗୀମାନଙ୍କ ସହ ଆଜି କଂଗ୍ରେସ ଦଳକ ପ୍ରତ୍ୟାବର୍ତନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ର ଓ ଦେଓଗାଁ ଜିଲ୍ଲା ପରିଷଦ ପ୍ରାର୍ଥିନୀ ମୁକ୍ତାଦେଇ ତାଣ୍ଡିଙ୍କ ବ୍ୟତିତ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ସେବାଦଳ ମୁଖ୍ୟ ଅସିତ ମିଶ୍ର, ପୂର୍ବତନ ବ୍ଲକ ଅଦ୍ଧକ୍ଷ୍ୟ କୈଳାସ ତାଣ୍ଡି, ପପୁ ପାତ୍ର, କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋହନା- ଆର.ଉଦୟଗିରି ରାସ୍ତା ପାଲଟିଛି ମରଣଯନ୍ତା

ଆର.ଉଦୟଗିରି,୪/୨ (ନି.ପ୍ର): ଗଜପତି ଜିଲା ଆର.ଉଦୟଗିରି ଠାରୁ ମୋହନା ରାସ୍ତାକୁ ଦୀର୍ଘ ୮ବର୍ଷ ତଳେ ପୂର୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା । ରାସ୍ତାଟି ରାଜ୍ୟ ରାଜପଥ ନଂ ୩୨୬ (ଏ) ରୂପେ ଘୋଷଣା ହେବାପରେ ୨୦୧୬ ରେ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର ହୋଇଥିଲା । ଆଜି ପର୍ଯ୍ୟନ୍ତ ଆର,ଉଦୟଗିରି ଶଙ୍କନଦୀ ନିକଟରେ ପୋଲ ସମୁଖରେ ବଡ ଖାଲ ମରାମତି ହୋଇ ପାରିଲାନି । ସେହି ପରି ଚାନ୍ଦିପୁଟ ହାଟପଦା ନିକଟରେ ଥିବା ପୋଲ ଏବଂ ମାଣିକପୁର ନିକଟରେ ମଧ ଏକ ବଡ ଗର୍ତ ରହିଛି । ଚାନ୍ଦିପୁଟ ଓ ମାଣିକପୁର ଠାରେ ଦୁର୍ଘଟଣା ଘଟିବା ପରେ ପଥର ଗୁଣ୍ଡ ପକାଇ କାମ ଚଳା ଯାଇଛି । ଅଦିନିଆ ବର୍ଷାରେ ତାହା ଧୋଇ ହୋଇଯାଇଛି । ସେହିପରି ମୋହନା ଲେଡେବନ୍ଧ ପୋଲ ନିକଟରେ ବିରାଟ ବଡ ଖାଲ ହୋଇଯାଇଛି । ଏଠାରେ ବାରମ୍ବାର ଦୁର୍ଘଟଣାର ଶୀକାର ହେଉଛନ୍ତି ଲୋକେ । ମୋହନା ଠାରୁ ଆର.ଉଦୟଗିରି ୪୭ କି.ମି. । କିନ୍ତୁ, ମୋଟର ସାଇକଲ ଓ ବସ୍ ରେ ଦୁଇ ଘଂଟାରୁ ତିନି ଘଂଟା ସମୟ ଲାଗୁଛି । ଏହି ରାସ୍ତାରେ ୩ ଶହରୁ ଉର୍ଦ୍ଧ୍ୱ ଖାଲ ଖମା ରହିଛି । ଏହି ରାସ୍ତା ଦେଇ ବିଭାଗୀୟ ଯନ୍ତ୍ରୀ, ଜନ ପ୍ରତିନିଧି ଏବଂ ପଦାଧିକାରୀ ଯାତାୟାତ କରୁଛନ୍ତି । ତଥାପି ଏହାର ପୁନରୁଦ୍ଧାର ଚିନ୍ତା କରୁନଥିବା ଅଂଚଳବାସୀ ଅଭିଯୋଗ କରୁଛନ୍ତି । ରାସ୍ତା ଉପରେ କିନ୍ତୁ ଲକ୍ଷ ଲକ୍ଷ ଟଙ୍କାର ଟିକସ ଆଦାୟ ହେଉଛି । ଦୀର୍ଘ ବର୍ଷ ହେବ ରାସ୍ତାର ଦୁଇ ପାର୍ଶ୍ୱରୁ ଲଟାବୁଦା ସଫା କରାଯାଉନି, ଯାହାଫଳରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି । ଆର,ଉଦୟଗିରିରୁ ଖଜୁରିପଦା ରାସ୍ତାରେ ବାଦପୁର ଘାଟିରେ ରାସ୍ତା ଅତି କଦର୍ଯ୍ୟ ହୋଇଥିବା ବିଷୟ ନେଇ ଯନ୍ତ୍ରୀଙ୍କୁ ବହୁବାର ଜଣାଇଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ । ପ୍ରତିବର୍ଷ ରାସ୍ତା ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା କାମ କାଗଜ ପତ୍ର କରାଯାଉଛି । ଆର.ଉଦୟଗିରି ଆସିଡିଏସ ଅଫିସରୁ ରାସ୍ତାର ଦୁଇ ସାଇଡ୍ ଡ୍ରେନ ନଥିବାରୁ ସାମାନ୍ୟ ବର୍ଷା ହେଲେ ଗ୍ରାମର ସମସ୍ତ ଅଳିଆ ରାସ୍ତା ଉପରେ ଭାସୁଛି ତାହାସହ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚତାରେ ପାଣି ଜମି ଯାଉଛି । ଯାହାଫଳରେ ଲୋକେ ଯାତାୟତ କରିବା ଭାରି ଅସୁବିଧା ହେଉଛି । ଆର. ଉଦୟଗିରି ସଙ୍କନଦୀ ଉପରେ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହୁଛି । ଏଠାରେ ନିଯୁକ୍ତ ହୋଇଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଆର.ଉଦୟଗିରିରେ ନ ରହି ସେମାନେ ପାରଳାଖେମଣ୍ଡି ରହୁଛନ୍ତି । ଏଣେ ଜାତୀୟ ରାଜପଥ ନଂ ୩୨୬କୁ ମରାମତି କରାନଗଲେ ଆଗାମୀ ଦିନରେ ରାସ୍ତା ଅବରୋଧ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି । ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ହଂସବର୍ଦ୍ଧନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ମୋହନାରୁ ଚଚାଂଘାଟି ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ୧୫ କୋଟି ଆସିଛି ଏବେ ଏହି ରାସ୍ତାର ସଫାକାମ ଚାଲିଛି । ଚଚାଂଘାଟିରୁ ହାତିବାଡି ରାସ୍ତା କାମ ପାଇଁ ଆମେ ସେଂଟରକୁ ଏଷ୍ଟିମେଂଟ ପଠାଇଛୁ, ଟଙ୍କା ଆସିଲେ କାମ ହେବ ବୋଲି କହିଥିଲେ ।

# ନିର୍ବାଚନ ମଇଦାନରେ ଦୁଇ ଶିକ୍ଷିତ ଭିନ୍ନକ୍ଷମ ଯୁବକ

ସାଲେପୁର,୪/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଏଥର ଦୁଇ ଶିକ୍ଷିତ ଦିବ୍ୟାଙ୍ଗ ଯୁବକ ନିର୍ବାଚନ ମଇଦାନରେ ପାଦ ଥାପିଛନ୍ତି । ଏହି ବ୍ଲକ ଅଧିନସ୍ଥ କଟରପଡା ପଂଚାୟତ ୧୨ ନମ୍ବର ୱାର୍ଡ ସାଙ୍କିଲୋ ଗ୍ରାମର ଦାଶରଥି ମଣ୍ଡଳଙ୍କ ଜ୍ୟେଷ୍ଠପୁତ୍ର ଦିବ୍ୟାଙ୍ଗ ଯୁବକ ପତିତପାବନ ମଣ୍ଡଳ (୨୪ ବର୍ଷ) ୱାର୍ଡସଭ୍ୟ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ । ଏହି ୱାର୍ଡର ଲୋକମାନେ ଜଣେ ଦିବ୍ୟାଙ୍ଗ ନିର୍ବାଚନ ଲଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବାରୁ ସମସ୍ତେ ଏକଜୁଟ୍ ହୋଇ ତାଙ୍କ ବିରୋଧରେ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ କରିଲେ ନାହିଁ । ଏହି ୱାର୍ଡର ଲୋକମାନଙ୍କର ମାନବିକତା ଯୋଗୁ ସଂପୃକ୍ତ ଦିବ୍ୟାଙ୍ଗ ଯୁବକ ଜଣକ ନିଦ୍ୱନ୍ଦ୍ୱରେ ୱାର୍ଡ ସଭ୍ୟ ପଦବୀ ପାଇଥିବା ଜଣାଯାଇଛି । ସେ ଜଣେ ପରୋପକାରୀ ଓ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ୱାର୍ଡର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପ୍ରିୟଭାଜନ ହୋଇଥିଲେ । ପତିତପାବନ ମାଟ୍ରିକ ପରେ ଆଇ.ଟି.ଆଇ. ପାସ୍ କରି ଗ୍ରାମରେ କୌଣସି ବ୍ୟକ୍ତିର ଇଲେକ୍ଟ୍ରିକ ଲାଇନ, ଫ୍ୟାନ, ରେଡିଓ, ମୋବାଇଲ ଖରାପ ହେଲେ ବିନା ଅର୍ଥରେ ସେଗୁଡିକୁ ସଜାଡିବା ସହ ସେବା ଯୋଗାଇଥାଆନ୍ତି । ଏହାଛଡା ଯେଉଁ ଦରିଦ୍ର ଲୋକମାନେ ସରକାରଙ୍କ ଯୋଜନାରେ ସଂପୃକ୍ତି ହୋଇପାରନ୍ତି ନାହିଁ ସେମାନଙ୍କୁ ସାହାଯ୍ୟ ସହଯୋଗ ମଧ କରିଥାଆନ୍ତି । ଏପରି ସେବାମନୋବୃତି ନେଇ କାର୍ଯ୍ୟ କରୁଥିବାରୁ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରକାଶ କରିଛନ୍ତି । ସେହିପରି ଏହି ବ୍ଲକ ଅଧିନସ୍ଥ କଟିକଟା ଗ୍ରାମପଂଚାୟତ ସମିତି ସଭ୍ୟ ପ୍ରାର୍ଥୀ ରୂପେ ଜଣେ ଦଳିତ ଦିବ୍ୟାଙ୍ଗ ଯୁବକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ପଂଚାୟତ ଅଧିନସ୍ଥ ନୂଆଗାଁର ଅନନ୍ତ ମଳିକଙ୍କ ପୁତ୍ର ପ୍ରସନ୍ନ କୁମାର ମଳିକ ଜଣେ ଦିବ୍ୟାଙ୍ଗ ଅଟନ୍ତି । ସେ ଦିବ୍ୟାଙ୍ଗ ଭତା ମଧ ପାଉଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ପ୍ରସନ୍ନ କଟିକଟା ଗ୍ରାମପଂଚାୟତ ସମିତି ସଭ୍ୟ ରୂପେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କ ସହ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ବଲାଙ୍ଗିର ସିଭିଲ କୋର୍ଟ ସିରସ୍ତାଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗିର,୪/୨ (ନି.ପ୍ର): ଆଜି ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଜିଲ୍ଲା ଜଜ କୋର୍ଟ ସିରସ୍ତଦାର ରଘୁନାଥ ପ୍ରଧାନଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବଲାଙ୍ଗିର ଜିଲ୍ଲା ବିଚାର ବିଭାଗୀୟ କର୍ମଚାରୀ ସଂଘ ସଭାପତି ପ୍ରକାଶ କୁମାର ନେପାକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଦୌରା ଜଜ ଲୋକନାଥ ମହାପାତ୍ର ଉପସ୍ଥିତ ରହି ଶ୍ରୀ ପ୍ରଧାନ ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ମାନପତ୍ର ପ୍ରଦାନ କରିଥିଲେ ।

## ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତିଙ୍କ ପରଲୋକ

ପୁରୀ,୪/୨ (ନି.ପ୍ର): ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ପରଲୋକ ହୋଇଯାଇଛି । ପରଲୋକ ଖବର ଶୁଣି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବର୍ତମାନର କୂଳପତି ପ୍ରଫେସର ହରିହର ହୋତା ସଭାପତିତ୍ୱ କରିଥିଲେ । ସ୍ନାତକୋତର ପରିଷଦ ଅଧକ୍ଷ ପ୍ରଫେସର ଏନ.ଆର ଏସ ଭଟ୍ଟାଚାର୍ଯ୍ୟ, ଡ଼କ୍ଟର ବସନ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ଶତପଥୀ , ଶ୍ୟାମ ହେମ୍ବ୍ରମ, ଡ଼କ୍ଟର ପୂର୍ଣ୍ଣଚନ୍ଦ୍ର ପାଢୀ , ଜଗନ୍ନାଥଙ୍କ ସଂସ୍କୃତି ପ୍ରଚାରକ ବିଶ୍ୱନାଥ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରି ଅମର ଆତ୍ମାଙ୍କ ସଦଗତି କାମନା କରିଥିଲେ ।

# ରାଜଘରପୋଖରୀ ପଂଚାୟତରେ ନିର୍ବାଚନ ପ୍ରଚାର



ବାସୁଦେବପୁର,୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ରାଜଘରପୋଖରୀ ପଂଚାୟତରେ ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଅରୁଣ କୁମାର ମହାନ୍ତି ଓରଫ ପପୁ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ତାଙ୍କର ଚିହ୍ନ ମାଛ ଚିହ୍ନ । ସେ ନିର୍ବାଚନ ରେ ବିଜୟ ଲାଭ କଲେ ବିଭିନ୍ନ ସମସ୍ୟା କୁ ସମାଧାନ କରିବେ ଓ ଦୁଃଖୀ ଗରିବ ଙ୍କୁ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଏଥି ସହିତ ସମିତି ସଭ୍ୟ ପ୍ରାର୍ଥୀ ଅମର କୁମାର ଦାସ କେଟିଲି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଏହି ପ୍ରାର୍ଥୀ ଦ୍ୱୟ ନିର୍ବାଚନ ରେ ବିଜୟ ଲାଭ କରିବେ ବୋଲି ଆଶା ରଖିଛନ୍ତି ।

## ପୋଷ୍ଟର ମାରିବା ଉପରେ କଟକଣା କାର୍ଯ୍ୟକାରୀ ହେଉନି

ଗଞ୍ଜାମ,୪/୨ (ନି.ପ୍ର): ପୋଷ୍ଟର ମାରିବା ଉପରେ କଟକଣା କାର୍ଯ୍ୟକାରୀ ହେଉନି । ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ମାନେ କାନ୍ଥରେ ପ୍ରଚାର ଲେଖିବା ଓ ପୋଷ୍ଟର ମାରିବା ଉପରେ ନିର୍ବାଚନ ଅଧିକାରୀ ଅଙ୍କୁଶ ଲଗାଇ କଟକଣା ଜାରୀ କରିଥିଲେ ମଧ ଏହାକୁ ପ୍ରାର୍ଥୀମାନେ ଭୃକ୍ଷେପ କରୁନଥିବା ଜଣାପଡିଛି । ଏସବୁ କାର୍ଯ୍ୟ ତଦାରଖ କରିବା ଦାୟିତ୍ୱ ପ୍ରଶାସନର ହୋଇଥିବାବେଳେ ପ୍ରଶାସନ ଏ ଦିଗରେ ନିରବଦ୍ରଷ୍ଟା ସାଜିଛି । ସ୍ୱାସ୍ଥ୍ୟ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତ୍ୟେକ ଗାଁ ଗହଳିରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ସ୍ୱାସ୍ଥ୍ୟ କାନ୍ଥ ତିଆରି କରି, ସେଥିରେ ସ୍ୱାସ୍ଥ୍ୟ ବାର୍ତା ପେଟିଂଙ୍ଗକରି ଲେଖାଯାଇଛି । କିନ୍ତୁ, ପିତଳ ପଂଚାୟତରେ କେତକ ପ୍ରାର୍ଥୀ ଏହି ଲେଖା ଉପରେ ପ୍ରଚାର ପତ୍ର ମାରି ବାର୍ତାକୁ ବିକୃତ କରି ସରକାରଙ୍କ ଅର୍ଥ ବରବାଦ କରିଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ବିଦ୍ୟାଳୟରେ ବିଏସଏଫ ତରଫରୁ ଡଗ୍ ସୋ

ଜୟପୁର ,୪/୨ (ନି.ପ୍ର): ଜୟପୁର ସେଂଟ ଜାଭିୟର ହାଇସ୍କୁଲରେ ଏକ ଡଗ ସୋ ଓ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆତଙ୍କବାଦୀ ଯୋଜନାକୁ କିପରି କୁକୁର ଙ୍କ ସହାୟତାରେ ପଣ୍ଡ କରାଯିବ ଦେଶ କୁ କିପରି ସୁରକ୍ଷା ଦିଆଯିବ ସେନେଇ ବିଏସଏଫ କୋରାପୁଟ ତରଫରୁ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାଯ୍ୟକ୍ରମେ ବିଏସଏଫ କୋରାପୁଟର କମାଣ୍ଡର ସଜ୍ଜନ ସିଂ ପନଓାର ଓ ଯବାନ ମାନେ ଉପସ୍ଥିତ ରହି ପ୍ରତିରକ୍ଷା ଓ ଆତଙ୍କବାଦୀ ଯୋଜନାକୁ କିଭଳି କୁକୁରଙ୍କ ସହାୟତାରେ ପଣ୍ଡ କରାଯିବ ସେ ନେଇ ଯବନ ମାନେ ଡଗ ସୋ ପ୍ରଦର୍ଶନ କରିଥିଲେ । ଏହି ଶୋରେ ବିଭିନ୍ନ କ୍ଷେତ୍ରରେ ୧୦ ଟି କୁକୁର କୁ ନେଇ ସୋ ପ୍ରଦର୍ଶନି ହୋଇଥିଲା । ଆଜାଦିକି ଅମୃତ ମହୋତ୍ସବ ଅବସରରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣି ଛାତ୍ର ଛାତ୍ରୀ ଙ୍କୁ ନେଇ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୦ଟି କୁକୁର ସହ ଟ୍ରେନର ମାନେ ଆସି ତାଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହାର ଉଦ୍ଦେଶ୍ୟ ହେଲା ଦେଶ ପାଇ ବିଏସଏଫ ମାନଙ୍କ ଅବଦାନ, ତ୍ୟାଗ ଛାତ୍ର ଛାତ୍ରୀ ମାନେ ଯେପରି ବୁଝି ପାରିବେ ସେ ଉପରେ ସଚେତନ କରାଯାଇଥିଲା । କକୁର ମାନେ ବିଶେଷ ଭାବରେ ବମୋ ଚିହ୍ନଟ, ମଦକ ଦ୍ରବ୍ୟ ଚିହ୍ନଟ, ରିଙ୍ଗ ଜମ୍ପ ଭଳି ଦେଶ କୁ ଆତଙ୍କ ବାଦରୁ କିପର୍ ରକ୍ଷା କରାଯାଇ ପାରିବ ସେ ନେଇ ପ୍ରଦର୍ଶିତ କରାଯାଇଥିଲା । କୁକୁର ମାନେ ମଧ ପ୍ରଦେଶର ଏନଟିସିଡିର ଟେକାନପୁରର ତାଲମି ନେଇଛନ୍ତି । ଏହି ତାଲିମ ଶିବିର ଏଏସଏଫ ଦ୍ୱାରା ପରିଚାଳତି ହୋଉଛି । ବିଏସଏଫ ତରଫରୁ ହୋଇଥିବା କାଯ୍ୟକ୍ରମ କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ସ୍ୱାଗତ କରିଥିଲେ । ଆଜିକା ଦିନରେ ଝିଅ ମାନେ ମଧ ବିଏସଏଫ ରେ ଯୋଗ ଦେଇ ପାରିବେ ବୋଲି କମାଣ୍ଡର ସଜ୍ଜନ ସିଂ ପ୍ରରଣା ଦେଇଥିଲେ । ଆଗାମି ଭବିଷ୍ୟତ ହେଉଛନ୍ତିଛାତ୍ର ଛାତ୍ରୀ ସେ ମାନେ ଭବିଷ୍ୟତ ମାତୃଭୁମି ର ସୁରକ୍ଷା ପାଇ ସଚେତନ କରାଯାଇଥିଲା । ଏହି କାଯ୍ୟକ୍ରମ ରେ ବିଦ୍ୟାଳୟର ଏମଡି ଜି.ଏସ ପଟ୍ଟନାୟକ, ଆଇନଜୀବି ବିଷ୍ଣୁ ପ୍ରସାଦ ପାତ୍ର, ବିଦ୍ୟାଳୟର ଅଧକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର ସହ ଶିକ୍ଷକ , ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ସୁଗୋ ପଂଚାୟତରେ ନିର୍ବାଚନ ପ୍ରଚାର କଲେ ଚିନ୍ତାମଣି



ବାସୁଦେବପୁର,୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ପଂଚାୟତରେ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଚିନ୍ତାମଣି ନାୟକ ଘରକୁ ଘର ବୁଲି ଖୋଲାବହି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ରାସ୍ତା ଘାଟ, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ରେ ଯାହା କିଛି ସମସ୍ୟା ରହିଛି ଏବଂ ଯାହା ଅଧୁରା କାର୍ଯ୍ୟ ରହିଛି ସେସବୁ ମୁଁ ବିଜୟ ଲାଭ କଲେ ନିଶ୍ଚିତ ପୂରଣ କରିବି ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଛନ୍ତି । ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ଯୋଗାଇ ଦେବା ସହିତ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସେବା ମୁଁ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ସମିତି ସଭ୍ୟ ଭାବେ ଯୋଗେନ୍ଦ୍ର ନାୟକ ତାଲା ଚାବି ଚିହ୍ନ ରେ ନିର୍ବାଚନ ପ୍ରଚାର କରି ଭୋଟର ମାନଙ୍କୁ ଆକୃଷ୍ଟ କରୁଛନ୍ତି । ଏହି ନିର୍ବାଚନରେ ପ୍ରାର୍ଥୀ ଦ୍ୱୟ ବିଜୟ ଲାଭ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି ।

# ମାସ୍କ ନ ପିନ୍ଧିବା ଅପରାଧରେ କନ୍ଧମାଳ ପୋଲିସ୍ ୮୧ ଜଣଙ୍କଠାରୁ ଆଦାୟ କଲା ଜୋରିମାନା

କନ୍ଧମାଳ,୪/୨ (ନି.ପ୍ର): ଗତ ୨୪ ଘଂଟାରେ କନ୍ଧମାଳ ଜିଲ୍ଲାରୁ ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତା ପାଳନ ନକରିବା ଅପରାଧରେ ୮୧ ଜଣଙ୍କ ଠାରୁ ୧୬ ହଜାର ୧୦୦ ଟଙ୍କା କନ୍ଧମାଳ ପୋଲିସ୍ ଜୋରିମାନା ଆଦାୟ କରିଛି । ଜିଲ୍ଲାରେ ବିଭିନ୍ନ ଜାଗାରେ ମୋଟର ଭେହିକିଲ୍ ନିୟମକୁ ଅମାନ୍ୟ କରିବା ନେଇ ପୋଲିସ୍ ୩୫୬ ଟି ମୋଟର ଗାଡି ଚେକିଂଗ୍ କରି ୩୨ ଜଣଙ୍କଠାରୁ ୧୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରିବା ସହିତ ୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିଛି । କନ୍ଧମାଳରେ ୩ ଟି ଅବକାରୀ ମାମଲା ରୁଜୁ କରିବା ସହିତ ୩୦ ଲିଟର ଦେଶୀ ମଦ ଜବତ ଓ ସି ଆର ପିସି ଧାରା ୪୧ ଏ ଅନୁଯାୟୀ ୩ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି ବୋଲି ଏ ସଂପର୍କରେ କନ୍ଧମାଳ ପୋଲିସ୍ ଦ୍ୱାରା ଟ୍ୱିଟ କରି ସୁଚନା ଦିଆଯାଇଛି ।

# ୩୩.୬୫ ଲିଟର ବିଦେଶୀ ମଦ ଜବତ : ୩ ଗିରଫ

ଭବାନୀପାଟଣା,୪/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଧିନସ୍ଥ ଅମାଟ ଠାରୁ ବେଆଇନ ମଦ ଚୋରାଚାଲାଣ ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ବିଦେଶୀ ମଦ ପ୍ରାୟ ୩୩.୬୫ ଲିଟର ଜବତ କରିଥିଲେ । ଅଭିଯୁକ୍ତ ମାନଙ୍କ ନିକଟରୁ ମଦ ଚାଲାଣରେ ବ୍ୟବହୃତ ଏକ ମୋଟର ସାଇକେଲକୁ ମଧ ଜବତ କରିବାରେ ପୋଲିସ ସଫଳ ହୋଇଛି । ଜିଲ୍ଲାରେ ପଂଚାୟତ ନିର୍ବାଚନର ମାହୋଲ୍ ଚାଲିଥିବା ବେଳେ ମଦର ଚୋରା ଚାଲାଣ ମଧ ବଢିବାରେ ଲାଗିଛି । ଅଭିଯୁକ୍ତ ମାନେ ହେଲେ ଜ୍ୟୋତି ନାଗ (୩୧) ଅମାଠ ବେଦ ୟୁଆଡ (୪୫)ସାପ ସିଲେଟ ଏବଂ ଜୟ ପ୍ରକାଶ, କୋକୋମୁଣ୍ଡାର ଅଟନ୍ତି । କେସିଙ୍ଗା ପୋଲିସ ମଦ ଜବତ କରିବା ସହ ଏନେଇ ଅଧିକ ତଦନ୍ତ ଚଳାଇଛି ।

# ପୁଣି ଜିଲ୍ଲା ପରିଷଦ ଦଖଲ ଲକ୍ଷ୍ୟରେ ବିଜେପି : ସମ୍ମାନ ରକ୍ଷା ପାଇଁ ବିଜେଡିର ପ୍ରାଣମୁର୍ଚ୍ଛା ଉଦ୍ୟମ

ମାଲକାନଗିରି,୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ତ୍ରିସ୍ତରୀୟ ନିର୍ବାଚନ ନିମନ୍ତେ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି । ଗାଁ ଗହଳି ଠୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ପ୍ରଚାର ଜୋର୍ ଧରିଛି । କରୋନା କଟକଣା ଯୋଗୁଁ ଅଳ୍ପ ସଂଖ୍ୟକ ସମର୍ଥକଙ୍କୁ ନେଇ ପ୍ରାର୍ଥୀମାନେ ପ୍ରଚାରରେ ଲାଗି ପଡ଼ିଛନ୍ତି । ଚଳିତ ଥର ଜିଲ୍ଲା ପରିଷଦ ନିର୍ବାଚନ ତାତି ଆଉଟିକେ ବଢ଼ିବାରେ ଲାଗିଛି । କାରଣ ଆରମ୍ଭରୁ ହିଁ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଥମେ କାଲିମେଳା ଜୋନ-୨ ବିଜେପି ପ୍ରାର୍ଥୀନୀ ରୀନା କବାସୀ ଏବଂ ଗତକାଲି କୋରୁକୋଣ୍ଡା ଜୋନ-୨ ବିଜେପି ପ୍ରାର୍ଥୀ ପ୍ରଦୀପ ମାଡ଼କାମୀଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି । ନିର୍ବାଚନ ମୈଦାନରୁ ରୀନା ଅଚାନକ ଉଭାନ ହୋଇଯାଇଥିବା ବେଳେ ପ୍ରଦୀପଙ୍କୁ ଅଜଣା ଦୁର୍ବୃତ ଅପହରଣ ଏବଂ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ଯାହାକି ସ୍ୱଚ୍ଛ ନିରପେକ୍ଷ ନିର୍ବାଚନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାଲକାନଗିରି ଜିଲ୍ଲା ପରିଷଦ ୧୫ଟି ଜୋନ୍ କୁ ନେଇ ଗଠିତ । ଗତ ନିର୍ବାଚନରେ ସବୁ ଅଙ୍କକୁ ଭୁଲ୍ ପ୍ରମାଣିତ କରି ଭାରତୀୟ ଜନତା ପାର୍ଟି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ।ମାଓବାଦୀଙ୍କ ଧମକ ଯୋଗୁଁ ଚିତ୍ରକୋଣ୍ଡା ଅଂଚଳର ୨ଟି ଜୋନରେ ନିର୍ବାଚନ ହୋଇପାରି ନଥିଲା । ନିର୍ବାଚନ ହୋଇଥିବା ୧୩ଟି ଆସନରୁ ୧୦ଟି ଆସନ ଅକ୍ତିଆର କରି ଶାସକ ଦଳକୁ ଧୂଳି ଚଟାଇ ଦେଇଥିଲା ବିଜେପି । କଂଗ୍ରେସ ୨ଟି ଏବଂ ଶାସକ ବିଜେଡ଼ି ଖାତାକୁ ମାତ୍ର ଗୋଟିଏ ଆସନ ଯାଇଥିଲା । ଚଳିତ ଥର ମଧ ଜିଲ୍ଲା ପରିଷଦ ଦଖଲ ନେଇ ଆଶାବାଦୀ ଅଛି ବିଜେପି । ସେଥିପାଇଁ ପ୍ରଚାରକୁ ମଧ ଜୋରଦାର କରିଛି ଦଳ । ପ୍ରଚାରର ମଙ୍ଗ ସମ୍ଭାଳିଛନ୍ତି ଜିଲ୍ଲା ନେତୃବୃନ୍ଦ ।

ଅନ୍ୟପକ୍ଷରେ ଶାସକ ବିଜେଡ଼ି ଏଥର ସମ୍ମାନ ରକ୍ଷା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି । ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ ଏବଂ ମାଲକାନଗିରି ଦାୟୀତ୍ୱରେ ଥିବା ବିଧାୟକ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଘନଘନ ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବା ସହ ଦଳ ଯେପରି ପରିଷଦ ଦଖଲ କରିବ ସେଥିପାଇଁ କର ବା ମର ଆହ୍ୱାନ ଦେଇଛନ୍ତି । ଏପଟେ ଜାତୀୟ କଂଗ୍ରେସ ଦଳ ଜିଲ୍ଲାରେ ଏକ ପ୍ରକାର ମୁରବୀଶୂନ୍ୟ ହୋଇପଡ଼ିଛି । କାରଣ ବହୁ ପୁରୁଖା ନେତା ଓ କର୍ମୀ କଂଗ୍ରେସ ଦଳ ପରିତ୍ୟାଗ କରି ଅନ୍ୟ ଦଳରେ ସାମିଲ ହୋଇଛନ୍ତି । ଗତ ନିର୍ବାଚନରେ ଦଳ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିଥିଲା । କିନ୍ତୁ ବର୍ତମାନ ପରିସ୍ଥିତି ଭିନ୍ନ ରହିଛି ।ପ୍ରଦୀପ ଏବେ ବିଜେଡ଼ି ଶିବିରରେ । ମାଥିଲିର ବ୍ଲକ ଅଧକ୍ଷା ତଥା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡ଼ିରେ ଯୋଗ ଦେଇଥିଲେ । ସେ ବର୍ତମାନ ବିଜେଡ଼ି ଟିକଟରେ ଜିଲ୍ଲା ପରିଷଦ ନିର୍ବାଚନ ଲଢୁଛନ୍ତି । ତଥାପି ନିଜର ପାରମ୍ପରିକ ଭୋଟ ବ୍ୟାଙ୍କ ଉପରେ ଭରସା ରଖିଛି ଦଳ । ପୂର୍ବାପେକ୍ଷା ଦଳ ଅଧିକ ସଂଖ୍ୟକ ଆସନରେ ବିଜୟୀ ହେବ ବୋଲି ଆଶା ରଖିଛି ଜିଲ୍ଲା କଂଗ୍ରେସ । ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ କେନ୍ଦ୍ର ସରକାରଙ୍କ ବହୁ ଜନମଙ୍ଗଳ ଯୋଜନାକୁ ଭୋଟରଙ୍କ ପାଖେ ପହଂଚାଇ ନିର୍ବାଚନ ବୈତରଣୀ ପାର ହେବା ସହ ପୁଣି ଥରେ ମାଲକାନଗିରି ଜିଲ୍ଲା ପରିଷଦ ଦଖଲ କରିବା ଲକ୍ଷ୍ୟରେ ରହିଛି ବିଜେପି ।

## ବାଗ୍‌ଦେବୀ ନମସ୍ତୁତେ





ବିପିନ ବିହାରୀ ମହାନ୍ତି

*ଯା’ କୁଂଦେନ୍ଦୁ ତୁଷାର ହାର ଧବଳା
ଯା’ ଶୁଭ୍ରାବସ୍ତ୍ରାବୃତା
ଯା ବୀଣା ବରଦଣ୍ଡ ମଣ୍ଡିତା
କରା ଯା ଶ୍ୱେତପଦ୍ମାସନା
ଯା’ ବ୍ରହ୍ମଚ୍ୟୁତି ଶଙ୍କର ପ୍ରଭୃର୍ତିଭ
ଦେବୈଃ ସଦାବନ୍ଦିତା
ସାମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷ ଜଡ଼୍ୟା ପହା ।
ଓଁ ଭଦ୍ରକାଳୈ ନମୋ ନିତ୍ୟଂ ସରସ୍ୱତୈ
ନମୋ ନମଃ ।
* କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକ୍ତାହାରେ ।
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ॥

ମାଘଶୁକ୍ଳପକ୍ଷ ପଞ୍ଚମୀ ଦିନ ଦେବୀ ସରସ୍ୱତୀଙ୍କର ଆରାଧନା ଏବଂ ପୂଜା ହୁଏ । ପୁରାଣମତେ ଏହା ତାଙ୍କର ଜନ୍ମଦିନ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ସରସ୍ୱତୀଙ୍କର ପୂଜା ପ୍ରଥମେ ଆରମ୍ଭ କରିଥିଲେ । ତା’ପରେ ଅନ୍ୟାନ୍ୟ ଦେବ ଦେବୀମାନଙ୍କ ଠାରୁ ଆରମ୍ଭ କରି ଏ ମଣିଷ ଜାତି ତାଙ୍କର ପୂଜା ଚଳେଇ ରଖିଲେ ।

‘ଶ୍ରୀ’ କହିଲେ ଶୁଭ ଲକ୍ଷଣଯୁକ୍ତ । ଏହି କାରଣରୁ ମାଘ ଶୁକ୍ଳ ପଂଚମୀ ତିଥିକୁ ଶ୍ରୀ ପଂଚମୀ କୁହନ୍ତି । ଅର୍ଥାତ୍ ଦେବୀ ସରସ୍ୱତୀଙ୍କର ଏହା ଶୁଭ ଜନ୍ମଦିବସ । ଏହି ସମୟଟି ଶୀତପର ଏବଂ ପୂର୍ବ ବସନ୍ତ କାଳହେତୁ ଏହାକୁ ମଧ ବସନ୍ତ ପଞ୍ଚମୀ କୁହନ୍ତି । ଗୋଟିଏ ପଟେ ଶୀତକୁ ବିଦାୟ ଏବଂ ଅନ୍ୟପଟେ ବସନ୍ତକୁ ଆହ୍ୱାନର ଏହା ସଂନ୍ଧିକ୍ଷଣ । ଏହା ଇଂରାଜି ମାସ ଜାନୁୟାରୀ ବା ଫେବୃୟାରୀରେ ପଡ଼େ । ଏହିଦିନ ଶ୍ରୀ ମନ୍ଦିରରେ ବସନ୍ତ ପିଷ୍ଟକ ଠାକୁରଙ୍କୁ ଭୋଗଲାଗି ହୁଏ । ଏହି ଦିନଠାରୁ ଦୋଳପୂର୍ଣ୍ଣିମା ଯାଏ ଉତ୍ସବକୁ ବେନ୍‌ଟ ଯାତ୍ରା କୁହନ୍ତି । କଥାରେ ଅଛି : ଯାହା ନାହିଁ ଶ୍ରୀକ୍ଷେତ୍ରେ ତାହା ନାହିଁ ଭାରତେ । ଅର୍ଥାତ୍ ଭାରତରେ ସମସ୍ତ ହିନ୍ଦୁ ପର୍ବପର୍ବାଣୀ ଜଗନ୍ନାଥ ନୀତିନିୟମ ସହିତ ସଂଶ୍ଳିଷ୍ଟ ।

ଦେବୀ ସରସ୍ୱତୀଙ୍କୁ ନେଇ ପୁରାଣକାରମାନେ ଅନେକ କଥା କୁହନ୍ତି । କାହା ମତରେ ସେ ବ୍ରହ୍ମାଙ୍କ ମୁଖରୁ ଜାତ ହେତୁ, ସେ ତାଙ୍କ କନ୍ୟା; ଅନେକଙ୍କ ମତରେ ସେ ନାରାୟଣଙ୍କ ପତ୍ନୀ ଅର୍ଥାତ୍ ଲକ୍ଷ୍ମୀଙ୍କ ସଉତୁଣୀ, ଶିବ ପୁରାଣ, ବାୟୁ ପୁରାଣ, ବ୍ରହ୍ମ ବୈବର୍ତ ପୁରାଣମତେ ସେ ବ୍ରହ୍ମାଙ୍କ ପତ୍ନୀ । ତାଙ୍କୁ ମହାଲକ୍ଷ୍ମୀ ବ୍ରହ୍ମାଙ୍କୁ ଅର୍ପଣ କରିଥିଲେ ବୋଲି ମାର୍କେଣ୍ଡୟ ପୁରାଣ କୁହେ । ସପ୍ତସତୀ ପୁରାଣମତେ ସେ ଦୁର୍ଗା । ତ୍ରି-ପୁରୁଷ : ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପତ୍ନୀ ତ୍ରି-ପ୍ରକୃତି ବା ଶକ୍ତି ଯଥାକ୍ରମେ ହେଉଛନ୍ତି ସରସ୍ୱତୀ : ବିଦ୍ୟାଦାତ୍ରୀ, ମହାଲକ୍ଷ୍ମୀ : ଧନଦାତ୍ରୀ ଏବଂ ଦୁର୍ଗା ହେଉଛନ୍ତି ଶକ୍ତିଦାତ୍ରୀ । ପୁଣି ବ୍ରହ୍ମ ବୈବର୍ତ ପୁରାଣ କୁହେ ସେ ଶ୍ରୀରାଧାଙ୍କ ଜିହ୍ୱାଗ୍ରରୁ ସେ ସୃଷ୍ଟି । ଗଙ୍ଗା ଅଭିଷାପରୁ ସେ ପବିତ୍ର ସରସ୍ୱତୀ ହୋଇ ପ୍ରବାହିତ ହୁଅନ୍ତି ଏ ମର୍ତ୍ୟ ଭାରତ ଭୂଖଣ୍ଡରେ । ତ୍ରିବେଣୀ ସଂଗମ ଠାରେ, ଗଙ୍ଗା, ଯମୁନା ଓ ସରସ୍ୱତୀ ଏକତ୍ର ହୋଇଛନ୍ତି । ଗଙ୍ଗା, ଯମୁନା ଏବଂ ସରସ୍ୱତୀ ଯଥାକ୍ରମେ ପବିତ୍ରତା, ମୁକ୍ତିମାର୍ଗ ଏବଂ ସରସ୍ୱତୀ ଜ୍ଞାନଦାତ୍ରୀ, ପବିତ୍ର ଓ ମୁକ୍ତିର ପ୍ରତୀକ ରୂପେ ବିଶ୍ୱାସ କରାଯାଆନ୍ତି । ଋଗ୍‌ବେଦରେ ମଧ ସରସ୍ୱତୀଙ୍କୁ ୩୦ଥର ନଦୀ ଓ ୪୫ଥର ଦେବୀ ରୂପେ ବର୍ଣ୍ଣନା କରାଯାଇ ତାଙ୍କର ପବିତ୍ରତା ସଂପର୍କରେ ଆଲୋକପାତ କରାଯାଇଛି । ସରସ୍ୱତୀ କହିଲେ ‘ସରସ୍-ବତୀ’ ଯାହାର ଅର୍ଥ ଶ୍ରେଷ୍ଠ ନଦୀ, ହ୍ରଦ ବା ସାଗର । ଏଣୁ ସରସ୍ୱତୀ ଜ୍ଞାନର ନଦୀ, ହ୍ରଦ ବା ସାଗର ।

ସରସ୍ୱତୀ କେବଳ ହିନ୍ଦୁମାନଙ୍କର ଦେବୀ ନୁହଁନ୍ତି । ସେ ଜୈନ ସିଦ୍ଧମାନଙ୍କର ସିଦ୍ଧସରସ୍ୱତୀ ଏବଂ ବୌଦ୍ଧମାନଙ୍କର ପ୍ରଜ୍ଞା ପାରମିତା ।

ଦେବୀହିଁ ଶକ୍ତି । ଶକ୍ତି ଅଦୃଶ୍ୟ; ନିରାକାର । ତଥାପି ଭକ୍ତପାଇଁ ସେ ଅରୂପରୁ ରୂପରେ ପୂଜା ପାଆନ୍ତି, ସେ ମୃଣ୍ମୟ ମୂର୍ତିରେ ହେଉ ବା ଛବି ବା ପଟ୍ଟଚିତ୍ରରେ ହେଉ । ସରସ୍ୱତୀ ରୂପଚିତ୍ରକୁ ପୁରାଣକାରମାନେ ଯେମିତି ବର୍ଣ୍ଣନା କରିଛନ୍ତି :

*ଯା’ କୁଂଦେନ୍ଦୁ ତୁଷାର ହାର ଧବଳା ଯା’ ଶୁଭ୍ରାବସ୍ତ୍ରାବୃତା
ଯା ବୀଣା ବରଦଣ୍ଡ ମଣ୍ଡିତା କରା ଯା ଶ୍ୱେତପଦ୍ମାସନା
ଯା’ ବ୍ରହ୍ମଚ୍ୟୁତି ଶଙ୍କର ପ୍ରଭୃର୍ତିଭ ଦେବୈଃ ସଦାବନ୍ଦିତା
ସାମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜଡ଼୍ୟା ପହା ।
ଓଁ ଭଦ୍ରକାଳୈ ନମୋ ନିତ୍ୟଂ ସରସ୍ୱତୈ ନମୋ ନମଃ ।
* କଜ୍ଜଳ ପୂରିତ
ଲୋଚନ ଧାରେ
ସ୍ତନଯୁଗ
ଶୋଭିତ ମୁକ୍ତାହାରେ ।
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ
ଦେବୀ ନମସ୍ତେ ॥

ସେ ଶୁଭ୍ର ବସ୍ତ୍ର ପରିହିତା, ଶ୍ୱେତବର୍ଣ୍ଣା ଏବଂ ଶ୍ୱେତପଦ୍ମ ପୁଷ୍ପ ଉପରେ ବିରାଜିତା । ତାଙ୍କର ଚାରିଭୁଜ ମଧ୍ୟରୁ ଗୋଟିଏ ହସ୍ତରେ ଲେଖନୀ, ଆଉ ଗୋଟିଏ ହସ୍ତରେ ପୁସ୍ତକ ଏବଂ ଅନ୍ୟ ଦୁଇ ହସ୍ତରେ ବୀଣା ଧାରଣ କରିଛନ୍ତି । ପାଣିରେ (ହାତରେ) ବୀଣା ଧାରଣ କରିଥିବାରୁ ତାଙ୍କ ନାମ ବୀଣାପାଣି ମଧ ରଖାଯାଇଛି । ହଂସ ତାଙ୍କର ବାହନ । ତେବେ ପୂଜା ଆସନରେ ସେ କେବେ ଶୁଭ୍ର ପଦ୍ମପୁଷ୍ପ ଉପରେ ତ କେତେବେଳେ ମୟୂର ଉପରେ ଅଧିଷ୍ଠିତ ହୋଇଥାନ୍ତି ।

ଏଠାରେ ଶ୍ୱେତବସ୍ତ୍ର; ନିଷ୍କଳଙ୍କ ଚରିତ୍ରର ପ୍ରତୀକ, ଲେଖନୀ ଓ ପୁସ୍ତକ : ଜ୍ଞାନର ପ୍ରତୀକ, ବୀଣା : ସଂଗୀତ, ସୂକ୍ଷ୍ମକଳା ତଥା ସପ୍ତରଙ୍ଗ ଓ ସପ୍ତସ୍ୱରର ପ୍ରତୀକ; ହଂସ ଶୁଦ୍ଧତାର ପ୍ରତୀକ ଏବଂ ସାମୁହିକ ଭାବେ ଧଳାରଙ୍ଗ : ପବିତ୍ର ଓ ଶାନ୍ତିର ପ୍ରତୀକ ।

ଦେବୀ ସରସ୍ୱତୀଙ୍କର ମଧ ଅନ୍ୟାନ୍ୟ ନାଁ ଅଛି ଯେମିତି ଇଳା, ଭାରତୀ, ବୀଣାପାଣି, ମୋଟ ଉପରେ ସେ ଜ୍ଞାନ, ବିଦ୍ୟା, ସଂଗୀତ କଳା, ବୁଦ୍ଧି ତଥା ଶୁଦ୍ଧତାର ଦେବୀ । ଏହି କାରଣରୁ ସେ ସମସ୍ତ ଶିକ୍ଷା, ସଂଗୀତ ଓ କଳା ଅନୁଷ୍ଠାନ ମାନଙ୍କରେ ଶ୍ରୀ ପଞ୍ଚମୀ ଦିନ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ ମଣ୍ଡପରେ ପୂଜା ହୁଅନ୍ତି । ଖାଲି ଦେବୀ ନୁହଁନ୍ତି ପୂଜକ ଏବଂ ବିଦ୍ୟାର୍ଥୀମାନେ ମଧ ନୂତନ ପୋଷାକ ପିନ୍ଧି ଥାନ୍ତି । ଦେବୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଏବଂ ଭୋଗରାଗ ଅର୍ପଣ କରାଯାଏ । ଭୋଜିଭାତ ମଧ ଅନେକ ଅନୁଷ୍ଠାନରେ କରାଯାଏ । ଆଜିକାଲି ଘରେ ଘରେ ମଧ ସରସ୍ୱତୀ ପୂଜା ହେଲେଣି । ଘରୋଇ ପୂଜାରେ ଘରର ସାନଝିଅ ଏ ପୂଜା କରାଏ ବା ଭୋଗରାଗରେ ପାଣି ଛଡ଼ାଏ । ଏହିଦିନ ମଧ କେଉଁଠି କେଉଁଠି ଅନୁଷ୍ଠାନ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ ଯଥା ନାଚ, ଗୀତ, କବିତା ପାଠୋତ୍ସବ, ନାଟକ ଇତ୍ୟାଦି । କୋଉଠି ଗୁଡ଼ି ଉଡ଼ା ପ୍ରତିଯୋଗିତା ହୁଏ । ତେବେ ସ୍ଥଳ ବିଶେଷରେ ଛାତ୍ରଛାତ୍ରୀମାନେ ଧଳା କିମ୍ବା ପୀତବସ୍ତ୍ର ବ୍ୟବହାର କରିଥାନ୍ତି ।

ଦେବୀ ସରସ୍ୱତୀଙ୍କ ପୂଜା ଆଉ ଭାରତ ଭୂଖଣ୍ଡରେ ସୀମାବଦ୍ଧ ନାହିଁ । ଚୀନ ଦେଶରେ ଲୋକେ ଚିନାମାଟିରେ ପ୍ରସ୍ତୁତି ସରସ୍ୱତୀଙ୍କୁ ପୂଜା କରନ୍ତି ଏବଂ ସେଦିନ ଧଳା ପୋଷାକ ପିନ୍ଧନ୍ତି । ଜାପାନର ସେ ପଟ୍ଟଚିତ୍ରରେ ପୂଜା ପାଆନ୍ତି । ରୁଷିଆରେ ସେଓ ଭୋଗରେ ତାଙ୍କୁ ପୂଜା କରାଯାଏ । ରୋମରେ ସରସ୍ୱତୀଙ୍କ ରଙ୍ଗ ନାଲି । ଏହି ରଙ୍ଗ ସେ ଦେଶପାଇଁ ଉନ୍ନତି ଓ ପ୍ରଗତିର ପ୍ରତୀକ; ନେପାଳତ ଆମ ପଡ଼ୋଶୀ ଦେଶ ଯିଏକି ଭାରତ ଦ୍ୱାରା ପ୍ରଭାବିତ; ପାକିସ୍ତାନ, ବଙ୍ଗଳାଦେଶ ଏବଂ ସିଂହଳ ଇତ୍ୟାଦିରେ ହିନ୍ଦୁ ସଂପ୍ରଦାୟମାନେ ପୂଜା କରନ୍ତି । ଆମେରିକା ଏବଂ ଇଂଲଣ୍ଡ ଇତ୍ୟାଦିରେ ପ୍ରବାସୀ ଭାରତୀୟମାନେ ମଧ ଏଥିରୁ ବାଦ୍ ନୁହଁନ୍ତି । ସରସ୍ୱତୀଙ୍କ ପୂଜା ବହୁ ପୁରାତନ । ଫ୍ରାନସ୍ ମ୍ୟୁଜିୟମରୁ ୧୧୦୦ ଖ୍ରୀଷ୍ଟାବ୍ଦର ଏକ ବିରଳ ସରସ୍ୱତୀ ମୂର୍ତ୍ତି ଆବିଷ୍କୃତ ହୋଇଛି । ସେହିପରି ତାଞ୍ଜୋର ମନ୍ଦିରରୁ ଏକ ମଧ୍ୟଯୁଗୀୟ ମୂର୍ତ୍ତି ଏବଂ ବ୍ରିଟିଶି ମ୍ୟୁଜିୟମରୁ ସରସ୍ୱତୀ ମୂର୍ତ୍ତିମାନ ଆବିଷ୍କାର କରିଛନ୍ତି । ଏମାନେ ବିଶେଷକରି ୧୧୦୦ ଶତାବ୍ଦୀର ବୋଲି ଅନୁମାନ କରାଯାଏ ।

ହିନ୍ଦୁ ପରମ୍ପରାରେ ସରସ୍ୱତୀଙ୍କ ପୂଜା ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି । ସେ ବିଦ୍ୟା ଓ ଜ୍ଞାନର ଦେବୀ । ‘ବିଦ୍ୟା, ଜ୍ଞାନ ଏବଂ ବୁଦ୍ଧି’, ସମୃଦ୍ଧି, ପ୍ରଗତି ଓ ଉନ୍ନତିର ପ୍ରବର୍ଦ୍ଧକ । ପୁନଶ୍ଚ ପବିତ୍ରତା ଓ ଶୁଦ୍ଧତା ବ୍ୟକ୍ତି ଚରିତ୍ରର ଦ୍ୟୋତକ । ଏସବୁର କରୁଣାମୟୀ ଦାତ୍ରୀ ଦେବୀ ମା’ ସରସ୍ୱତୀ । ଆସନ୍ତୁ, ତାଙ୍କଠି ଶରଣ ଯିବା ।

ବାକ୍‌ଦେବୀ ନମସ୍ତୁତେ ।’

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ
ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ଜଟଣୀ
ମୋ: ୯୯୩୮୩୪୧୩୮

## ତଥ୍ୟରେ ତତ୍ତ୍ୱରେ କିମ୍ବଦନ୍ତୀରେ ପବିତ୍ର ଶ୍ରୀପଞ୍ଚମୀ



ଅମୂଲ୍ୟ କୁମାର ପଣ୍ଡା

ଯେଉଁଦିନ ସରସ୍ୱତୀଙ୍କର ଆବିର୍ଭାବ ହୋଇଥିଲା, ସେହିଦିନଟି ଥିଲା ମାଘ ଶୁକ୍ଳ ପଞ୍ଚମୀ । ତାହା ‘ଶ୍ରୀପଞ୍ଚମୀ’ ଭାବରେ ପ୍ରସିଦ୍ଧ । କାରଣ ‘ଶ୍ରୀ’ର ଅର୍ଥ ଲକ୍ଷ୍ମୀ । ପୁଣି ସରସ୍ୱତୀ, ବୁଦ୍ଧି, ଐଶ୍ୱର୍ଯ୍ୟ, ଧର୍ମ ଓ ଅର୍ଥ ଆଦି ପୁରୁଷାର୍ଥ, ଅଣିମା ଓ ଲଘିମା ଆଦି ସିଦ୍ଧି ଏବଂ ସୌନ୍ଦର୍ଯ୍ୟ ଓ ମଙ୍ଗଳକୁ ମଧ ତାହା ବୁଝାଏ । ଏଣୁ ସରସ୍ୱତୀଙ୍କ ଆବିର୍ଭାବ ଦିବସ ମାଘ ଶୁକ୍ଳ ପଞ୍ଚମୀକୁ ‘ଶ୍ରୀପଞ୍ଚମୀ’ ରୂପେ ପାଳନ କରାଯାଏ । ସେହିଦିନ ସରସ୍ୱତୀଙ୍କର ବିଶେଷ ପୂଜା କରାଯାଏ । ପୁରାଣକାର ମାନେ ସରସ୍ୱତୀଙ୍କୁ କନ୍ୟା ଏବଂ ବ୍ରହ୍ମାଙ୍କୁ ପିତା ରୂପେ ପରିକଳ୍ପନା କରିଛନ୍ତି । ପୁରାଣମତେ, ସୃଷ୍ଟିର ଆରମ୍ଭ କାଳରେ ବ୍ରହ୍ମା ଯେତେବେଳେ ଧ୍ୟାନସ୍ଥ ଥିଲେ, ସେତେବେଳେ ତାଙ୍କ ଭିତରେ ସତ୍ତ୍ୱ ଗୁଣର ବିକାଶ ଘଟିଲା ଏବଂ ସେଥିରୁ ଏକ କନ୍ୟା ଜାତ ହେଲା । ତାଙ୍କର ରୂପ ଥିଲା ଦୁଗ୍ଧ ପରି ଶ୍ୱେତବର୍ଣ୍ଣ । ସେହି ଶ୍ୱେତବର୍ଣ୍ଣା କନ୍ୟାଙ୍କୁ ଦେଖି ବ୍ରହ୍ମା ତାଙ୍କର ପରିଚୟ ପଚାରିବାରୁ କନ୍ୟା କହିଲେ, ମୁଁ ତୁମଠାରୁ ଜାତ ହେଲି । ତେଣୁ ତୁମେ ମୋର ନାମକରଣ କର ଏବଂ ମୋର ପରିଚୟ କ’ଣ ହେବ ତାହା ସ୍ଥିର କର । ତାହା ଶୁଣି ବ୍ରହ୍ମା କହିଲେ, ତୁମର ନାମ ସ୍ୱରସ୍ୱତୀ ହେଉ । ତୁମେ ପ୍ରତ୍ୟେକଙ୍କ ଜିହ୍ୱାର ଅଗ୍ରଭାଗରେ ‘ବାକ୍’ ରୂପେ ଅବସ୍ଥାନ କରିବ । ସେଥିାଇଁ ତୁମେ ‘ବାଗ୍‌ଦେବୀ’ ରୂପେ ବିଦିତା ହେବ । ବିଶେଷ କରି ବିଦ୍ୱାନମାନେ ତୁମକୁ ଆଦର ଓ ଭକ୍ତିରେ ପୂଜା କରିବେ । ବାକ୍‌ଦେବୀ ବା ସରସ୍ୱତୀଙ୍କ ମାଧ୍ୟମରେ ବ୍ରହ୍ମା ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜୀବ ତଥା ସ୍ଥାବରଜଙ୍ଗମ ସର୍ଜନା କଲେ ।

ପ୍ରାଚୀନ କାଳରେ ରାଜା ମହାରାଜାମାନେ ଏହି ପବିତ୍ର ଶ୍ରୀପଞ୍ଚମୀ ଦିନକୁ କୌମୁଦୀ ମହୋତ୍ସବ ରୂପେ ପାଳନ କରୁଥିଲେ । ଫୁଲରେ ରାଜଉଆସ ସଜା ହେଉଥିଲା, ଫୁଲର ଦୋଳିରେ ରାଜାରାଣୀ ଦୋଳି ଖେଳୁଥିଲେ, ପ୍ରଜାମାନେ ଆସି ରାଜ ଉଆସରେ ଭୋଜନ କରୁଥିଲେ । ମାଘ ପଞ୍ଚମୀରେ ଗୋପୀମାନେ ମଧ କୃଷ୍ଣଙ୍କ ସହ ରାସ ଉତ୍ସବ ମନାଉଥିଲେ । କେତେକ ଅଞ୍ଚଳରେ ପବିତ୍ରତାର ସହ ଉଭୟ ସ୍ୱାମୀ-ସ୍ତ୍ରୀ ମାଘ ଶୁକ୍ଳ ପଞ୍ଚମୀକୁ ପ୍ରେମ ଦିବସ ରୂପେ ପାଳନ କରିଥାନ୍ତି । କାମଦେବ ଓ ରତିଙ୍କୁ ହଳଦିଆ ଫୁଲରେ ପ୍ରତିମା କରି ଦାମ୍ପତ୍ୟ ସୁଖପାଇଁ ପୂଜା କରିଥାନ୍ତି । ଶାସ୍ତ୍ର ଅନୁସାରେ ଶ୍ରୀପଞ୍ଚମୀ ଦିନ ବିବାହ , ନିର୍ବନ୍ଧ କାର୍ଯ୍ୟ କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ଯେଉଁମାନଙ୍କର ବିବାହ ହେଇପାରୁନି , ସେମାନେ ଏହି ସମୟରେ ଶ୍ରଦ୍ଧା ଭକ୍ତିର ସହ ହଳଦୀ ଲଗାଇ ସ୍ନାନକରି ହଳଦିଆ ବସ୍ତ୍ର ପରିଧାନ କରି କୃଷ୍ଣ ଭଗବାନଙ୍କୁ ହଳଦିଆ ବସ୍ତ୍ରରେ ସଜାଇ ହଳଦିଆ ଫୁଲରେ ସଜାହେଇଥିବା ଝୁଲାରେ ଝୁଲାଇ ବସନ୍ତ ଉତ୍ସବ ପାଳନ କଲେ ବିବାହ ସହଜରେ ହୋଇଯାଏ ବୋଲି ବିଶ୍ୱାସ ରହିଛି । ଶ୍ରୀପଞ୍ଚମୀ ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ମହାନ ଅଙ୍ଗ । ଏହି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚପଲ୍ଲବ ଲାଗି ହୁଏ ଓ ରଥଯାତ୍ରା ନିମନ୍ତେ ରଥକାଠ ଅନୁକୂଳ କରାଯାଏ । ପୌରାଣିକ ମତରେ ଶ୍ରୀକୃଷ୍ଣ ଶ୍ରୀରାଧା ଏକତ୍ର ପୁଷ୍ପ ଆଭରଣ ମଣ୍ଡିତ ପୂର୍ବକ ଫଗୁ ବା ଚାଚେରୀ ଖେଳୁଥିବାର ସ୍ମୃତି ସ୍ୱରୂପ ବସନ୍ତ ପଞ୍ଚମୀ ପାଳିତ ହୋଇଥାଏ । ମାଘ ଶୁକ୍ଳ ପଞ୍ଚମୀରେ ଶ୍ରୀଜୀଉମାନଙ୍କର ଘୋଡ଼ବସ୍ତ୍ର କଢ଼ାଯାଇ ‘ଜାମାଲାଗି’ ବସ୍ତ୍ର ପିନ୍ଧାଯାଏ । ଉକ୍ତ ତିଥିରେ ଶ୍ରୀଜଗନ୍ନାଥଙ୍କର ପାରମ୍ପରିକ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ପ୍ରଥମ କରି



ରଥକାଠ ବନବିଭାଗରୁ ଶ୍ରୀକ୍ଷେତ୍ରକୁ ଆସି ରାଜନଅର ସମ୍ମୁଖରେ ତିନିବାଡ଼ର ତିନିରଥ ନିର୍ମାଣ ନିମନ୍ତେ ତିନିଗୋଟି କାଠକୁ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଇ ଶୁଭ ଦିଆଯାଇଥାଏ । ସେହି ତିନିଗୋଟି କାଠଗଣ୍ଡିରେ ତିନିରଥର କୋଣଗୁଜ ନିର୍ମାଣ କରାଯାଇ ନୃସିଂହଙ୍କ ମୂର୍ତ୍ତି ଖୋଦେଇ କରାଯାଏ ।

ପବିତ୍ର ଶ୍ରୀପଞ୍ଚମୀରେ ପୁରପଲ୍ଲୀରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ମାନଙ୍କରେ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କ ଆରାଧନା ହୋଇଥାଏ । ହିନ୍ଦୁଧର୍ମରେ ସରସ୍ୱତୀଙ୍କୁ ଜ୍ଞାନର ଦେବୀ ବୋଲି ପରିଗଣିତ କରାଯାଏ । ସେ ଜ୍ଞାନ, ବୁଦ୍ଧି, ବିବେକ, ବିଦ୍ୟାର ଉତ୍ସ ବା ପ୍ରକାଶରୂପ । ସେ ବ୍ରହ୍ମାଙ୍କ ସହଚରୀ ଓ ଶକ୍ତି ରୂପେ ବିଦିତ । ପଶ୍ଚିମ ଓ ମଧ ଭାରତର ଜୈନ ଧର୍ମାବଲମ୍ବୀ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ମାନେ ମଧ ସରସ୍ୱତୀଙ୍କୁ ପୂଜା କରିଥାନ୍ତି । ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା - ସ୍ୱତଃ + ବତୀ, ଅର୍ଥାତ୍ ପ୍ରସରଣ ଯାହାଙ୍କର ଅଛି । ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢାଇ ନେବାର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ । ସେ ସ୍ରୋତସ୍ୱତୀ ପରି ପ୍ରବହମାନା, ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ । ସେ ହେଉଛନ୍ତି ବାକ୍ୟର ଦେବୀ ବାଗ୍‌ଦେବୀ, ବାଣୀ, ଶାରଦା । ମା ଯୋଗମାୟା ଆଦ୍ୟାଶକ୍ତିଙ୍କ କଣ୍ଠରୁ ସରସ୍ୱତୀ ସମ୍ଭୁତା । ମା ସରସ୍ୱତୀ, ମା ଲକ୍ଷ୍ମୀ ଓ ମା କାଳୀ ତିନୋଟି ସ୍ୱରୂପ ଆଦ୍ୟାଶକ୍ତିଙ୍କର । ପାରମ୍ପରିକ ରୂପରେ ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଏବଂ ମୁକ୍ତାହାର ପିନ୍ଧିଛନ୍ତି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି । ଓଡ଼ିଆ ଭାଷାରେ ତାଙ୍କୁ ବାଣୀ ବୋଲି ମଧ କୁହାଯାଏ । ତାଙ୍କର ଅନ୍ୟ ନାମ ସବୁ ହେଲା ବୀଣା ପୁସ୍ତକ ଧାରିଣୀ, ବାଗ୍‌ଦେବୀ ବରଦା ଇତ୍ୟାଦି ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ହୃଦ୍‌ରୋଗୀଙ୍କ ପାଇଁ ମହୋଷଧି ଏହି ଫଳ



ଆପଣଙ୍କୁ ନଡ଼ିଆ ଖାଇବାକୁ କେମିତି ଲାଗେ ? ଏହି ଫଳ ଖାଇବାର ଅଭ୍ୟାସ ଅଛି ତ ? ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ । ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ । ନଡ଼ିଆରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି । ଭିଟାମିନ୍ ବି ମଧ କିଛି ପରିମାଣରେ ରହିଛି ଏଥିରେ । କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୁର୍ତ୍ତି ହୋଇଥାଏ ।

ଏଥିରେ ପ୍ରବଳ ମାତ୍ରାରେ ମ୍ୟାଗ୍‌ନେସିୟମ୍ ରହିଛି, ଯାହାକି ହାଡ଼କୁ ଶକ୍ତ କରିବାରେ ସହାୟ ହେବ । ଏଥିରେ କପର ଓ ଆଇରନ୍ ମଧ ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ ।

ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ । ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରିଥାଏ । ଦୈନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ ।

## ଖାଇବାପିଇବା ଉପରେ ଧ୍ୟାନ ଦେଇ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଆନ୍ତୁ



ଜଣେ ଲୋକର ସୌନ୍ଦର୍ଯ୍ୟରେ କେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉତ୍ତମ କେଶ ଥିଲେ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ । ମାତ୍ର ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା । ଅତ୍ୟାଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିବା ସମସ୍ୟା ଉପୁଜିଥାଏ । କେଶ ଝଡ଼ିବା ଦୁଃଖରେ ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ । ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ । ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ । ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ । ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ । କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି । ଆଇରନ୍ ଅଭାବରୁ କେଶ ଝଡ଼ିଥାଏ ।



ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ । ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି । ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ । ମୌସମୀ ଜୁସ୍ ପିଅନ୍ତୁ । ମୌସୁମୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ । ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ । କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ । କାଜୁ ବ୍ୟତୀତ ଆଲମଣ୍ଡ, ବାଦାମ, କିସ୍‌ମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଖୋଲୁଛି ଗୁମର...

ଦୁଇବର୍ଷ ପୂର୍ବେ ପୂର୍ବ ଲଦାଖର ଗଲୱାନ ଘାଟିଠାରେ ଭାରତୀୟ ଏବଂ ଚୀନ୍ ସେନାଙ୍କ ମଧ୍ୟରେ ଯେଉଁ ରକ୍ତାକ୍ତ ସଂଘର୍ଷ ଘଟିଥିଲା ସେଥିରେ ୩୮ ଜଣ ପିଏଲଏ (ପିପୁଲ୍ସ ଲିବେରେସନ୍ ଆର୍ମି) ସେନା ନିହତ ହୋଇଥିଲେ ବୋଲି ଏବେ ଖବର ପ୍ରକାଶ ପାଇଛି । ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ୍ ମିଡିଆର ରିପୋର୍ଟକୁ ତର୍ଜମା କରି ଅଷ୍ଟ୍ରେଲିଆର ଏକ ସମ୍ବାଦପତ୍ର (କ୍ଲାକ୍ସନ) ଖବର ପ୍ରକାଶ କରିଛି । ଏହି ଖବର ପ୍ରକାଶ ପାଇବା ପରେ ଚୀନ୍ ପକ୍ଷରୁ ଏପର୍ଯ୍ୟନ୍ତ ଏହାକୁ ଖଣ୍ଡନ କରାଯାଇନାହିଁ । ଚୀନ୍‌ର ନିରବତା ଏହାର ସତ୍ୟତାକୁ ପୁଷ୍ଟ କରୁଛି ବୋଲି ସଭିଏଁ ବିଶ୍ୱାସ କରନ୍ତି । ୨୦୨୦ ମସିହା ଜୁନ୍ ମାସରେ ଗଲୱାନ ଘାଟିଠାରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ରାତିରେ ଉଭୟ ସେନାଙ୍କ ମଧ୍ୟରେ ଯେଉଁ ସଂଘର୍ଷ ଘଟିଥିଲା ସେଥିରେ ମାତ୍ର ଚାରିଜଣ ପିଏଲଏ ସେନା ପ୍ରାଣ ହରାଇଥିଲେ ବୋଲି ଘଟଣା ଘଟିବାର କିଛିଦିନ ଉତ୍ତାରୁ ଚୀନ୍ ସ୍ୱୀକାର କରିଥିଲା । ଏହି ଘଟଣାରେ ଭାରତର କୋଡ଼ିଏ ଜଣ ସୈନିକ ପ୍ରାଣ ହରାଇଥିଲେ ବୋଲି ଭାରତ ତୁରନ୍ତ ଖବର ଜାରି କରିଥିଲା । କିନ୍ତୁ ଏହି ଘଟଣାର କାରଣ ଏବଂ ସେଥିରେ କେତେ ସୈନିକ ପ୍ରାଣ ହରାଇଥିଲେ । ସେଥିନେଇ ଆଶ୍ଚର୍ଯ୍ୟଜନକ ଭାବେ ନିରବତା ଅବଲମ୍ବନ କରିଥିଲା । ଅଷ୍ଟ୍ରେଲୀୟ ସମ୍ବାଦପତ୍ରର ସୂଚନା ଅନୁସାରେ, ଉଭୟ ଦେଶ ମଧ୍ୟରେ ପ୍ରବାହିତ ନଦୀର ହିମଜଳ ସ୍ରୋତକୁ ରାତି ଅନ୍ଧାରରେ ପାର ହେବାବେଳେ ଅଧିକାଂଶ ସୈନିକ ପ୍ରାଣ ହରାଇଥିଲେ । ଭାରତୀୟ ଯବାନଙ୍କ ସହିତ ହାତାହାତିରେ ମଧ୍ୟ ଅନେକ ମୃତାହତ ହୋଇଥିଲେ । ଚୀନ୍‌ର ବିସ୍ତାରବାଦୀ ଔଦ୍ଧତ୍ୟର ଏହା ଅଂଶବିଶେଷ ଯେ ବେଜିଂ କର୍ତ୍ତପକ୍ଷ ସଦାବେଳେ ସତକୁ ଲୁଚାଇ ରଖିଥାନ୍ତି । ବିଶେଷ କରି ନିଜ ସେନାଙ୍କ ମୃତାହତ କିମ୍ବା କ୍ଷୟକ୍ଷତିକୁ ସ୍ୱୀକାର କରିନଥାନ୍ତି । ଏହା କେବଳ ଗଲୱାନ ଘାଟି ଘଟଣାରୁ ନୁହେଁ, ଊଣାଅଧିକେ ସବୁ ବିବାଦରେ ଏହା ପ୍ରମାଣିତ ହୋଇଛି । ୨୦୨୦ ମସିହା ଜୁନ୍ ମାସଠାରୁ ଉଭୟ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ଲାଗି ରହିଥିବା ଜଟିଳତା ଏବେ ସୁଦ୍ଧା ସମାଧାନ ହୋଇପାରିନାହିଁ । ରାଜନୈତିକ, କୂଟନୈତିକ ଏବଂ ସେନା ଅଧିକାରୀସ୍ତରୀୟ ଆଲୋଚନା ସତ୍ତ୍ୱେ ପ୍ରତିଥର ଚୀନ୍ କୌଣସି ନା କୌଣସି ବାହାନାରେ ବିବାଦକୁ ବଞ୍ଚାଇ ରଖିବାର ପ୍ରୟାସ କରିଚାଲିଛି । ଏହା ବେଜିଂର ପୁରୁଣା ଖୋଇ, ଯାହା ସମସ୍ତଙ୍କୁ ଜଣା । ଗୁରୁବାର ଦିନ ଏହି ପରିପ୍ରେକ୍ଷୀରେ ଭାରତର ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରବଣେ ଏକ ଅନଲାଇନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କେତେଗୋଟି ବାସ୍ତବ ସତ୍ୟକୁ ଦେଶବାସୀଙ୍କ ନିକଟରେ ଉପସ୍ଥାପନ କରିଛନ୍ତି । ଜେନେରାଲ ନରବଣେଙ୍କ ମତ ଅନୁସାରେ- ଏବେ ଭାରତ ଯେଉଁ ବିବାଦ ଦେଖୁଛି ତାହା କେବଳ ଭବିଷ୍ୟତ ଯୁଦ୍ଧର ଟ୍ରେଲର ମାତ୍ର । ଚୀନ୍ ଏବଂ ପାକିସ୍ତାନ ଭଳି ଅବିଶ୍ୱସ୍ତ ପ୍ରତିବେଶୀମାନେ କେବଳ ସୀମାନ୍ତ ନୁହେଁ ସାଇବର ସ୍ପେସ୍ ଠାରୁ ଆରମ୍ଭ କରି ନେଟୱାର୍କ ଏବଂ ସୂଚନା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଯୁଦ୍ଧ ଆରମ୍ଭ କରିଦେଇଛନ୍ତି । ଏପରିକି ପାକିସ୍ତାନକୁ ଚୀନର ନିଃସର୍ତ୍ତ ସମର୍ଥନ ଆତଙ୍କବାଦକୁ ମଧ୍ୟ ଅସ୍ତ୍ର ରୂପେ ଉପଯୋଗର ସୁଯୋଗ ପ୍ରଦାନ କରିଛନ୍ତି । ତେଣୁ ଭବିଷ୍ୟତର ଯୁଦ୍ଧ କେବଳ ସୀମାରେ ନୁହେଁ, ଆହୁରି ଅନେକ ସ୍ତରରେ ମଧ୍ୟ ଲଢ଼ିବାକୁ ପ୍ରସ୍ତୁତ ରହିବାକୁ ହେବ । ଏଥିପାଇଁ ସୀମାନ୍ତରେ ସେନାଙ୍କୁ ପ୍ରସ୍ତୁତ ରଖାଯିବା ଭଳି ସୂଚନା ପ୍ରଯୁକ୍ତି ଏବଂ ସାଇବର ସ୍ପେସ୍‌କୁ ମଧ୍ୟ ଉପଯୁକ୍ତ ଭାବେ ସଜାଗ ରଖିବାକୁ ପଡ଼ିବ । ବିଶେଷକରି ଦେଶର ଉତ୍ତର ସୀମାନ୍ତ ଉପରେ ଏବେ ଏହିସବୁ ଅପଶକ୍ତିଙ୍କ ଶ୍ୟେନଦୃଷ୍ଟି ନିବଦ୍ଧ ରହିଛି । ତେଣୁ ଏହି ସର୍ବଜନାଦୃତ ଆପ୍ତବାକ୍ୟଟି ସହିତ ଭାରତକୁ ସଜାଗ ରହିବାକୁ ହେବ ଯେ, ବାସ୍ତବ ଯୁଦ୍ଧ ଲାଗୁ ଅବା ନଲାଗୁ ଯୁଦ୍ଧ ମୁକାବିଲା ପାଇଁ ସଦାବେଳେ ପ୍ରସ୍ତୁତ ରହିବା ହିଁ ଶ୍ରେୟ । ଶତ୍ରୁପକ୍ଷ ସହ ସମକକ୍ଷ ହେବା ହିଁ ଯୁଦ୍ଧ କୂଟନୀତିର ପ୍ରଥମ ଧର୍ମ । ଶତ୍ରୁଠାରୁ ପାଦେ ଆଗୁଆ ରହିବା ହେଉଛି ବିଜ୍ଞତା । ଏକବିଂଶ ଶତାବ୍ଦୀରେ ଯେତେବେଳେ ଯୁଦ୍ଧର ପରିଭାଷା ବଦଳି ଚାଲିଛି ଏବଂ ବିଶ୍ୱର କତିପୟ ରାଷ୍ଟ୍ର ବୈଶ୍ୱିକ ସର୍ବମାନ୍ୟ ବ୍ୟବସ୍ଥା ଓ ନୀତିକୁ ନମାନି ଏହାର ଉଲ୍ଲଂଘନ କରିଚାଲିଛନ୍ତି, ଭାରତ ନିଜର ସାର୍ବଭୌମତ୍ୱ ଓ ଭୌଗୋଳିକ ଅଖଣ୍ଡତା ବଜାୟ ରଖିବା ନିମନ୍ତେ ବେଳ ଥାଉ ବନ୍ଧ ବାନ୍ଧିବା ନ୍ୟାୟରେ ପ୍ରସ୍ତୁତ ରହିବା ହିଁ ଶ୍ରେୟସ୍କର । ଅନ୍ୟଥା ଅବିଶ୍ୱସ୍ତ ଚୀନ୍ ଏବଂ ଅପଶକ୍ତି ପାକିସ୍ତାନ ସଦାବେଳେ ସେମାନଙ୍କର ଔଦ୍ଧତ୍ୟ ପ୍ରଦର୍ଶନ କରି ସୀମାନ୍ତକୁ ଅଶାନ୍ତ କରି ରଖିବେ । ଏହାର ପ୍ରତି କ୍ଷେତ୍ରରେ ମୁହଁତୋଡ଼ ଜବାବ ଦେବାକୁ ଭାରତ ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ।

# ବିଦ୍ୟାଦାତ୍ରୀ ସରସ୍ୱତୀ




### ଜୟଶ୍ରୀ ପଟ୍ଟନାୟକ




ଶକ୍ତି ଉପାସନା ଭାରତୀୟ ସଂସ୍କୃତିରେ ବହୁ ପ୍ରାଚୀନ ଅଟେ । ମାତୃଶକ୍ତି ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇ ଆସୁଅଛି । ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଉତ୍ସ । ଭାରତୀୟ ଶକ୍ତିତନ୍ତ୍ରର ବିଚାରଧାରା ଅନୁଯାୟୀ ଯେଉଁ ତ୍ରିଶକ୍ତିର ପରିକଳ୍ପନା କରାଯାଇଛି ସେମାନେ ହେଲେ

୧.ମହାଶକ୍ତି ୨. ମହାଲକ୍ଷ୍ମୀ ୩. ମହା ସରସ୍ୱତୀ

ଦୁର୍ଗା ମହାଶକ୍ତି, ମହାଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଦେବୀ ଏବଂ ମହା ସରସ୍ୱତୀ ବିଦ୍ୟାର ଦାତ୍ରୀ । ଏହି ତ୍ରି ମହାଶକ୍ତି ଭିତରେ ମହାସରସ୍ୱତୀ ସର୍ବ କନିଷ୍ଠା । ସମସ୍ତ କଳା ସାହିତ୍ୟ, ସଙ୍ଗୀତ, ନାଟ୍ୟ, ନୃତ୍ୟ, କଳା, ଭାସ୍କର୍ଯ୍ୟ ଭିତରେ ମହା ସରସ୍ୱତୀ ହିଁ ଆନନ୍ଦମୟ ସ୍ୱରୂପରେ ବିଦ୍ୟମାନ ରହିଥାନ୍ତି । ତାଙ୍କୁ ବାକ୍‌ଦେବୀ ମଧ୍ୟ କୁହାଯାଏ । ସେ ହେଉଛନ୍ତି ଜ୍ଞାନର ଦେବୀ । ସେ ହେଉଛନ୍ତି ସର୍ବବ୍ରହ୍ମ । ସମସ୍ତ ଶିଳ୍ପ କଳା ଭାସ୍କର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ । ଅତିମାନସ ଶକ୍ତିକୁ ସାଧାରଣତଃ ଆମେ ଜାଗତିକ ପୃଥିବୀ ଉପରେ ମହା ସରସ୍ୱତୀଙ୍କ କୃପାରୁ ଦେଖିଥାଉ । ଯା ଫଳରେ ମାନବ ଏକ ସାଧାରଣ ମାନବରୁ ଦିବ୍ୟମାନବରେ ରୂପାନ୍ତରିତ ହୋଇଥାଏ । ଆମକୁ ଏକ କ୍ଷୁଦ୍ରତର ଚେତନାରୁ ଶାଶ୍ୱତ ଆନନ୍ଦ ଦେବାପାଇଁ ମହା ସରସ୍ୱତୀ ବୃହତର ଚେତନା ଭିତରକୁ ନେଇଯାନ୍ତି । ସେ ସକଳ ସୃଜନର ଅଧିକାରିଣୀ । ଲେଖକ, କବି, କଳାକାର, ନାଟ୍ୟକାର, ଗିତିକାର, ଅଭିନେତା ନେତା, କଥାକାର ସମସ୍ତଙ୍କର ଆରାଧ୍ୟ ଦେବୀ ହେଉଛନ୍ତି ମା ସରସ୍ୱତୀ । ପୃଥିବୀ ପୃଷ୍ଠରେ ଶୀତର ବିଦାୟ ଏବଂ ବସନ୍ତର ଆଗମନରେ ଆମ୍ବଡାଳରେ ବସି କୋକିଳ ଆମନ୍ତ୍ରଣ କରେ ଋତୁରାଜ ବସନ୍ତକୁ । ପ୍ରକୃତି ହୋଇପଡେ ଆତ୍ମହରା, ମଧୁପର ମଧୁଗୁଂଜନ ପବନରେ ଶୁଭୁଥାଏ । ପଲ୍ଲବିତ ହୋଇପଡନ୍ତି ବୃକ୍ଷଲତା ନବପଲ୍ଲବରେ । ପୁଷ୍ପିତ ହୋଇପଡେ ବୃକ୍ଷରାଜି ମଲ୍ଲୀ ମାଳତୀ, ଜୁଇ ହେନା ଟଗର, କନିଅର, କରବୀର ମନ୍ଦାରଙ୍କ ରଙ୍ଗ ରଙ୍ଗର ପୁଷ୍ପହାଟରେ । ଧରାକୁ ଆସେ ବସନ୍ତ । ପବିତ୍ର ମାଘ ଶୁକ୍ଳପକ୍ଷ ଶ୍ରୀ ପଂଚମୀ ତିଥିରେ ତା ସହିତ ଧରାବତରଣ କରନ୍ତି ଶୁକ୍ଳବର୍ଣ୍ଣା, ଶ୍ୱେତ ପଦ୍ମାସନା ହଂସବାହିନୀ, ବୀଣାବାଦିନୀ, ଜ୍ଞାନ ପ୍ରଦାୟିନୀ ମା ସରସ୍ୱତୀ । ସେ ବିଦ୍ୟା ବୁଦ୍ଧି ପ୍ରଦାୟିନୀ ତାଙ୍କ ଦୟା ହେଲେ ମୁର୍ଖ ବି ହୁଏ ପଣ୍ଡିତ, ମୁକ କଥା କୁହେ । ପଙ୍ଗୁ ଲଂଘେ ଗିରି । ପୁରାଣ କହେ ଶ୍ରୀକୃଷ୍ଣଙ୍କ ଆଦେଶ କ୍ରମେ ସରସ୍ୱତୀ ବୈକୁଣ୍ଠପୁରକୁ ଯାଇ ବିଷ୍ଣୁଙ୍କ ମନୋହାରିଣୀ ହେଲେ । ପୁରାଣରେ କୁହାଯାଏ ସେ ହେଉଛନ୍ତି ବ୍ରହ୍ମାଙ୍କ ପତ୍ନୀ । ମାଘ ଶୁକ୍ଳ ପଂଚମୀରେ ମର୍ତ୍ତ୍ୟରେ କୃଷ୍ଣଙ୍କ ଦ୍ୱାରା ସରସ୍ୱତୀ ପୂଜା ଆରମ୍ଭ ହୋଇଥିଲା । ଏହିଦିନ ଦେବୀ ଜନ୍ମ ହୋଇଥିଲେ । ସେ ଶୁଭ୍ର ବସ୍ତ୍ର ପରିହିତା, ଚତୁର୍ଭୂଜା ଦେବୀ । ତାଙ୍କର ଦକ୍ଷିଣ ହସ୍ତରେ ବୀଣା ନାଦଶକ୍ତିର ପ୍ରତୀକ, ପୁସ୍ତକ ଜ୍ଞାନଶକ୍ତିର ପ୍ରତୀକ ବାମହସ୍ତରେ । ସେ ହଂସବାହିନୀ । ବୀଣାବାଦିନୀ । ବିଦ୍ୟାଦାୟିନୀ ମା । ତେଣୁ ଶ୍ରୀ ପଂଚମୀ ଦିନଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ଦେବୀଙ୍କର ମୃଣ୍ମୟୀ ପ୍ରତିମା ପୂଜାପାଏ । ହଂସ ଯେପରି କ୍ଷୀରରୁ ପାଣି ଅଲଗା କରି କ୍ଷୀର ପାନକରେ ସେହିପରି ଦେବୀଙ୍କୁ ଆରାଧନା ଉପାସନା କଲେ ଦେବୀ ମନ୍ଦବୁଦ୍ଧିକୁ ପରିତ୍ୟାଗ କରି ସଦ୍ ବୁଦ୍ଧି ଦିଅନ୍ତି । ଏହିଦିନ ବିଦ୍ୟାରମ୍ଭ କଲେ ବହୁତ ଶୁଭ ହୋଇଥାଏ । ସଂଗୀତ, ବାଦ୍ୟ, ନୃତ୍ୟ, ସାହିତ୍ୟିକ, ଗିତିକାର, ନାଟ୍ୟକାର ସମସ୍ତଙ୍କ ପାଇଁ ଶ୍ରୀ ପଂଚମୀ ଉପାସନାର ଦିନ । କୁହାଯାଏ ଯେ ବ୍ୟାସଦେବ ସରସ୍ୱତୀଙ୍କୁ ବନ୍ଦନା କରି ମହାଭାରତ ସମାପ୍ତ କରିଥିଲେ । ଋଷି ଯାଜ୍ଞବଲ୍କ୍ୟ, ପ୍ରଜାପତି ବ୍ରହ୍ମା, ମହର୍ଷି ବାଲ୍ମିକି ଦେବଗୁରୁ ବୃହସ୍ପତି ଆସି ମା ସରସ୍ୱତୀଙ୍କୁ ପୂଜାକରି ଦିବ୍ୟଜ୍ଞାନ ଲାଭ କରିଥିଲେ । ଜୈନ ମାନେ ଶ୍ରୁତବିଦ୍ୟା ରୂପରେ ଦେବୀଙ୍କୁ ଆରାଧନା କରନ୍ତି । ସମସ୍ତ ପ୍ରକାର ଅଜ୍ଞାନତା, ଦୁଃଖ ଦୂରକରିବା ଲାଗି । ଜୈନ ଧର୍ମରେ ଦେବୀଙ୍କୁ ନଦୀ ଦେବୀ ଭାବରେ ଏବଂ ଜ୍ଞାନ, ପ୍ରଜ୍ଞା ବିଦ୍ୟା ନିମନ୍ତେ କାର୍ତ୍ତିକ ମାସ ଶୁକ୍ଳ ପଂଚମୀ ତଥା ଜ୍ଞାନ ପଂଚମୀରେ ପୂଜା କରନ୍ତି । ବୌଦ୍ଧ ଶାସ୍ତ୍ର ସାଧନାମାଳାରେ ମା ସରସ୍ୱତୀ ଜ୍ଞାନ ବୁଦ୍ଧି ପ୍ରଦାୟିନୀ ଦେବୀ ରୂପେ ପୂଜା କରାଯାଏ । ସରସ୍ୱତୀଙ୍କ ଦୟାରୁ କବି କାଳିଦସେ ପଣ୍ଡିତ ହୋଇଥିଲେ । ତାଙ୍କ ଦୟାରୁ ସାରଳା ଦାସ ଜଣେ ବଡ କବି ହୋଇଥିଲେ । ତେଣୁ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନେ ଖୁବ ପବିତ୍ରତାର ସହିତ ସରସ୍ୱତୀ ମୂର୍ତି ବସାଇ ମେଢ଼ ସଜାଇ ପୂଜା କରିଥାନ୍ତି ଏବଂ ପୁଷ୍ପାଂଜଳି ପ୍ରଦାନ କରି ଶୁଦ୍ଧ ବୁଦ୍ଧି ଦେବା ପାଇଁ ସାଷ୍ଟାଙ୍ଗ ପ୍ରଣାମ କରିଥାନ୍ତି । କୋଉ କୋଉ ସ୍କୁଲରେ ଭୋଜିଭାତର ଆୟୋଜନ ମଧ୍ୟ ହୋଇଥାଏ । ସେ ଜ୍ଞାନ ଓ ଚେତନାର ଦେବୀ । ବେଦମନ୍ତ୍ର ର ଜନନୀ ଅଟନ୍ତି ତେଣୁ ତାଙ୍କ ମନ୍ତ୍ରକୁ ସରସ୍ୱତୀ ବନ୍ଦନା କୁହାଯାଏ । ସରସ୍ୱତୀ ବିଦ୍ୟା ବୁଦ୍ଧି ବାଣୀର ଦେବୀ । ମନ, ବୁଦ୍ଧିକୁ ପରିଚାଳିତ କରନ୍ତି । ତାଙ୍କର ଗୋଟିଏ ହାତରେ ଗ୍ରନ୍ଥ ଯାହା ବେଦର ପ୍ରତୀକ । ଅନ୍ୟ ହାତରେ ପଦ୍ମ ଯାହା ଜ୍ଞାନର ପ୍ରତୀକ ଅନ୍ୟ ଦୁଇ ହାତ ବୀଣା ଧାରଣ କରିଥାନ୍ତି । ସେ ଶୁଭ୍ର ବସ୍ତ୍ର ପରିହିତା ଯାହା ପବିତ୍ରତାର ସୂଚକ । । ହଂସବାହିନୀ ଭାବରେ ସଦ୍‌ଗତି ପ୍ରଦାନ କରନ୍ତି । ଏହିଦିନ ବିବାହ, ବ୍ରତ, ଗୃହପ୍ରତିଷ୍ଠା, ବିଦ୍ୟାରମ୍ଭ, ସଙ୍ଗୀତଶିକ୍ଷା ର ମଧ୍ୟ ଶୁଭାନୁକୂଳ ହୁଏ । ସରସ୍ୱତୀ ନାରାୟଣଙ୍କ ପତ୍ନୀ ମଧ୍ୟ ସେ ଗଙ୍ଗାଙ୍କ ଅଭିଶାପରୁ ଅନ୍ତଃସଲୀଳା ନଦୀ ରୂପେ ପ୍ରବହମାନ । ଜଗନ୍ନାଥଙ୍କ ଘୋଡଲାଗି ବେଶ ଅନୁଷ୍ଠିତ ହୁଏ ମାର୍ଗଶିର ମାସ ଶୁକ୍ଳପକ୍ଷ ଓଢ଼ଣ ଷଷ୍ଠୀରୁ ଏବଂ ଶ୍ରୀ ପଂଚମୀ ଦିନ ଏହିବେଶର ପରିସମାପ୍ତି ଘଟେ । ସରସ୍ୱତୀଙ୍କୁ ପୂଜା କରାଯାଇ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ କରାଯାଏ । ଶ୍ରୀ ପଂଚମୀ ଦିନଠାରୁ ନବକଳେବର ସମୟରେ ବନଯାଗ ଯାତ୍ରା ଆରମ୍ଭ ହୁଏ । ଛୋଟ ପିଲାଙ୍କ ବିଦ୍ୟାରମ୍ଭ ମଧ୍ୟ ଏହିଦିନ କରାଯାଏ । ତେଣୁ ମାତୃ ଉପାସନାରେ ସରସ୍ୱତୀଙ୍କୁ ପୂଜା କରାଯାଇ ତାଙ୍କର ଆଶିଷ ଲାଭ କରିବା ଦ୍ୱାରା ଅହଂକାର ଦୂରେଇଯାଇ ଜ୍ଞାନ ବିକଶିତ ହୁଏ ।


ଭୁବନେଶ୍ୱର,
(ମୋ)୭୯୭୮୧୧୦୪୭୪


# ମୋ ସ୍ମୃତିରେ ସରସ୍ୱତୀ ପୂଜା




### ସମିତ ଦାଶ




ବସନ୍ତ ଆଗମନେ ଶୁଭ ଶଙ୍ଖର ନାଦରେ ଦେବୀ ବିଦ୍ୟାଦାତ୍ରୀ ବାଗ୍ଦେବୀ ବୀଣାପାଣି ଏ ଧରାପୃଷ୍ଠକୁ ଅବତରଣ କରନ୍ତି । ଦେବୀ ସରସ୍ୱତୀ ବିଦ୍ୟାର ଭଣ୍ଡାର । ପ୍ରତିବର୍ଷ ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ମାଙ୍କ ପୂଜା ଅନୁଷ୍ଠିତ ହୁଏ । ଶ୍ରୀ କହିଲେ ଶୁଭ ଲକ୍ଷଣ ତେଣୁ ମାଘ ପଞ୍ଚମୀକୁ ଶ୍ରୀ ପଞ୍ଚମୀ କହାଯାଏ । ଏହି ସମୟଟି ଶୀତକୁ ବିଦାୟ ଓ ବସନ୍ତକୁ ଆଗମନ ହେଉଥିବାରୁ ବସନ୍ତ ପଞ୍ଚମୀ କହନ୍ତି । ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମା'ଙ୍କ ପୂଜାର୍ଚ୍ଚନା ବହୁତ ଧୁମ୍‌ଧାମ୍‌ରେ ପାଳିତ କରାଯାଇଥାଏ । ମା' ସରସ୍ୱତୀଙ୍କ ପୂଜା ଆସିଲେ ଆମ ଗାଁ କଥା ମନେପଡେ । ଏମିତିରେ ଆମେ ଗାଁରେ କେବେ ରହୁ କି ନରହୁ ହେଲେ ପ୍ରତି ବର୍ଷ ଗାଁରେ ମା' ସରସ୍ୱତୀଙ୍କ ପୂଜା ହେବା କଥା ହବ। ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜାଟି ବାହାର ଜାଗାରେ ଯେଉଁ ଭଳି ଭାବରେ ପ୍ରସିଦ୍ଧ ମା' ସରସ୍ୱତୀଙ୍କ ପୂଜା ସେହିଭଳି ଭାବରେ ହୁଏ ନାହିଁ ହେଲେ ମାଆ ସରସ୍ୱତୀ ହେଉଛନ୍ତି ବିଦ୍ୟାର ଭଣ୍ଡାର ସେଥିପାଇଁ ମା'ଙ୍କ ପୂଜା ଅଧିକ ଛାତ୍ର ଛାତ୍ରୀ ମାନେ କରନ୍ତି । ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ମାଆଙ୍କ ପୂଜା ରୀତି ନୀତିରେ ଅନୁଷ୍ଠିତ ହୋଇଥାଏ । ସରସ୍ୱତୀ ପୂଜା ପ୍ରାଚୀନ କାଳରୁ ହୋଇ ଆସୁଥିବା ଏକ ମହାନ ପର୍ବ ।

ଆଜିବି ମନେପଡେ ସେହି ପିଲାଦିନର କଥା ମାନେଅଛି ସେହି ବର୍ଷ ଆମ ସ୍କୁଲର ସରସ୍ୱତୀ ପୂଜା । ପୂଜା ପୂର୍ବରୁ ସ୍କୁଲର ପ୍ରଧାନଶିକ୍ଷକ ଆମ ମାନଙ୍କୁ କହିଥିଲେ ପିଲାମାନେ ଯାଅ ମା'ଙ୍କ ମୂର୍ତ୍ତି ବରାଦ ଦେଇ ଆସିବ ଆଉ ପୂଜା ସାମଗ୍ରୀ ଆଣିବ । ଠିକ ପୂଜା ପୂର୍ବ ଦିନ ଘର ଧୁଆ ଦିନ ଆମେ ବିଦ୍ୟାଳୟ ହତା ଓ ଚାରିପାଖ ସଫା କରିଲୁ । ମାଆଙ୍କ ପୂଜା ଯେଉଁ ଘରେ ହବ ସେ ଘରଟିକୁ ଆମେ ଧୋଇ ପରିଷ୍କାର ପରିଚ୍ଛନ୍ନ କରିଲୁ । ପୂଜା ଘରେ ଓ ବାହାରେ ରଙ୍ଗୀନ୍ କାଗଜ ଝଲେରି ଓ ବିଭିନ୍ନ ପ୍ରକାର ଲିଚୁ ସଜାଇଲୁ । ଘର ବାହାରେ ଦୁଇଟି କଦଳୀଗଛ ପୋତିଲୁ । ପୂଜା ସମାଗ୍ରୀ ଯୋଗାଡ଼ କରି ରଖିଦେଲୁ । ପୂଜାଦିନ ସକାଳେ ପିଲା ମନେ ନୂଆ ପୋଷାକ ପିନ୍ଧି, ଫୁଲ ଓ ଭୋଗ ଧରି ବିଦ୍ୟାଳୟକୁ ଆସିଲେ । ପୁରୋହିତ ଆସିଲେ ଓ ପୂଜାକାର୍ଯ୍ୟ ଆରମ୍ଭ କରିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ତ୍ତା ରୂପେ ବସିଲେ ପୂଜାକାର୍ଯ୍ୟ ଆରମ୍ଭ ହେଲା । ମା' ସରସ୍ୱତୀ ଶୁଭ୍ରବସ୍ତି ଓ ପୁଷମାଳାରେ ମଣ୍ଡିତ ହୋଇଥାନ୍ତି । ସରସ୍ୱତୀଙ୍କ ନିକଟରେ ହୋମ ହେବା ସହିତ ଉଖୁଡ଼ା, କଦଳୀ, ସେଓ ଅଙ୍ଗୁର ଆଦି ବିଭିନ୍ନ ପ୍ରକାର ଭୋଗ ହେଲା । ଧୂପ, ଦୀପ ଓ ଝୁଣା ଗନ୍ଧରେ ପୂଜା କୋଠରୀ ମହକି ଉଠୁଥାଏ । ଘଣ୍ଟ ଘଣ୍ଟି ଶବ୍ଦରେ ଏକ ଭକ୍ତିଭାବ ମନରେ ସୃଷ୍ଟି ହୁଏ । ଏହାପରେ ଯେଉଁମାନେ ନଡ଼ିଆ ଆଣିଥିଲେ ସେମାନେ ନଡ଼ିଆ ବାଡେଇଲେ । ପୂଜା ଶେଷରେ ଦେବୀ ମାଆଙ୍କ ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି ସମର୍ପଣ କରି ସବୁ ଛାତଛାତ୍ରୀ, ଶିକ୍ଷକ ପ୍ରଭୃତି ମନ୍ତ୍ରୋଚାରଣ କରିଲୁ ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା ଯା ବୀଣା ବରଦଣ୍ଡମଣ୍ଡିତକରା ଯା ଶ୍ୱେତ ପଦ୍ମାସନା ଯା ବ୍ରହ୍ମା ଚ୍ୟୁତଶଙ୍କର ପ୍ରଭୃତିଭି ଦେବୈ ସଦାବନ୍ଦିତା ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା ।

ପୁଷ୍ପାଞ୍ଜଳି ପ୍ରଦାନ ପରେ ସମସ୍ତେ ଦେବୀଙ୍କର ଚରଣାର ବିନ୍ଦରେ ପଡ଼ିଲୁ ଓ ଏହାପରେ ପ୍ରସାଦ ବିତରଣ କରାଗଲା ବିଦ୍ୟାଳୟରେ ଭୋଜି ଭାତ କରାଯାଇଥିଲା ଭୋଜି ଖାଇସାରି ସମସ୍ତେ ଘରକୁ ଫେରିଲୁ। ଏ ତ ମୁଁ ଛୋଟ ବେଳେ ବିତେଇଥିବା ସରସ୍ୱତୀ ପୂଜା ଆମ ବିଦ୍ୟାଳୟର । ହେଲେ ଆମ ଗାଁ ସରସ୍ୱତୀ ପୂଜା ପୁରା ଭିନ୍ନ ପ୍ରକାରର । ଆମ ଗାଆଁ ରେ ପ୍ରତିବର୍ଷ ସରସ୍ୱତୀ ପୂଜା ଯାତ୍ରା ଓ ମେଲୋଡି ହୋଇଥାଏ । ଦେବୀ ମା' ସରସ୍ୱତୀଙ୍କ ପୂଜା ଲାଗି ପୁରା ଗାଁରୁ ଚାନ୍ଦା ଆଦାୟ ହୋଇଥାଏ ଓ ମା' ସରସ୍ୱତୀଙ୍କ ଏକ ବଡ ମୂର୍ତ୍ତି ମଧ୍ୟ ଗ୍ରାମ ଲୋକ ମାନେ ମିଳିମିଶି ତିଆରି କରନ୍ତି । ଆମ ଗାଆଁରେ ସରସ୍ୱତୀ ପୂଜାରେ ପ୍ରାୟ ଦସ ଦିନ ଲାଗି ଯାତ୍ରା ଓ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥାଏ । ମାଆଙ୍କ ପୂଜାରେ ଗାଁର ଯେଉଁ ଲୋକମାନେ ଦୂର ରହି କାମ କରୁଥାନ୍ତି ସେମାନେ ମଧ ଗାଁକୁ ଆସିଥାନ୍ତି । ଦୀର୍ଘ ଦୁଇ ବର୍ଷ ତଳର କଥା ମା ସରସ୍ୱତୀଙ୍କ ପୂଜା ବେଶ ଧୁମ ଧାମ ରେ ହୋଇଥିଲା । ପୂଜା ପୂର୍ବ ଦିନ ମାଆଙ୍କ ମୂର୍ତ୍ତି ରଙ୍ଗ ହେଉଥାଏ ଓ ପୂଜା ଯେଉଁ ସ୍ଥାନରେ ହୁଏ ତାର ଆଗକୁ ଡେକୋରେସନ ହେଉଥାଏ ଆମେ ମାନେ ମିଶି ମା'ଙ୍କ ମେଢ ତିଆରି କରିଲୁ ବିଭିନ୍ନ ପ୍ରକାର ଝାଲର ସଜାଇଲୁ ଓ ରଙ୍ଗ ବେରଙ୍ଗର ଆଲୁଅ ଲଗାଇଲୁ । ପୂଜା ଦିନ ସକାଳୁ ମାଆଙ୍କ ଚକ୍ଷୁ ଦାନ କରାଗଲା । ନାନା ଆସି ମା'ଙ୍କୁ ପୂଜା କଲେ ଭୋଗ କରିଲେ ଆମେ ମାନେ ପୁଷ୍ପାଞ୍ଜଳି ଦେଲୁ ଓ ମାଙ୍କ ପାଖରେ ହେଇଥିବା ଭୋଗ ଗାଁରେ ଦେଲୁ ଓ ସେଦିନ ରାତିରେ ପାଲା କାର୍ଯ୍ୟକ୍ରମ ହେଲା ଓ ତା ପରେ ପାଞ୍ଚଦିନ ଯାତ୍ରା ହୋଇଥିଲା । ଶେଷରେ ବଜାବଜାଇ ମାଆଙ୍କୁ ମେଲାଣି ଦେଲୁ । ସେ ବର୍ଷ ଥିଲା ଭାରି ନିଆରା ସରସ୍ୱତୀ ପୂଜା ତା ପର ଠୁ ତ କୋରନା ମାଡି ଚାଲିଛି ଆଉ । ଏ ବର୍ଷ ବି ସେମିତି ଖାଲି ଛୋଟ ମୂର୍ତ୍ତିରେ ମା'ଙ୍କୁ ପୂଜା କରିବୁ ବିନା ସଂସ୍କୃତିକ କାର୍ଯ୍ୟକ୍ରମରେ । ଏ ବର୍ଷ ମାଙ୍କୁ ମେଲାଣି ଦେଲା ପରେ ପୁଣି ଆଉ ଗୋଟେ ବର୍ଷ ଅପେକ୍ଷା କରୁ ମାଆଙ୍କ ଆଗମନକୁ ।


ପଲ୍ଲିକଣ୍ଟା, ଏରସମା,
ଜଗତସିଂହପୁର
ମୋ: ୯୧୭୮୮୦୪୭୪୫







## ମାଆ ସରସ୍ୱତୀ


### ଅରୂପ କୁମାର ବିଶ୍ୱାଳ


ବିଦ୍ୟା ପ୍ରଦାୟିନୀ ମାଆ ସରସ୍ୱତୀ
ଦେ ମାତ ତୋ ଆଶିଷ,
ଜ୍ଞାନ ଚକ୍ଷୁ ମାତ ଖୋଲି ଦେ ମୋର
ଭରିଯାଉ ମୁଖେ ହସ।

ମହାମୁର୍ଖ ମୁହିଁ ଅଟେ ଅକିଞ୍ଚନ
ନାହିଁ ମୋର ଏତେ ଜ୍ଞାନ,
ତୋର ପାଦ ତଳେ ଗୁହାରି ଏତିକି
ଦେ ମୋତେ ବିଦ୍ୟାଧନ।

ତୋର ଦୟା ବିନା ଅଧୁରା ମୁଁ ଅଟେ
ନାହିଁ ମୋର ସଦଜ୍ଞାନ,
ତୋ କରୁଣା କଣା କର ନାହିଁ ଊଣା
ଦିଅ ମୋତେ ଦିବ୍ୟଜ୍ଞାନ।

ମାଆ ବୀଣାପାଣି ପୁସ୍ତକ ଧାରିଣୀ
ଶୁଭ୍ରବସ୍ତ୍ର ଶୋହେ ଅଙ୍ଗେ,
ଅନ୍ତରେ ଡାକିଲେ ଯାଚି ଦେଉ ବିଦ୍ୟା
ଯେମିତି ବିଦ୍ୟାର୍ଥୀ ମାଗେ।

ତୋର ଦୟା ହେଲେ ପଙ୍ଗୁ ଲଙ୍ଘେ ଗିରି
ମୁକ ବୋଲାଏ ବାଚାଳ,
ବିଦ୍ୟା ଠାକୁରାଣୀ ମା ଗୋ ବୀଣାପାଣି
ଦୁର୍ବଳର ତୁହିଁ ବଳ।

ତୋତେ ସୁମରିଲେ ଅଜ୍ଞାନ କଳୁଷ
ଅଜ୍ଞାନୀର ହୁଏ ନାଶ,
ଜଗତ ହସଇ ସୁଖ ସମୃଦ୍ଧିରେ
ପାଇ ତୋହର ଆଶିଷ।


♥ ସହକାରୀ ଶିକ୍ଷକ
ଏନ୍.ଏ.ସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ


## ଛାୟା


### ସୁମିତା ବେହେରା




ସେ ଆସି ଧୀର ସ୍ୱରରେ ଡାକିଲା ଉଠ
ନିଦ ମଳମଳ ଆଖିରେ କହିଲି
ଦୟାକରି ଉଠାଅନା ମୋତେ
ସେ କହିଲା -ଦେଖ, ସିନ୍ଦୂରା ଫାଟିବାର ଦୃଶ୍ୟ
କେତେ ମନୋରମ
କେତେ ପ୍ରଶାନ୍ତ
କାହିଁକି କେଜାଣି ପୁଣିଥରେ ଶୁଣିବାକୁ ଇଚ୍ଛା ହେଲା ସେଇ ଡାକ
କେତେ ମଧୁର ସେ ସ୍ୱର
ପୁଣି ଥରେ ସେଇ ସ୍ୱର 'ଉଠ'
ମୁଁ କହିଲି ଦେଖୁଛନା ବାହାରେ ଅନ୍ଧାର
ମୋ ଜୀବନ ଟା ଠିକ୍ ସେମିତି
ଆଉ କିଛି ସମୟ ମୋତେ ତା ସହିତ ରହିବାକୁ ଦିଅ ।

ସେ ହସିଲା-କି ଅପୂର୍ବ ସେ ହସ
କହିଲା-ଅନ୍ଧାର ଦିନେ ହଟିଯାଇ ଆଲୋକ ଆସେ ରାତି ପାହି ସକାଳ ହୁଏ। ଏଇ ଦେଖ ଝର୍କା ସେପାଖେ କଅଁଳ ଖରା
ପବନରେ ମଲ୍ଲୀ, ମାଳତୀ ,ରଜନୀଗନ୍ଧା ର ମହକ
ସବୁକୁ ନିବିଡ ଭାବରେ ଅନୁଭବ କର ।
କିଛି ସମୟ ପାଇଁ ସ୍ପନ୍ଦିତ ହେଲା ହୃଦୟ
ଚେତନା ର ପୁଞ୍ଜାଏ ଆଲୁଅ ପ୍ରସରିଗଲା ହୃଦୟ ଯାଏ ।

ଏଇଥିରେ କଣ ହଜିଯିବ ବହଳ ଅନ୍ଧକାର
ଭରିଯିବ ଉର୍ଜା, ଲିଭିଯିବ କାକତାଳିକ ଦୋଷ ମୁଁ ପ୍ରଶ୍ନ କଲି।
ନିଶ୍ଚୟ । ତୁମେ ଉଠ। ପାଦ ବଢାଇ ଆଗକୁ ଯାଅ । ହସ୍ତ ପ୍ରସାରି ତାକୁ ଛୁଇଁବାକୁ ଚେଷ୍ଟା କର ।

ମୁଁ ଧୀରେ ଧୀରେ ଅଭିଭୂତ ହେଉଥିଲି ଜୀବନରେ ପ୍ରକାଶ୍ୟରେ
କେବେ କାହାକୁ ତାରିଫ କରି ନ ଥିଲେ ବି
ଇଚ୍ଛା ହେଉଥିଲା ଖୁବ୍ ତାରିଫ କରନ୍ତି
ତାଙ୍କ ମାତୃ ସ୍ୱରୁପା ଗୁଣ ପାଇଁ
ମନକୁ ବୁଝିଥିବା ପାଇଁ ।

ସତରେ ମନକଥା କହିବା ପାଇଁ ଶବ୍ଦର ଆବଶ୍ୟକତା ନାହିଁ ।
ମନର ଭାଷାରେ ଗୋଟିଏ ମନ ଆଉ ଗୋଟିଏ ମନ କଥା ବୁଝିପାରେ
ସଜ ସକାଳର ମଧୁର ସ୍ପର୍ଶ ଟେ
ଯେମିତି ହୃଦୟରେ ବିସ୍ମୟ ନ ହୋଇ ଛୁଇଁ ପାରେ ।
ପ୍ରଥମ ଥର ଅନୁଭବ କଲି ଶବ୍ଦରେ ବି ଓହ୍ଲାଇ ଆସେ ଜହ୍ନରାତି,
ସମୁଦ୍ର, ଆକାଶ, ନକ୍ଷତ୍ର
ଫୁଟିଉଠେ ଅସଂଖ୍ୟ ଗୋଲାପ
ଶବ୍ଦ ବି ଦେଇପାରେ ଗୋଟିଏ ଦିବ୍ୟ ଅନୁଭବ ।ମୁଁ ଉଠିଲି ।
ସେ ବୁଲିପଡି ଚାଲୁଥିଲେ ।ମୁଁ ତାଙ୍କୁ ଅନୁସରଣ କଲି ।ଡେଇଁଗଲି ତା ଭିତରେ କେତେ ଅନ୍ଧାର ର ସୀମା ।
ଧୀରେ ଧୀରେ ସ୍ୱପ୍ନ ହଟୁଥିଲା ଆଉ ଅପସରି ଯାଉଥିଲେ ସେ।

ଇସ୍, ସତେ କେତେ ସୁବର୍ଣ୍ଣ ଆଲୁଅ ମୋ ଚାରିପଟେ ।


♥ କଳିକପୁର, ବାରିପଦା


## ବନ୍ଦନା ତାଙ୍କର ଗାଇବା


### ଶରତ କୁମାର ଦାସ




ଆସିଛିରେ ପରା ବସନ୍ତ ପଂଚମୀ
ଧରା ହୋଇଲାଣି ସଜେଇ,
ହସିଲାଣି ମାଘମାସ ଶୁକ୍ଳପକ୍ଷ
ତୁରୀ ଭେରୀ ଶଙ୍ଖ ବଜେଇ
ଦେଖ ଦେଖ ପିଲେ ହରଷେ,
ମାଆ ସରସ୍ୱତୀ ଥାପିଛନ୍ତି ପାଦ
ଆଶିଷର ବାରି ବରଷେ ।

ବିଦ୍ୟାର ଦେବତୀ ଜୟ ମା' ଭାରତୀ
ଅଜ୍ଞାନ ଅନ୍ଧାର ନାଶିନୀ
ମାତା ବୀଣାପାଣି ପୁସ୍ତକ ଧାରିଣୀ
ଜ୍ଞାନଦାତ୍ରୀ ଚାରୁ ହାସିନୀ
ଆସ ଝୁନି ମୁନି ସରବେ,
ଭକତିର ଦୀପ ଜଳାଇ ଦେବାରେ
ପୟରେ ତାଙ୍କର ଗରବେ ।

ଧବଳ ବସନେ ଚିର ସୁଶୋଭିତା
ମରାଳ ବାହାନେ ବସିକି
ବିତରି ଦିଅନ୍ତି ବିଦ୍ୟା ବୁଦ୍ଧି ଯେତେ
ନିତି ସଦା ହସିହସିକି
ଶୁଣିବେ ଆମର କଥାକୁ,
ଡାକିବା ଯେବେଟି ଶରଧାରେ ତାଙ୍କୁ
ନୁଆଇଁ ଦେଇକି ମଥାକୁ ।

ଯତନେ ତୋଳିବା ନାନା ଜାତି ଫୁଲ
ଚରଣେ ଦେବାଟି ଅଜାଡି
ଦୁଇ ହାତ ଯୋଡି କରିବା ବୀନତି
ଧୂପ ଦୀପ ଭୋଗ ସଜାଡି
ବନ୍ଦନା ତାଙ୍କର ଗାଇବା,
ଅଶୁଭରେ ଶୁଭ ଭରିଦେବେ ମାଆ
ଭଲ ମଣିଷଟି ହୋଇବା ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୨୮)

# ଅଯୋଧ୍ୟା କାଣ୍ଡ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ, ଆମେ ଭାରତୀୟ ଜୀବନରେ ରାମାୟଣ ପୁରାଣର ପ୍ରଭାବ ଅତୁଳନୀୟ। ବାଲ୍ମିକୀ ରାମାୟଣର କଥାବସ୍ତୁ ଭଗବାନ ଶ୍ରୀରାମଙ୍କୁ ନେଇ ଗଢ଼ି ଉଠିଛି। କେବଳ ସେତିକି ନୁହେଁ- ରାମାୟଣରେ ଆମେ ଏକ ସୁନ୍ଦର ସମାଜର ଚିତ୍ର ପାଉ ଯେଉଁଠି ପିତୃ ଭକ୍ତି ଓ ଭାତୃଭକ୍ତି ପ୍ରେମକୁ ବହୁତ ମହତ୍ୱ ଦିଆଯାଇଛି।

ଆମେ ରାମାୟଣର ସାତଟି କାଣ୍ଡରୁ ଗୋଟିଏ କାଣ୍ଡ କଥା ଶୁଣିଛେ। ପୂଜନୀୟ ରତ୍ନାକର ଗର୍ଗବଟୁଙ୍କ ଦ୍ୱାରା ଅନୁଦିତ ରାମାୟଣ ଓଡ଼ିଶାର



ପୁରପଲ୍ଲୀରେ ପଢ଼ାହୁଏ।

ଆଜିଠାରୁ ଆମେମାନେ ଆଯୋଧ୍ୟା କାଣ୍ଡ କଥା ଆରମ୍ଭ କରିବା। ମିନା ଅପା ତାଙ୍କର ରାମାୟଣ କଥା ଆରମ୍ଭ କଲେ।

ମହାରାଜା ଦଶରଥ ବହୁତ ଖୁସି ଥିଲେ। ପିଲାମାନଙ୍କ ବିଭାଘର ସୁରୁଖୁରୁରେ ହୋଇଗଲା। ପୁତ୍ର ରାମଙ୍କ କୀର୍ତ୍ତି ରାଜାଙ୍କୁ ବହୁତ ଆନନ୍ଦ ପ୍ରଦାନ କରୁଥିଲା। ରାଣୀ କୌଶଲ୍ୟା ଓ କୈକେୟୀ ଓ ସୁମିତ୍ରା ପୁତ୍ରବଧୂଙ୍କ ରୂପ ଓ ଗୁଣରେ ଖୁସି ଥିଲେ।

ଅଯୋଧ୍ୟାର ପ୍ରଜାମାନେ ରାମ ଓ ସୀତାଙ୍କ ଯୋଡ଼ିକୁ ଦେଖି ବହୁତ ଖୁସି ହୋଇଥିଲେ।

ରାଜା ଦଶରଥଙ୍କ ମନକୁ ଏ ବିଚାର ଆସିଲା ଯେ ତାଙ୍କ ଜ୍ୟୋଷ୍ଠ ପୁତ୍ର ରାମଚନ୍ଦ୍ରଙ୍କୁ ରାଜଭାର ଦେବା ସମୟ ଆସିଗଲାଣି। ଦଶରଥଙ୍କ ବୟସ ହୋଇ ଯାଇଥିଲା। ତାଙ୍କ ଜୀବନର ଶ୍ରେଷ୍ଠ ଅଭିଳାଷ ଥିଲା ପୁତ୍ର ପ୍ରାପ୍ତି। ଈଶ୍ୱରଙ୍କ କୃପାରୁ ସେ ଚାରିଜଣ ସୁପୁତ୍ରଙ୍କ ଜନକ ହୋଇଛନ୍ତି। ଯଦିଓ ସବୁ ପୁତ୍ରମାନଙ୍କୁ ସେ ସମାନ ଭାବରେ ଦେଖୁଥିଲେ, ଜ୍ୟେଷ୍ଠ ପୁତ୍ର ରାମ ଥିଲେ ତାଙ୍କର ଅତୀବ ପ୍ରିୟ। ମହାରାଜା ଦଶରଥଙ୍କ ମନକୁ ରାମଙ୍କ ରାଜ୍ୟାଭିଷେକ କଥା ମନକୁ ଆସିଲେ। ସେସ ସଂଗେ ସଂଗେ ଏକ ସଭା ବସାଇଲେ। ସେଠାରେ ତାଙ୍କର କୁଳଗୁରୁ ବଶିଷ୍ଠ ଓ ପାତ୍ର ମନ୍ତ୍ରୀମାନେ ଥିଲେ। ସଭାରେ ରାଜା ତାଙ୍କ ମନ କଥା ବ୍ୟକ୍ତ କଲେ। ରାଜା ଏକଥା ମଧ୍ୟ ବ୍ୟକ୍ତ କଲେ ଯେ ସେ ଚାହାଁନ୍ତି ରାମ ତୁରନ୍ତ ରାଜକାର୍ଯ୍ୟ ସମ୍ଭାଳନ୍ତୁ।

ସଭାରେ ଉପସ୍ଥିତ କୁଳଗୁରୁ ଓ ଅନ୍ୟ ପାତ୍ରମନ୍ତ୍ରୀମାନ ରାଜାଙ୍କ ପ୍ରସ୍ତାବରେ ସହମତି ପ୍ରକାଶ କଲେ ଓ ଖୁସି ବ୍ୟକ୍ତ କଲେ। କୁଳୁଗୁରୁ ବଶିଷ୍ଠଙ୍କ କଳନା ଅନୁସାରେ ମାତ୍ର ଗୋଟେ ଦିନ ପରେ ରାଜ୍ୟାଭିଷେକ ଲାଗି ଶୁଭ ଦିନ ଥିଲା। ଦଶରଥ କାଳବିଳମ୍ବ ନକରି ରାମଙ୍କ ରାଜ୍ୟାଭିଷେକ ଆୟୋଜନ ଲାଗି ମନ୍ତ୍ରୀମାନେ ନିର୍ଦ୍ଦେଶ ଦେଲେ।

ପିଲାମାନେ ସମୟର ଗତି ବଡ଼ ବିଚିତ୍ର। ରାଜା ଦଶରଥ ରାମଙ୍କୁ ଅଯୋଧ୍ୟାର ରାଜା କରିବାକୁ ମନସ୍ତ କଲେ। କୁଳଗୁରୁ ବଶିଷ୍ଠ ଓ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତମାନେ ରାଜାଙ୍କ ପ୍ରସ୍ତାବକୁ ଅନୁମୋଦନ କଲେ। ଗୋଟାଏ ଦିନ ପରେ ରାମ ଅଯୋଧ୍ୟାର ରାଜ ସିଂହାସନ ଆରୋହଣ କରିବା କଥା। ମାତ୍ର ତା ହେଲାନି। ରାଣୀ କୈକେୟୀ ତାଙ୍କ ଦାସୀ ମନ୍ଥରା ଦ୍ୱାରା ପ୍ରଭାବିତ ହୋଇ ଘଟଣାର ସ୍ରୋତକୁ ବଦଳେଇ ଦେଲେ।

ପୁରାଣରେ ଯଦିଓ ରାଣୀ କୈକେୟୀ ଓ ତାଙ୍କ ଦାସୀ ମନ୍ଥରାକୁ ସବୁ ଦୋଷ ଦିଆଯାଏ, ମୁଁ କିନ୍ତୁ ଭାବୁଛି ଏହା ତାଙ୍କ ଦୋଷ ନୁହେଁ। ଏହା ଥିଲା ବିଧି ନିର୍ଦ୍ଦିଷ୍ଟ।

ଶ୍ରୀରାମଙ୍କ ଅବତାର ଅତ୍ୟାଚାରୀ ଓ ଦେବତାମାନଙ୍କୁ କଷ୍ଟ ଦେଉଥିବା ରାବଣର ବଧ ଲାଗି ହୋଇଥିଲା। ଯୁଗେ ଯୁଗେ ଅଧର୍ମର ପ୍ରଭାବ ଅଧିକ ହେଲେ ଓ ଧର୍ମର ହାନି ହେଲେ ଏ ଧରାପୃଷ୍ଠକୁ ଈଶ୍ୱର ଆସନ୍ତି। ଦୁଷ୍ଟମାନଙ୍କ ସଂହାରଣ କରି ଧର୍ମର ପୁନଃ ପ୍ରତିଷ୍ଠା କରନ୍ତି ଓ ସଂସାରରେ ସନ୍ତୁଳନ ରକ୍ଷା କରନ୍ତି।

ଶ୍ରୀରାମଙ୍କ ଜନ୍ମ ସେହିପରି କାମ ଲାଗି ହୋଇଥିଲା।

ଶ୍ରୀରାମ ଅଯୋଧ୍ୟାର ରାଜା ହୋଇ ଖୁସିରେ ରାଜ୍ୟପାଳନ କରିଥିଲେ ତାଙ୍କ ଯୁଦ୍ଧ ରାବଣ ହିତ ହୋଇନଥାନ୍ତା କି ରାବଣ ବଧ ହୋଇନଥାଏ। ସେଥିଲାଗି ଦେବତାମାନେ ଅଯୋଧ୍ୟା ରାଜନବରରେ ଏକ କୂଟଚକ୍ରାନ୍ତ କରିଥିଲେ। ସ୍ନେହମୟୀ କୈକେୟୀଙ୍କ ମନକୁ ବିଷାକ୍ତ କରିବାକୁ ମନ୍ଥରାର ପରାମର୍ଶ କାମ କରିଥିଲା। ଏ ସବୁଥିଲା ଦେବତାଙ୍କ କୂଟନୀତି।

ଅଯୋଧ୍ୟାରେ ରାଜାଭିଷେକ ଲାଗି ପ୍ରସ୍ତୁତ ଆରମ୍ଭ ହୋଇଯାଇଥିଲା। ଶ୍ରୀରାମ ପିତା ଦଶରଥ ଓ କୁଳଗୁରୁ ବଶିଷ୍ଠଙ୍କଠାରୁ ଏ ବାର୍ତ୍ତା ପାଇ ଯାଇଥିଲେ। ଅଭିଷେକ ଲାଗି ତାଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। ସେ ସୀତାଙ୍କୁ ଏ କଥା କହିନଥିଲେ।

ଅଯୋଧ୍ୟା ନଗରୀ ସଜବାଜ ହେଉଥିଲା ଶ୍ରୀରାମଙ୍କ ରାଜା ରୂପରେ ଦେଖିବାକୁ। କେବଳ ରାଜପ୍ରସାଦ ନୁହେଁ, ସାରା ଅଯୋଧ୍ୟା ନଗରୀ ବିଭୂଷିତା ହୋଇଥିଲା ଶ୍ରୀରାମଙ୍କ ରାଜ୍ୟାଭିଷେକ ଲାଗି।

ଏ ସବୁ ଦେଖି କୈକେୟୀଙ୍କ ଦାସୀ ମନ୍ଥରା ଆଶ୍ଚର୍ଯ୍ୟ ହୋଇଥିଲା। ସେ ଅନ୍ୟ ଜଣେ ଦାସୀଠାରୁ ଏ କଥା ବୁଝିନେଲା ଯେ ଏ ସବୁ ସାଜସଜା ଚାଲିଛି ରାମଙ୍କ ଅଭିଷେକ ଲାଗି। ସେ ଆଶ୍ଚର୍ଯ୍ୟ ହୋଇଥିଲା ଯେ ଏ କଥା ରାଣୀ କୈକେୟୀ ଜାଣିନାହାନ୍ତି। ଦେବତାଙ୍କ ଆଜ୍ଞା ପାଇଁ କାଳ ଆସି ମନ୍ଥରାକୁ କବଳିତ କରି ପକାଇଲା। ସେ ଆରମ୍ଭ କଲା ତାର ଖେଳ। ପୁଣି ଆରଥରକୁ। ଆଜି ଏଠି ରହିବା। ମିନା ଅପା ସେଦିନ କଥା ସେଇଠି ରଖିଲେ।

(କ୍ରମଶଃ)

❤ (ମୋ) ୯୯୮୦୩୦୦୭୫୧



## ଆମେରେ ଦୁହେଁ

### ରମେଶ ଚନ୍ଦ୍ର ନାୟକ

ଆମେରେ ଦୁହେଁ ଭାଇ ଭଉଣୀ
ଗୋଟିଏ ମାଆଠୁ ଜାତ
ଏକାଠି ଖାଉ ଏକାଠି ଖେଳୁ
ନାହିଁତ ଭାବନା ଭେଦ ।

ଆମେରେ ଦୁହେଁ ନୀଳ ଆକାଶେ
ସୂରୁଜ ଆଉ ଚାନ୍ଦ
ବାପା ମାଆଙ୍କୁ ସମ୍ମାନ ଦେଉ
ନରଖି କପଟ ଛନ୍ଦ ।
ବାପା କାନ୍ଧେଇ ନେଲେ ବୁଲେଇ
ମାଆ କାଖେଇ ଦେଲେ ଖୁଆଇ
ଖାଇ ଦେଉ ସବୁ ଭାତ ।।

ଆମେରେ ଦୁହେଁ ଦୁଇଟି ଫୁଲ
ଗୋଟିଏ ଗଛରେ ଝୁଲୁ
ଏକାଠି ବସି ମାଆ କୋଳରେ
ଟୁଆଁ ଟୋଇଁ ଗପ ଶୁଣୁ ।
ପିଠିରେ ମାଆ ଦେଲେ ଆଉଁସି
କାନି ପଣତେ ମୁହଁଟି ଖୋସି
ଶୋଇଯାଉ ଶୁଣି ଗୀତ ।।

ଆମେରେ ଦୁହେଁ ଠାକୁର ଘରେ
ଗଣେଶ ସରସ୍ୱତୀ
ପୁସ୍ତକ ଆମ ଉତ୍ତମ ବନ୍ଧୁ
ପଢୁତ ତାକୁ ନିତି ।
ପାଖରେ ଆମ ଗୁରୁଜୀ ରହି
ଅବୁଝା ପାଠ ଦେଲେ ବୁଝାଇ
ଭୟ ହୁଏ ଦୂରୀଭୂତ ।।

ଆମେରେ ଦୁହେଁ ମାଟି ମା କୋଳେ
ଝରଣା ଆଉ ନଈ
ଦୁଃଖକୁ ଶୋଷି ସୁଖ ପସରା
ଦୁନିଆକୁ ଆଉ ଦେଇ ।
ଆସଇ ଯେବେ ଜୀବନେ ବାତ୍ୟା
ଭାଇ ହାତରେ ରେସମୀ ସୂତା
ରକ୍ଷା କରେ ଜଗନ୍ନାଥ ।।
ଝଞ୍ଝଞ୍ଝଞ୍ଝଞ୍ଝଞ୍ଝ

❤ କେଶରପୁର ,
ବକ୍ସି ବଜାର , କଟକ ।
ମୋ: ୭୯୭୮୧୫୧୭୧୦.

## କବିତା ତୁମ ପାଇଁ



## ଓଟରେ ଓଟ

### ନୀଳମଣି ଚାନ୍ଦ

ଓଟରେ ଓଟ
ଓଧ ପରି ତୁ ତ ନୁହଁରେ ଛୋଟ।
ହୋଇଛୁ ଡେଙ୍ଗା
ଆ' ଆଉଁଶିବି ନ ଧରି ଠେଙ୍ଗା।
ପିଠିର କୁଜ
ପାଣିଥଳି ତା'ର ଏ କଥା ବୁଝ।
ମରୁର ବାଲି
ସହଜେ ଆମେରେ ପାରୁନା ଚାଲି।
ତୁ ଚାଲିପାରୁ
ଶୁଣିଛି ଜମାରୁ ଥକ୍କା ନ ମାରୁ।
କରୁ ସାହାଯ୍ୟ
ତେଣୁ ନାଆଁ ତୋ'ର ମରୁଜାହାଜ।
ମରୁ ତୋ' ଘର
କହରେ ବୁଲିଛୁ ତୁ କେତେ ଥର ?
ଆସିଲେ ଝଡ଼
ଶୋଇ ରହୁ ନ ହୋଇ ହଡବଡ଼।
ଖାଉ ତୁ ଯାହା
ବୁଲିଯିବା ବେଳେ ନେବିରେ ତାହା।
ମରୁ ଉଦ୍ୟାନ
କହିଦେ' ଜାଣିବୁ କେମିତି ସ୍ଥାନ।
ମରୀଚିକାଟି
ଦେଖି ମନ ତୋ'ର ହୁଏ ଫିକା କି ?
ଥର୍, ସାହାରା
ରହିକି ସେଠାରେ ଦେଉ ପହରା ?
ଖରାର ଦାଉ
ତୋ ପରି ସହିବ କିଏରେ ଆଉ ?
ଓଟରେ ଓଟ
ଜିରାଫ ପାଖରେ ଦିଶୁରେ ଛୋଟ।
ତୁ ନୁହଁ ହିଂସ୍ର
କହିଲେ ଆମ ଗାଁ ମାଗୁଣି ମିଶ୍ର।

୨୭, ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭



## ତୁମ ଆଦରର ବନ୍ଧୁଟିଏ

### ଲୀଳାବତୀ ପରିଡ଼ା

ଗଛଟିଏ ମୁଁ ଗଛଟିଏ
ତୁମପରି ଏକ ଜୀବଟିଏ
ସଭିଙ୍କର ହିତ ସାଧନ ମୁଁ କରେ
ତୁମ ଆଦରର ବନ୍ଧୁଟିଏ।

ଡାଳ ପତ୍ର ସବୁ ମେଲି ଥାଏ,
ପଶୁ ପକ୍ଷୀଙ୍କୁ ଆଶ୍ରୟ ଦିଏ,
ବାଟୋଇ ଭାଇକୁ ମୋହରି ଛାଇରେ
ଶୀତଳ ପବନ ବିଞ୍ଚି ଦିଏ।

କେତେ ଜାତି ପକ୍ଷୀ କାକଳିରେ,
ପିଲାଙ୍କ ଗହଳି ମୋ ମୂଳରେ,
କବାଡି ବାଗୁଡ଼ି ବୋହୁଚୋରି ସାଙ୍ଗେ
ଦୋଳି ଖେଳ ବର ଓହଳରେ।

ଦିନବେଳା ସୂର୍ଯ୍ୟକିରଣରେ,
ମାଟି ତଳୁ ଜଳଗ୍ରହଣରେ,
ଅଙ୍ଗାରକାମ୍ଳ ଓ ସବୁଜକଣାରେ
ଲାଗିଥାଏ ଖାଦ୍ୟ ତିଆରିରେ।

ଥାଏ ମୁଁ ତୁମ ଚାରିପାଖରେ,
ଅମ୍ଳଜାନ ଦିଏ ସଭିଙ୍କରେ
ଭରପୁର ଫଳେ ନଇଁ ଯାଏ ଡାଳ
ତୋଳି ନେଇ ଖାଅ ହରଷରେ।

ମୋ ପାଇଁ ହୁଅଇ ତ ବରଷା,
ବରଷା ରେ ଖୁସି ହୋଇ ଚଷା,
ଚାଷ କାର୍ଯ୍ୟ କରି ଜଗତ ପାଳଇ
ତା ବିନା ବୁଡିବ ସଭିଁ ହଂସା।

ଝୁଣା ଲାଖ ମହୁ ଓ ଔଷଧ,
ଅଠା ରବର ହୋମ ସମିଧ,
ଆସବାବ ପତ୍ର ଓ ଜାଳେଣୀ କାଠ
ବନଜାତ ଦ୍ରବ୍ୟ ନାନା ବିଧ।

ଜଳ ସ୍ଥଳ ବାୟୁ ପ୍ରଦୂଷଣ
କରଇ ମୁଁ ତାର ନିୟନ୍ତ୍ରଣ,
ବିଶ୍ୱ ତାପନ କୁ କମାଇ ଥାଏ ମୁଁ
ମୋ କଥା ଟି ମନ ଦେଇ ଶୁଣ।

ମୋର ଯତନ ଟି ନେଉଥିବ,
ଉପକାର ସବୁ ପାଉଥିବ,
ସବୁଜ ବନାନୀ ତିଆରି କରିଣ
ପ୍ରକୃତି ମିତ୍ର ଯେ ବୋଲାଇବ।

❤ କୁଟୁଣିଆଁ,ହିନ୍ଦୋଳ,ଢେଙ୍କାନାଳ,
(ମୋ) ୯୮୬୧୯୪୫୬୨୬

# ସରସ୍ୱତୀ



ବିଜୟଲକ୍ଷ୍ମୀ ପାଣିଗ୍ରାହି



ଚୌକିରେ ବସି ନାମଗୁଡିକୁ ପଞ୍ଜିକରଣ କରୁ କରୁ ଲମ୍ବା ଧାଡିକୁ ଯେତେଥର ଅନାଉଛନ୍ତି ସେତେଥର ସରୁବୋଉକୁ ଧାଡ଼ିର ଶେଷରେ ଦେଖି ଆଶ୍ଚର୍ଯ୍ୟ ହୋଇ ପଡୁଛନ୍ତି ଶୈଳ ଦିଦି। ଆରେ ମୁଁ ତ ପାଖାପାଖି ଅଶିଏ ଜଣଙ୍କର ନାମ ପଞ୍ଜିକରଣ କରି ସାରିଲିଣି। ହେଲେବି ସରୁବୋଉର ଏ ପର୍ଯ୍ୟନ୍ତ ପାଳି ପଡୁନି ? ବୋଧହୁଏ ଆଗେ ଚାଉଳ ନେବା ପାଇଁ ଅନ୍ୟ ଅଭିଭାବକମାନେ ତାକୁ ପଛକୁ ଠେଲିଦେଇ ଆଗରେ ଠିଆ ହୋଇ ଯାଉଛନ୍ତି। ସରୁ ବି ମାଆ ପାଖରେ ଠିଆ ହୋଇଛି। ଆଉ ସମ୍ଭାଳି ପାରିଲେ ନାହିଁ ଶୈଳଦିଦି। ଜୋରରେ ପାଟି କରି କହିଲେ। ହଇଲୋ ସରୁ ! ମା ଝିଅ ତ କେତେ ଆଗରୁ ଆସିଲଣି। ହେଲେ ପଛରେ କେମିତି ଅଛ ? ଆଗକୁ ଆସି ଚାଉଳ ନେଇକି ଯାଅ।

ସରୁବୋଉ କହିଲେ, 'ହେ ଦିଦି,ନେବି ତ... ସବୁ ନେଇ ଯାଆନ୍ତୁ।' ଶୈଳ ଦିଦି ପୁଣି କହିଲେ ଆରେ ପିଲାଟାକୁ ଟାଇଁ ଟାଇଁ ଖରାରେ ଧରି କାହିଁକି ଠିଆ ହୋଇଛୁ ? ଆଗକୁ ଆସ। ସମସ୍ତେ ପଛକୁ ଚାହିଁଲେ, ସରୁ ବି ଆଗକୁ ଆଉ ମାଆ ମୁହଁକୁ ବଲବଲ କରି ଦେଖୁଛି। ତା ମାଆ କିନ୍ତୁ ତଳକୁ ଲାଜେଇ ଚାହିଁଛି।

ଯେତେ କହିଲେ ବି ସରୁବୋଉ ଆଗକୁ ଆସିଲା ନାହିଁ। ସମସ୍ତେ ଚାଉଳ ନେବାପରେ ଶେଷରେ ସେ ଦିଦିଙ୍କ ପାଖକୁ ଆସିଲା। ଏ ବର୍ଷ ୩ଟି ପିଲାର ଚାଉଳ ନେବ। ସେଥିପାଇଁ ଜରି ବସ୍ତାଟିଏ ଆଣିଛି ତା ସହିତ ସରୁ ବି ଗୋଟେ ବ୍ୟାଗ ଧରିଛି। କାରଣ ବହି ବି ପିଲାଙ୍କୁ ବଣ୍ଟା ହେଉଛି। ଶୈଳଦିଦି ରେଜିଷ୍ଟର ଦେଖାଇ କହିଲେ, ବୁଝିଲୁ ସରୁ ପାଞ୍ଚ ବର୍ଷ ହୋଇଗଲା ସିନା ତୋ ମାଆ ନିଜ ନାଁଟି ଲେଖି ଶିଖି ପାରିଲାନି ଯେ ଟିପ ଦେଉଛି। କେତେ କରି କହିଲି, ଲେଖି ଦେଖାଇଲି ହେଲେ ବି ହେଉନି। ଶୁଣିଲୁ ସରୁବୋଉ ଏବେ ସରକାର ପଢନା ଲିଖନା କାର୍ଯ୍ୟକ୍ରମ ବାହାର କରିଛନ୍ତି। ସ୍କୁଲର ଦିଦି ଯାଇ ତମମାନଙ୍କୁ ଦଳ କରି ପଢ଼ାଇବେ। ତିନି ତିନିଟା ପିଲାଙ୍କୁ ପାଠ ପଢ଼ାଉଛୁ। ଅଥଚ ନିଜେ ଦସ୍ତଖତ କରି ପାରୁନୁ। କହିଲୁ କେତେ ଲାଜ କଥା। ହଇଲୋ ସରୁ ତୋତେ ବି ତ କହିଥିଲି। ମାଆକୁ ଟିକେ ଲେଖା ଶିଖାଇ ଦେ। ତୋ ଦ୍ୱାରା ବି ହେଲାନି।

ହଉ ହାତ ଆଣେ। ଟିପ ଚିହ୍ନ ଦେ।

ଏତିକି କହି ଶୈଳଦିଦି କାଳି ପ୍ୟାଡ଼ ଦେଖାଇ ସରୁବୋଉର ହାତ ଟାଣି ଟିପରେ କାଳି ଲଗାଇବାକୁ ନେଲେ। ସରୁବୋଉ କିନ୍ତୁ ଏଥର ନିଜ ଆଡକୁ ହାତଟି ଟାଣି ନେଲା। ଦିଦିଙ୍କର ପ୍ରଶ୍ନିଳ ଆଖିକୁ ଦେଖି ସରୁ ମୁହଁରେ ଦ୍ୱିତୀୟା ଜହ୍ନର ହସଟା ବଢିବାକୁ ଲାଗିଲା। ଦିଦି ପଚାରିଲେ କଣ କିଲୋ ସରୁ ତୋ ବୋଉକୁ ଚାଉଳ ଦରକାର ନାଇକି ? ଆଉ ତୋ ମୁହଁରେ କଣ ପୁନେଇ ଚାନ୍ଦ ଖେଳିଲାଣି। ବହି ମିଳିବ ବୋଲି। ସରୁ କିଛି କହିଲାନି। ଟେବୁଲ ଉପରୁ କଲମଟା ଆଣି ମାଆ ହାତରେ ଧରାଇଦେଲା। ଶୈଳଦିଦି ଅବାକ ହୋଇ ଚାହିଁଛନ୍ତି। ସରୁବୋଉ କଲମ ଧରି ରେଜିଷ୍ଟରରେ କଣ ଗାରେଇଲାଣି। ଆରେ ବାଃ ! ପ୍ରଭାତୀ, ବଢିଆ ନାଆଁଟେ ହୋଇଛି। ଖୁବ ସୁନ୍ଦର ଲେଖିଲୁ ତ। ଯାହାହେଉ ଏତେ ଦିନରେ ଯାଇ ଗୋଟେ ଭଲ କାମ କଲୁ । ଏତିକି କହି ନିଜ ବ୍ୟାଗରୁ କଲମଟିଏ କାଢି କହିଲେ, ଶୁଣିଲୁ ପ୍ରଭାତୀ ମୁଁ ଗୋଟେ ଖାତା ବି ଦେବି, ତୁ ଏଇ ଖାତା ଓ କଲମରେ ତୋତେ ଯାହା ଇଚ୍ଛାହେବ ଲେଖିବୁ। ସେଦିନ ତିନୋଟି ପିଲାର ତିନି ମାସ ପାଇଁ ଚାଉଳ ପାଇ ପ୍ରଭାତୀ ଖୁସିହୋଇ ନ ଥିଲା, ଖୁସିରେ ଗଦଗଦ ହୋଇଯାଉଥିଲା ନିଜ ପାଇଁ ଖାତା କଲମ ପାଇ।

ସରସ୍ୱତୀ ପୂଜାଦିନ ସରକାରଙ୍କ ନିୟମ ଆଉ କୋଭିଡ ଗାଇଡ଼ ଲାଇନ ଅନୁସାରେ ଏ ବର୍ଷ କିଛି ପିଲା ବିଦ୍ୟାଳୟକୁ ଆସି ପାରିବେ। ସେଥିପାଇଁ ସରୁ ଆସିଛି। ଗୋରା ତକତକ ଦେହକୁ ଖଇରିଆ ରଙ୍ଗର ଫ୍ରକଟା ଭାରି ମାନୁଛି। ସବୁର ନଜର ସରୁ ଉପରେ। ଶୈଳ ଦିଦି ସରୁକୁ ଡାକି କହିଲେ, ନୂଆ ଡ୍ରେସ ପିନ୍ଧିଛୁ ବୋଲି ଆଜି ବହୁତ ସୁନ୍ଦର ଦିଶୁଛୁ। ସରୁ କହିଲା ହଁ ଦିଦି , ମା କହୁଥିଲା ମୁଁ କୁଆଡେ ତାର ଗୁରୁ, ଶିକ୍ଷାଦାତ୍ରୀ। ସେଥିପାଇଁ ସରସ୍ୱତୀ ପୂଜାରେ ମାଆ ଏ ବର୍ଷ ମୋତେ ନୂଆ ଡ୍ରେସ ପିନ୍ଧାଇଛି। ଦେଖ, ମୋତେ ଚନ୍ଦନ, ସିନ୍ଦୁର ଆଉ ଫୁଲରେ ସଜାଇଛି।

ଶୈଳ ଦିଦି ହାତରେ ଧରିଥିବା ଦନାର ପ୍ରସାଦକୁ ସରୁକୁ ଦେଇ ସରସ୍ୱତୀଙ୍କ ମୂର୍ତ୍ତି ପାଖରେ ସେହି ପ୍ରସାଦକୁ ରଖିବାକୁ କହିଲେ। ତାପରେ ପୂଜା ଆରମ୍ଭ କଲେ। ପୂଜାଶେଷରେ ମନ୍ତ୍ର ଧ୍ୱନି ସହିତ ଆଳତି କରୁ କରୁ ସରସ୍ୱତୀଙ୍କ ମୂର୍ତ୍ତି ପାଖରେ ଠିଆ ହୋଇଥିବା ଫ୍ରକ ପିନ୍ଧା ସରସ୍ୱତୀକୁ ଦେଖି ଠିଆ ହୋଇ ରହିଲେ। ସରୁ ଆଜି ଦେବୀ ପରି ଦିଶୁଛି। ହୃଦୟର ଆବେଗଟିଏ କେଇ ପଦ ଶବ୍ଦ ହୋଇ ପାଟିରୁ ବାହାରି ଆସିଲା। ସେ କହିଲେ, ସରସ୍ୱତୀ ! ଆଳତୀ ନିଏ। ସରୁ ଆଳତୀ ମୁଣ୍ଡରେ ମାରି ଡେଇଁ ଡେଇଁ ବାହାରକୁ ଚାଲିଗଲା। ଏବେ ଶୈଳଦିଦି ପୁଣି ଆଳତୀ ପ୍ରସ୍ତୁତ କଲେ ମୃଣ୍ମୟୀ ସରସ୍ୱତୀଙ୍କ ପାଇଁ।

ଶିକ୍ଷୟିତ୍ରୀ, ଜୟପୁର , କୋରାପୁଟ
ମୋ -୮୨୪୯୪୫୦୦୫୦

# ଭଉଣୀର ରାକ୍ଷୀ



ଶ୍ରୀ ସୁଧାକର ନନ୍ଦ



ପ୍ରିୟମ୍ବଦାକୁ କେବଳ ତା' ଘରେ ନୁହେଁ ସମସ୍ତ ସାଙ୍ଗମାନେ ବି ପ୍ରିୟା ବୋଲି ଡାକନ୍ତି । ତା' ଭାଇ ସୌମ୍ୟରଂଜନ ସୈନ୍ୟବାହିନୀରେ ଚାକିରୀ କରିଥାଏ । ସୌମ୍ୟର ବାରବର୍ଷ ବେଳେ ପ୍ରିୟମ୍ବଦା ଜନ୍ମହେଲା । ତେଣୁ ସେ ସୌମ୍ୟଠାରୁ ବାରବର୍ଷ ସାନ ।

ଭାଇ ଭଉଣୀ ଦୁହେଁ ଦୁହିଁଙ୍କୁ ଭାରି ଭଲ ପାଆନ୍ତି । ସୌମ୍ୟ ପ୍ରତିବର୍ଷ ରାକ୍ଷୀପୂର୍ଣ୍ଣିମା ଆଠଦିନ ପୂର୍ବରୁ ଘରକୁ ଆସେ । ପ୍ରିୟା ତା' ହାତରେ ରାକ୍ଷୀ ବାନ୍ଧେ । ରାକ୍ଷୀ ପୁନେଇଁର ଆଠଦିନ ପରେ ପୁଣି ସୈନ୍ୟବାହିନୀରେ ଯୋଗ ଦେବାକୁ ଫେରିଯାଏ । ଏବର୍ଷ ସେ ୧୫ଦିନ ଆଗରୁ ଘରକୁ ଆସିଲା । ସବୁବର୍ଷ ଠାରୁ ଏଥର ଭାଇ ଭଉଣୀ ଦୁହେଁ ବହୁତ ଜାକଜମକରେ ରାକ୍ଷୀପୁନେଇଁ ପାଳିବାକୁ ଠିକ୍ କରିଥିଲେ ।

ସେ ବର୍ଷ ହଠାତ୍ କାରଗୀଲ୍ ଯୁଦ୍ଧ ଲାଗିଲା । ମୁହୂର୍ତ୍ତେ ବିଳମ୍ବ ନ'କରି କାର୍ଯ୍ୟରେ ଯୋଗ ଦେବା ପାଇଁ ସୌମ୍ୟକୁ ଫୋନ୍, ଟେଲିଗ୍ରାମ୍ ଓ ନିକଟସ୍ଥ ଥାନାଦ୍ୱାରା ଖବର ଆସିଲା । ବାଧହୋଇ ରାକ୍ଷୀ ପୁନେଇଁ ଦିନ ୨ଟା ବେଳେ ସୌମ୍ୟକୁ ଯିବାକୁ ହେଲା । ଯିବାପୂର୍ବରୁ ଛଳଛଳ ଆଖିରେ ପ୍ରିୟା ତା'ର ଭାଇ ହାତରେ ରାକ୍ଷୀ ପିନ୍ଧାଇ ଦେଲା । ବାପା-ମାଆଙ୍କ ପାଦ ଧୂଳି ନେଇ, ଗ୍ରାମ ଦେବତାଙ୍କୁ ପ୍ରଣାମ କରି ସୌମ୍ୟ ଚାଲିଲା ଯୁଦ୍ଧ କ୍ଷେତ୍ରକୁ ।

ଭାରତ-ପାକିସ୍ତାନ ମଧ୍ୟରେ କାରଗୀଲ୍ ଠାରେ ଭୟଙ୍କର ଯୁଦ୍ଧ ଚାଲିଥାଏ । ଅଳ୍ପ କିଛିଦିନ ପରେ ଖବର ଆସିଲା ଯେ ସୌମ୍ୟରଂଜନ ଯୁଦ୍ଧରେ ଗୁରୁତର ଆହତ ହୋଇ ମିଲିଟାରୀ ଡାକ୍ତରଖାନାରେ ପଡ଼ିଛି । ତା' ଛାତିରେ ଗୁଳି ଲାଗିଛି । ବଞ୍ଚିବା କଷ୍ଟ ।

ଏଇ ଖବର ଶୁଣି ବାପା-ମାଆଙ୍କ ସହିତ ପ୍ରିୟା ବି ଏରୋପ୍ଲେନ୍‌ରେ ଭାଇକୁ ଦେଖିବାକୁ ଗଲା । ସେମାନେ ପହଞ୍ଚିବା ବେଳକୁ ଅପରେସନ୍ ଚାଲିଥାଏ । ଆଦେଶ ନେଇ ତିନିଜଣ ଯାକ ଅପରେସନ୍ ଥିଏଟର ପାଖକୁ ପହଞ୍ଚିଲେ । ଡାକ୍ତର ଅପରେସନ୍ ସାରି ପଦାକୁ ଆସିବାରୁ ସୌମ୍ୟର ବାପା ବିକଳରେ ପଚାରିଲେ; ମୋ ପୁଅ କେମିତି ଅଛି ଡାକ୍ତର ବାବୁ ?

ହସିଦେଇ ଡାକ୍ତରବାବୁ କହିଲେ: ଛାତିରୁ ଗୁଳିଟା ବାହାରି ଯାଇଛି । ତା'ର ଆଉ କୌଣସି କ୍ଷତି ହେବନାହିଁ । ମୁଁ ଅପରେସନ୍ କରିବା ପୂର୍ବରୁ ତା' ହାତ ଦେଖି ଜାଣିଥିଲି ଯେ ସେ ନିଶ୍ଚୟ ବଞ୍ଚିଯିବ । କାରଣ ଜାଣିଛନ୍ତି ସାର୍ ?

ସୌମ୍ୟଙ୍କ ବାପା କିଛି ନ'ବୁଝିପାରି ଡାକ୍ତରଙ୍କୁ ଅନାଇବାରୁ ସେ ଛଳଛଳ ଆଖି କରି ପାଖରେ ଠିଆ ହୋଇଥିବା ପ୍ରିୟାର ମୁଣ୍ଡ ସାଉଁଳୁ ସାଉଁଳୁ କହିଲେ: ସାର୍ ! ୟେ' ସୌମ୍ୟର ଭଉଣୀ ନା ? ବାପା ହଁ କହିବାରୁ ଡାକ୍ତର କହିଲେ: ମୋତେ ବିଶ୍ୱାସ କରନ୍ତୁ ବା ନ' କରନ୍ତୁ ମୁଁ ଦୃଢ଼ତାର ସହିତ କହୁଛି କେବଳ ୟା'ରି ପାଇଁ ଆପଣଙ୍କ ପୁଅ ବଞ୍ଚି ଯାଇଛି ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଡାକ୍ତରଙ୍କ ମୁହଁକୁ ଅନେଇବାରୁ ପୁଣି ସେ କହିଲେ: ଯୁଦ୍ଧ କ୍ଷେତ୍ରକୁ ଯିବାବେଳେ ୟେ' ପିନ୍ଧାଇ ଦେଇଥିବା ରାକ୍ଷୀଟି ତ ସେଇଦିନ ପର୍ଯ୍ୟନ୍ତ ତା' ହାତରେ ବନ୍ଧା ହୋଇଥିଲା । ଏବେ ବି ଆମେ ସେ ରାକ୍ଷୀକୁ ତା' ହାତରୁ ବାହାର କରିନାହୁଁ । ଭଉଣୀର ରାକ୍ଷୀ ହାତରେ ଥିଲେ ଯେତେ ବିପଦ ଆସିଲେ ବି ଭାଇର କ'ଣ କେବେ ବି କ୍ଷତି ହୋଇପାରେ ?

ମୁଣ୍ଡ ନଇଁ ଡାକ୍ତରଙ୍କ ପାଦ ଛୁଇଁଲା ବେଳେ ପ୍ରିୟା ଆଖିରୁ ଦୁଇଟୋପା ଲୁହ ଡାକ୍ତରଙ୍କ ପାଦ ଉପରେ ଝରି ପଡ଼ିଲା ।

❤ ସାଇସରସ୍ୱତୀ ନିବାସ, ଭଦ୍ରକ

# ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଡିଜିପିଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୪/୨ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ନିର୍ବାଚନୀ ହିଂସା ନେଇ ପୋଲିସ ଡିଜିଙ୍କ ନିକଟରେ ଫେରାଦ ହୋଇଛି ବିଜେପି । ବିଜେପିର ଏକ ପ୍ରତିନିଧି ଦଳ ପୋଲିସ ଡିଜି ସୁନୀଲ କୁମାର ବଂସଲଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛି । ବିଜେପି ଅଭିଯୋଗ କରିଛି ଯେ ଯେତେବେଳେ ନିର୍ବାଚନ ଆସେ ବଜେଡ଼ି ରକ୍ତମୁଖା ହୁଏ । ଏହି ନିର୍ବାଚନ ବେଳେ ମଧ ସେହିଭଳି ଅଶାନ୍ତି ବାତାବରଣ ସୃଷ୍ଟି କରାଯାଉଛି । ମାଲକାନଗିରିରେ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଅପହରଣ ଠାରୁ ଆରମ୍ଭ କରି ଭଦ୍ରକରେ ବିଜେପି କର୍ମୀଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ଘଟଣା ବୟାନ କରୁଛି ବଜେଡ଼ି କିଭଳି ଭାବେ ଆଇନକୁ ହାତକୁ ନେଇ ନିର୍ବାଚନୀ ହିଂସା କରୁଛି । ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ ରହିବା ଦରକାର । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ ପାଢୀ, ଲିଗାଲସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

# ଦଳିତ ଆଦିବାସୀଙ୍କ ପାଇଁ ନୈରାଶ୍ୟଜନକ

## ସରକାରଙ୍କ ଆଭିମୁଖ୍ୟ ପରିବର୍ତ୍ତନ ପାଇଁ ଆମ୍ବେଦକର ଲୋହିଆ ବିଚ୍ଚରମଂଚ ପକ୍ଷରୁ ଦାବି

ଭୁବନେଶ୍ୱର,୪/୨ (ନି.ପ୍ର): ଗତ ଫେବୃୟାରୀ ୧ ତାରିଖ ଦିନ ଦେଶର ଅର୍ଥମନ୍ତ୍ରୀ କେନ୍ଦ୍ରୀୟ ବଜେଟ ୨୦୨୨-୨୩ ସଂସଦରେ ଆଗତ କରିଛନ୍ତି । ଏହି ବଜେଟ ଦେଶର ପ୍ରାୟ ୩୫କୋଟି ଦଳିତ ଆଦିବାସୀଙ୍କ ପାଇଁ ନୈରାଶ୍ୟଜନକ ଓ ଏହି ବର୍ଗ ପାଇଁ ଉଦ୍ଦିଷ୍ଟ ବିକାଶ ନୀତିର ପରିପନ୍ଥୀ ଏବଂ ସେଥିପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବୋଲି ରାଜ୍ୟର ଅଗ୍ରଣୀ ଗଣସଂଗଠନ ଆମ୍ବେଦକର ଲୋହିଆ ବିଚ୍ଚରମ ପକ୍ଷରୁ କୁହାଯାଇଛି । ସଂସଦରେ ଆଲୋଚନା କାଳରେ ଏଥିରେ ଯଥାଯଥ ସଂଶୋଧନ କରିବାକୁ ୯ ଦଫା ପ୍ରସ୍ତାବ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି ।

ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ 'ଏନ୍‌ସିଡ଼ିଏଚ୍‌ଆର ଓ ଦଳିତ ଆର୍ଥିକ ଅଧିକାର ଆନ୍ଦୋଳନ' ପକ୍ଷରୁ କରାଯାଇଥିବା 'ଦଳିତ ଆଦିବାସୀ ବଜେଟ ବିଶ୍ଳେଷଣ ରିପୋର୍ଟ-୨୦୨୨'କୁ ଲୋକାର୍ପଣ କରାଯାଇ ଚଳିତବର୍ଷ ବଜେଟରେ ରହିଥିବା ଅସଙ୍ଗତିଗୁଡ଼ିକ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ପ୍ରାଥମିକସ୍ତରରେ ମୋଟ ସରକାରୀ ଖର୍ଚ୍ଚ ୩୯.୪୪ ଲକ୍ଷ କୋଟି ଟଙ୍କା ଦର୍ଶାଯାଇଥିଲା ବେଳେ ବିଭିନ୍ନ ପବ୍ଲିକ ଏଂଟରପ୍ରାଇଜରେ ୪.୬୯ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ଦଳିତ ଓ ଆଦିବାସୀବର୍ଗଙ୍କ ତ୍ୱରିତ ବିକାଶ ପାଇଁ ଅଭିପ୍ରେତ ଅନୁସୂଚିତ ଜାତି ମଙ୍ଗଳ ଆବ ନ ଓ ଅନୁସୂଚିତ ଜନଜାତି ମଙ୍ଗଳ ଆବଂଟନ ଯଥାକ୍ରମେ ୧,୪୨,୩୪୨ କୋଟି ଓ ୮୯,୨୬୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଏହି ବଜେଟରେ ଆଗତ କରାଯାଇଛି । ସାମଗ୍ରିକ ଭାବରେ ଦଳିତ ଆଦିବାସୀ ବଜେଟ ଗତବର୍ଷ ତୁଳନାରେ ମୋଟ ୨୫,୪୦୬ କୋଟି ଟଙ୍କା ବୃଦ୍ଧି ଘଟିଥିଲା ବେଳେ ବ୍ୟୟବରାଦ କରାଯାଇଥିବା ଅର୍ଥର ୬୨% ଓ ୫୧% ଅର୍ଥ ଯଥାକ୍ରମେ ଏସ୍.ସି. ଓ ଏସ୍.ଟିମାନଙ୍କର ସିଧାସଳଖ ବିକାଶ ପାଇଁ ଉପଯୋଗୀ ନହୋଇ ସାଧାରଣ ସ୍କିମ୍‌ଗୁଡ଼ିକରେ ବିନିଯୋଗ ହେବାର ପ୍ରସ୍ତାବ ଏହି ଦୁଇବର୍ଗ ମଧ୍ୟରେ ନିରାଶା ସୃଷ୍ଟି କରିଛି ।

ବିବରଣୀରୁ ଜଣାଯାଏ ଯେ, ନୀତି ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏସ୍.ସି. ଓ ଏସ୍.ଟିମାନଙ୍କ ପାଇଁ ଯେତିକି ପରିମାଣର ବ୍ୟୟବରାଦ କରାଯିବା କଥା, ସେଥିରୁ ଯଥାକ୍ରମେ ୪୦,୬୩୪ କୋଟି ଟଙ୍କା ଓ ୯,୩୯୯ କୋଟି ଟଙ୍କା କମ୍ ଅର୍ଥର ପ୍ରସ୍ତାବ ଚଳିତବର୍ଷ ବଜେଟରେ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୫ବର୍ଷ ମଧ୍ୟରେ ଏହି ଗାଇଡ୍‌ଲାଇନ ଅନୁଯାୟୀ ଏସ.ସି.ମାନଙ୍କ ଆବଂଟନରୁ ୨,୫୨,୧୮୧କୋଟି ଟଙ୍କା ଓ ଏସ୍.ଟି. ଆବ ନରୁ ୮୯,୯୭୨ କୋଟି ଟଙ୍କା କମ୍ ଅର୍ଥ ବଜେଟରେ ବ୍ୟବସ୍ଥା କରାଯାଇଛି । ଗତବର୍ଷର କୋଭିଡ଼ ମହାମାରୀରେ ଭୟଙ୍କର ଭାବରେ ପ୍ରଭାବିତ ହୋଇଥିବା ଦଳିତ ଆଦିବାସୀବର୍ଗଙ୍କ ମହାମାରୀ ଜନିତ ପ୍ରଭାବ ପ୍ରଶମିତ କରିବା ପାଇଁ କୌଣସି ଗୋଟିଏ ନୂତନ ଯୋଜନା ଘୋଷଣା ବା ପ୍ରସ୍ତାବନା କରାଯାଇ ନାହିଁ; ଅପରପକ୍ଷରେ ସଫେଇ କର୍ମଚ୍ଚରୀମାନଙ୍କ ଆତ୍ମନିଯୁକ୍ତି ଓ ଥଇଥାନ ପାଇଁ ଗତବର୍ଷ ୧୦୦କୋଟି ଟଙ୍କା ରହିଥିଲା ବେଳେ ଚଳିତବର୍ଷ ୭୦କୋଟି ଟଙ୍କାକୁ ହ୍ରାସ କରାଯାଇଛି ଏବଂ ସଫେଇ କର୍ମଚ୍ଚରୀ ଉନ୍ନୟନ ଅର୍ଥ ନିଗମ ବାବଦକୁ ଗତବର୍ଷ ୫୦କୋଟି ଟଙ୍କାରୁ ୨୫ କୋଟି ଟଙ୍କାକୁ ହ୍ରାସ କରାଯାଇଛି । ପ୍ରକାଶଯୋଗ୍ୟ ଯେ, ୨୦୨୧ ମସିହା ଅଗଷ୍ଟମାସ ସୁଦ୍ଧା ୯୪୧ଜଣ ବ୍ୟକ୍ତି ସ୍ୱରେଜ ସଫେଇ ସମୟରେ ମୃତ୍ୟୁବରଣ କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବରାଦ ଦର୍ଶାଯାଇଥିଲା ବେଳେ ସେଥିରୁ ୪୮୨୦ କୋଟି ଟଙ୍କା ଏସ୍.ସି, ଏସ୍.ଟି ଛାତ୍ରଛାତ୍ରୀଙ୍କ ସିଧାସଳଖ ବିକାଶ ଦିଗରେ ବିନିଯୋଗ ହେବନାହିଁ କିନ୍ତୁ ତାହା ଏସ୍.ସି ଓ ଏସ୍.ଟି ମଙ୍ଗଳ ଆବଂଟନରେ ଦର୍ଶାଯାଇଛି । ଏସ୍.ସି., ଏସ୍.ଟି ଛାତ୍ରଛାତ୍ରୀଙ୍କ ବିଦେଶରେ ଶିକ୍ଷା ପାଇଁ ୩୬କୋଟି, ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ୩୬କୋଟି, ଜାତୀୟ ମେରିଟ ସ୍କଲାରସିପ୍ ପାଇଁ ୬୬କୋଟି ଓ କଲେଜ ତଥା ବିଶ୍ୱବିଦ୍ୟାଳୟ ସ୍କଲାରସିପ୍ ପାଇଁ ୩୦କୋଟି ଟଙ୍କା ପ୍ରସ୍ତାବ ରହିଥିଲା ବେଳେ ଏସ୍.ଟି ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୪ କୋଟି ଟଙ୍କା, ୧୭ କୋଟି ଟଙ୍କା, ୩୬ କୋଟି ଓ ୨୦ କୋଟି ଟଙ୍କାର ବ୍ୟୟବରାଦ ଏହି ବର୍ଗର ତ୍ୱରିତ ବିନାଶ ସାଧିତ ହେବା ନେଇ ଆଶଙ୍କା ସୃଷ୍ଟି କରିଛି ।

ବିଚ୍ଚରମଂଚର ସଭାପତି ସଂଗ୍ରାମ ମଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳିତ ଆଦିବାସୀବର୍ଗର ବିଭିନ୍ନ ସଂଗଠନ ଓ ନେତୃତ୍ୱମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ହାବଡ଼ା, ଅଭିରାମ ମଲ୍ଲିକ, ଲକ୍ଷ୍ମୀଧର ବେହେରା, ହଳଧର ସେଠୀ, ନନ୍ଦିନୀ ନାଏକ, ତପନ ନାଏକ, ସୁନାକର ବେହେରା, ଅଭିମନ୍ୟୁ ସେଠୀ, ଅରବିନ୍ଦ ମଲ୍ଲିକ, ମଧୁସ୍ମିତା ବେହେରା, ସଞ୍ଜୟ ମଲିକ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ବଜେଟରେ ମହିଳାମାନଙ୍କୁ ଅଣଦେଖା କରାଯାଇଛି

ଭୁବନେଶ୍ୱର,୪/୨ (ନି.ପ୍ର): ଚଳିତ କେନ୍ଦ୍ରୀୟ ବଜେଟରେ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଛି । ଏହାର ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ବଜେଟକୁ ତୀବ୍ର ବିରୋଧ କରିବା ସହିତ ବଜେଟର କପିକୁ ପୋଡ଼ି ପ୍ରତିବାଦ ଜଣାଇଥିଲେ ।

ସେମାନେ ଅଭିଯୋଗ କରିଛନ୍ତି ଯେ ବଜେଟ୍ ରେ ମହିଳାମାନଙ୍କୁ ରୋଜଗାର ଯୋଗାଉଥିବା ସମ୍ମିଳିତ ଯୋଜନାର ବ୍ୟୟବରାଦ ୨୦୨୧-୨୨ରେ ୩.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହାକୁ କମାଇ ୨.୫ ପ୍ରତିଶତ କରାଯାଇଛି । ସରକାର ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଡ଼ିଜିଟାଲ କରିବା ଯୋଗୁଁ ପଛୁଆ ଓ ଗରିବ ଝିଅମାନେ ପାଠପଢାରୁ ବଂଚିତ ହେଉଛନ୍ତି ।୨ ଲକ୍ଷ ସ୍ମାର୍ଟ ଅନଙ୍ଗୱାଡ଼ି କେନ୍ଦ୍ର ଖୋଲାଯିବ ବୋଲି ବଜେଟରେ ଘୋଷଣା କରାଯାଇଛି । କିନ୍ତୁ ଅଙ୍ଗନୱାଡ଼ି କର୍ମୀ ସହ ଅନ୍ୟସବୁ ଯୋଜନାରେ କାମ କରୁଥିବା ମହିଳା କର୍ମଚାରୀମାନଙ୍କୁ ନ୍ୟୁନତମ ମଜୁରୀ ତ ଦୂରର କଥା, ସେମାନଙ୍କ ଦରମା ମଧ ବୃଦ୍ଧି କରିନାହାଁନ୍ତି । କରୋନା କାଳରେ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କମାଇ ଦିଆଯାଇଛି । ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଓଡ଼ିଶା ରାଜ୍ୟ କମିଟି ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ ଯୋଗଦେଇ କହିଲେ ଯେ, କର୍ପୋରେଟ ସଂସ୍ଥାମାନଙ୍କୁ ଟିକସ ଛାଡ଼ କରାଯାଇଥିବା ବେଳେ ସାର ଉପରେ ରିହାତି ୨୫ ପ୍ରତିଶତ କମାଇ ଦିଆଯାଇଛି । ଦେଶ ଯେତେବେଳେ ତୀବ୍ର ବେରୋଜଗାରୀ, କ୍ଷୁଧା ଓ ଦାରିଦ୍ର୍ୟ, ଲଗାମହୀନ, ମୁଦ୍ରାସ୍ଫୀତି ଓ ଗଭୀର ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିବା ବେଳେ ସରକାର ଦେଶବାସୀଙ୍କ ସ୍ୱାର୍ଥ ସହିତ ବିଶ୍ୱାସଘାତକତା କରିଛନ୍ତି ।

# ଇଗ୍ନୋ ନାମଲେଖା ୧୦ ଯାଏ ବୃଦ୍ଧି

ଭୁବନେଶ୍ୱର ,୪/୨ (ନି.ପ୍ର): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ୮୨ ଶିକ୍ଷା କେନ୍ଦ୍ର(ଷ୍ଟଡି ସେଣ୍ଟର) ଓ ୬ କାରାଗାର ପାଇଁ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି । ୨୦୨୨-୨୩ ଶିକ୍ଷାବର୍ଷରେ ୨ଶହରୁ ଉର୍ଦ୍ଧ୍ୱ ସ୍ନାତକ(ୟୁଜି), ସ୍ନାତକୋତ୍ତର(ପିଜି), ପିଜି ଡିପ୍ଲୋମା ଓ ସାର୍ଟିଫିକେଟ୍ ପାଠ୍ୟକ୍ରମରେ ନାମଲେଖା ଚାଲିଛି । ଗତ ଜାନୁଆରି ୩୧ରେ ନାମଲେଖା ପ୍ରକ୍ରିୟା ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା । ମାତ୍ର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ୧୦ ତାରିଖ ଯାଏ ଏହି ଅବଧିକୁ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ୍ www.ignou.ac.in ଲଗ୍‌ଇନ୍ କରି ସବିଶେଷ ତଥ୍ୟ ପାଇପାରିବେ ବୋଲି ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ.ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କଟକର ଚୌଦ୍ୱାର, ଭୁବନେଶ୍ୱରର ଝାରପଡ଼ା, ବାଲେଶ୍ୱର, ବ୍ରହ୍ମପୁର,ବାରିପଦା ଓ ଅନୁଗୁଳ କାରାଗାରରେ ନାମଲେଖା ଅନୁଷ୍ଠିତ ହେବ । କଏଦୀ ବିଭିନ୍ନ ପାଠ୍ୟକ୍ରମ ପାଇଁ ନାମ ଲେଖାଇପାରିବେ । ସେମାନଙ୍କ ପାଠପଢ଼ା ଓ ନାମଲେଖା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ରହିଛି । ସେହିପରି ୟୁଜି, ପିଜି ଡିପ୍ଲୋମ ଓ ସାର୍ଟିଫିକେଟ୍ ପାଠ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି । ଏହି ବର୍ଗର ବିଦ୍ୟାର୍ଥୀ ମାଗଣାରେ ପାଠ ପଢ଼ିପାରିବେ । ପୂର୍ବରୁ ମାଗଣାରେ ଏହି ବର୍ଗର ପ୍ରାର୍ଥୀ ପାଠ ପଢ଼ିଥିଲେ ସେମାନେ ପୁନର୍ବାର ଏହି ସୁଯୋଗ ପାଇବେନି ।

# ପୂର୍ବତନ ବିଧାୟକ ୟୁ.ଏନ୍. ଦେବଙ୍କୁ ବିଧାନସଭା ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୪/୨ (ନି.ପ୍ର): ପୂର୍ବତନ ବିଧାୟକ ୟୁ.ଏନ୍. ଦେବଙ୍କୁ ଆଜି ଓଡ଼ିଶା ବିଧାନସଭା ପକ୍ଷରୁ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ୱର୍ଗତ ଦେବଙ୍କ ମରଶରୀର ବିଧାନସଭାରେ ପହଂଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସ୍ୱର୍ଗତ ଦେବଙ୍କ ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଦେବ ଜଣେ ସରଳ, ନିରଳସ, ନିରହଙ୍କାରୀ, ଅମାୟିକ ବ୍ୟକ୍ତିତ୍ୱ ଥିଲେ ଏବଂ ତାଙ୍କର ବିୟୋଗ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ସେ ଅଭିମତ ରଖିଛନ୍ତି । ନୈତିକ ମୂଲ୍ୟବୋଧର ପ୍ରବର୍ତ୍ତକ ଭାବେ ସେ ଚିରକାଳ ଅମର ରହିବେ ବୋଲି ମଧ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟ ବିଧାନସଭା ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପଂଚାୟତ ନିର୍ବାଚନ ପାଇଁ କଂଗ୍ରେସର ଅଭିଯୋଗ ଫର୍ଦ୍ଦ ଉନ୍ମୋଚିତ

ଭୁବନେଶ୍ୱର,୪/୨ (ନି.ପ୍ର): ରାଜ୍ୟର ୩୦ଲକ୍ଷ ପରିବାର ୬୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଲୁଟ ସ୍କାମ୍‌ରେ ସିବିଆଇର ସଂଦେହ ଜନକ ଶିଥିଳତା, ପାରଦ୍ୱୀପ ବନ୍ଦରର ବ୍ଲାକରୋଜ ଜାହାଜ ବୁଡ଼ି ଘଟଣା ଓ ନିଳାଚଳ ଇସ୍ପାତନିଗମ ବିକ୍ରି ଭଳି ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଆଜି ଉଭୟ ବିଜେଡ଼ି ଓ ବିଜେପିକୁ କଡ଼ାଟାର୍ଗେଟ କରିଛି କଂଗ୍ରେସ ।

ଗୁରୁବାର କଂଗ୍ରେସ ଭବନରେ ଚଳିତ ପଂଚାୟତ ନିର୍ବାଚନ ପାଇଁ ସରକାରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଉନ୍ମୋଚନ ସମାରୋହରେ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ ବିଜେଡ଼ି ଓ ବିଜେପି ଭିତରେ ଅଘୋଷିତ ମେଂଟ ଅଛି । ବିଜେଡ଼ି ରାଜ୍ୟରେ ଆନ୍ଦୋଳନ କରେ କିନ୍ତୁ ଦିଲ୍ଲୀରେ ଚୁପ । ରାଜ୍ୟ ବିଜେପି ବିଭିନ୍ନ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି କରେ ରାଜ୍ୟରେ କିନ୍ତୁ ଦିଲ୍ଲୀରେ ଏମାନଙ୍କ ମୁହଁ ମଧ ବନ୍ଦ । ଲୋକଦେଖାଣିଆ ଭାବେ ପରସ୍ପର ବିରୋଧରେ ଲଢୁଥିଲେ ମଧ ଏମାନଙ୍କ ଭିତରେ ଭିତରି ସଂପର୍କ ରହିଛି । ନହେଲେ ପାରାଦ୍ୱୀପ ବନ୍ଦର ବ୍ଲାକରୋଜ ବୁଡ଼ି ଘଟଣା ଓ ଚିଟ୍‌ଫଣ୍ଡ ସ୍କାମର ସିବିଆଇ ତଦନ୍ତରେ ଶିଥିଳତା ଏହାର ବଳିଷ୍ଠ ପ୍ରମାଣ । ନବୀନ ସରକାରର ୨୨ ବର୍ଷରେ ୨୨ କଳାକାରନାମାର ଏକ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ ।

ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ ଯେ ଚିଟ୍‌ଫଣ୍ଡ ସ୍କାମରେ ଶାସକ ବିଜେଡ଼ି ଦଳର ୨୭ ବିଧାୟକ ଓ ୪ଜଣ ମନ୍ତ୍ରୀ ସଂପୃକ୍ତ । ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଏଭଳି ବହୁ ସ୍ୱର୍ଷକାତର ପ୍ରସଙ୍ଗରେ କଂଗ୍ରେସ ଲୋକଙ୍କ ପାଖକୁ ଯାଇ ଜନସଚେତନତା ଜାଗ୍ରତ କରି କଂଗ୍ରେସ ସପକ୍ଷରେ ଜନମତ ଆଣିବ ବୋଲି ଶ୍ରୀ ରାଉତରାୟ କହିଥିଲେ । ଏହି କାର୍ଯ୍ୟକ୍ରମରେ ପିସିସି ଉପସଭାପତି ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା, ମୁଖପାତ୍ର ଶାନ୍ତନୁ ସାହୁ, ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳବାଇ କ୍ଷେତ୍ରରେ ସର୍ବକାଳୀନ, ସର୍ବାଧିକ ଅର୍ଥ ଦେଇଛନ୍ତି ମୋଦି ସରକାର : ସମୀର ମହାନ୍ତି



ଭୁବନେଶ୍ୱର,୪/୨ (ନି.ପ୍ର): ଓଡିଶାର ରେଳବାଇ ବିକାଶ କ୍ଷେତ୍ରରେ ମୋଦି ସରକାର ଆଗାମୀ ୨୦୨୨-୨୩ ଆର୍ଥୀକ ବର୍ଷ ପାଇଁ ୯୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଯାହାକି ସର୍ବକାଳୀନ ସର୍ବାଧିକ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତିକହିଛନ୍ତି । ଏଥି ସହ ରେକର୍ଡ ପରିମାଣର ଅର୍ଥ ବରାଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ତରଫରୁ ଶ୍ରୀ ମହାନ୍ତି ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଅତୀତରେ କଂଗ୍ରେସ ସରକାର ଅମଳରେ ଓଡିଶା ରାଜ୍ୟ ସର୍ବଦା ଅବହେଳିତ ହୋଇଆସୁଥିଲା । ପୂର୍ବୋଦ୍ୟୋୟର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଥିବା ମୋଦି ସରକାର ଚଳିତ ବର୍ଷ ବଜେଟରେ ଓଡିଶାକୁ ରେଳବାଇ କ୍ଷେତ୍ରରେ ବିକାଶ ପାଇଁ ଅଗ୍ରାଧିକାର ଦେଇଛନ୍ତି । ଗତ ୭ ବର୍ଷ ଭିତରେ ବହୁ ପୁରୁଣା ରେଳ ପ୍ରକଳ୍ପର ପୁନଃ କାର୍ଯ୍ୟକ୍ରମ କରିବା ସହିତ ବହୁ ସଂଖ୍ୟାରେ ନୂତନ ପ୍ରକଳ୍ପର ଆରମ୍ଭ ହୋଇଛି । ରାଜ୍ୟରେ ରେଳ ସଂଯୋଗୀକରଣରୁ ବଂଚିତ ରହିଥିବା ଜିଲ୍ଲାମାନେ ଆଜି ରେଳ ସେବା ପାଇବାକୁ ଯାଉଛନ୍ତି ।

ରାଜ୍ୟ ସରକାର ଚଳିତ ବର୍ଷ ରେଳ ବଜେଟରେ ୭୬୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବୀ କରିଥିବାବେଳେ ମୋଦି ସରକାର ୯୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ୨୮ ପ୍ରତିଶତ ଅଧିକ । ଅନ୍ୟ ପଟେ ରାଜ୍ୟ ସରକାର ନିଜ ଆଡୁ ସହଯୋଗର ହାତ ବଢାଇ ରାଜ୍ୟରେ ରେଳବାଇ ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟରେ ରେଳବାଇ ବିକାଶରେ ମୁଳ ବାଧକ ସାଜିଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ ରାଜ୍ୟ ସରକାର । ଏହା ଦ୍ୱାରା ରାଜ୍ୟର ପ୍ରଗତି ଓ ବିକାଶ ସୁନିର୍ଶ୍ଚିତ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ତୁରନ୍ତ ବଳକା ଉଷୁନା ଚାଉଳ ଉଠାଇବାକୁ ରାଜ୍ୟସଭାରେ ଦାବି କଲେ ବିଜେଡି ସାଂସଦ

ଭୁବନେଶ୍ୱର,୪/୨ (ନି.ପ୍ର): ସଂସଦରେ ଉଠିଲା ଉଷୁନା ଚାଉଳ ପ୍ରସଙ୍ଗ । ରାଜ୍ୟର ବଳକା ଉଷୁନା ଚାଉଳ ଏଫସିଆଇ ଉଠାଉ ନଥିବାରୁ ବିଜେଡି ସାଂସଦମାନେ ଏହି ପ୍ରସଙ୍ଗ ଉଠାଇଥିବା ଜଣାପଡ଼ିଛି । ଉଦ୍ଦେଶ୍ୟମୂଳକ ଭାବେ ବଳକା ଉଷୁନା ଚାଉଳ ଉଠାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ବିଜେଡିର ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଡ. ଅମର ପଟ୍ଟନାୟକ, ଡ. ସସ୍ମିତ ପାତ୍ର ଓ ପ୍ରଶାନ୍ତ ନନ୍ଦ । ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉତ୍ଥାପନ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସାଂସଦ । ଏହି ସାଂସଦମାନେ ଅଭିଯୋଗ କରିଛନ୍ତି ଯେ, ଏଫସିଆଇ ଉଦ୍ଦେଶ୍ୟମୂଳକ ଭାବେ ବଳକା ଉଷୁନା ଚାଉଳ ଉଠାଉନାହିଁ । ଏଥିଯୋଗୁଁ ରାଜ୍ୟର ବହୁଚାଷୀ ପ୍ରଭାବିତ ହେଉଛନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବଳକା ଉଷୁନା ଚାଉଳ ଉଠାଇବାକୁ ଦାବି କରିଛନ୍ତି ବିଜେଡି ସାଂସଦ । ଏହା ପୂର୍ବରୁ ଗତବର୍ଷ ମଧ ଏହି ଦାବି ନେଇ ବିଜେଡି ସାଂସଦମାନଙ୍କ ଏକ ପ୍ରତିନିଧିମଣ୍ଡଳ କେନ୍ଦ୍ର ଖାଦ୍ୟ ଓ ଖାଉଟି ବିତରଣ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ଓଡ଼ିଶାରେ ଚଳିତ ଖରିଫ୍ ମାର୍କେଟିଂ କାଳରେ ୫୨ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେବା ନେଇ ଲକ୍ଷ୍ୟ ରଖାଯାଇଛି । ଏଥିରୁ ୨୪ ଲକ୍ଷ ମେଟ୍ରିକ ଟନ୍ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଆବଶ୍ୟକ । ଏହା ବାଦ୍ ୨୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହିବ । ଏଥିରୁ ମାତ୍ର ୪ ଲକ୍ଷ ମେଟ୍ରିକ ଟନ ଅରୁଆ ଚାଉଳ ରହିଛି । ଅବଶିଷ୍ଟ ୨୪ ଲକ୍ଷ ଟନ ବଳକା ଚାଉଳକୁ ଏଫ୍‌ସିଆଇ ସଂଗ୍ରହ କରିବା ଆବଶ୍ୟକ । ହେଲେ କେନ୍ଦ୍ର ଖାଦ୍ୟ ଓ ଖାଉଟି ବିତରଣ ବିଭାଗ (ଡିଏଫ୍‌ପିଡି) ଦ୍ୱାରା ଓଡ଼ିଶାରୁ ଉଷୁନା ଚାଉଳ ସଂଗ୍ରହ କରାନଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କର ଏହି ନିର୍ଦ୍ଦେଶନାମା ଓଡ଼ିଶା ପାଇଁ ଭୀଷଣ ସମସ୍ୟା ସୃଷ୍ଟି କରିବ । କେନ୍ଦ୍ର ସରକାର ଯଦି ଏହି ଉଷୁନା ଚାଉଳ ସଂଗ୍ରହ କରିବେ ନାହିଁ, ରାଜ୍ୟର ପ୍ରାୟ ୧୦ ଲକ୍ଷ ଚାଷୀ ପରିବାର ପ୍ରଭାବିତ ହେବେ । କରୋନା ମହାମାରୀ ସ୍ଥିତିରେ ଏହି ଚାଷୀ ପରିବାରମାନଙ୍କ ଭାଗ୍ୟ ଦୁର୍ଦ୍ଦିନକୁ ଠେଲି ହୋଇଯିବ । ତେଣୁ ଡିଏଫ୍‌ପିଡି ନିର୍ଦ୍ଦେଶନାମାକୁ ତୁରନ୍ତ ପରିବର୍ତ୍ତନ କରାଯାଉ ।

# ରାଜ୍ୟରେ ବଢୁଛି ସଂକ୍ରମଣ, ଦୈନିକ ସଂକ୍ରମଣରେ ୧୭ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର ,୪/୨ (ନି.ପ୍ର): ରାଜ୍ୟରେ ଗତ ଦୁଇଦିନ ହେବ ସଂକ୍ରମଣ ବଢୁଛି । ଗତ ୩୧ତାରିଖ ତୁଳନାରେ ଦୈନିକ ସଂକ୍ରମଣରେ ୧୭ ପ୍ରତିଶତ ବୃଦ୍ଧି ପାଇଛି । ସଂକ୍ରମଣ ଉପର-ତଳ ହେଉଥିବା ବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି ।

ରାଜ୍ୟରେ ଆଉ ୩୬୨୯ କରୋନା ଆକ୍ରାନ୍ତ ବାହାରିଛନ୍ତି । ଏଥିରେ ଖୋର୍ଦ୍ଧାରୁ ସର୍ବାଧିକ ୭୧୬, ସୁନ୍ଦରଗଡ଼ ୩୪୬, କଟକ ୩୨୯, ବାଲେଶ୍ୱର ୧୧୧, ଯାଜପୁର ୧୩୭, ନୟାଗଡ଼ ୧୧୮, ରାୟଗଡ଼ା, ସମ୍ବଲପୁର ୧୦୧ ଲେଖାଏ ଓ ଷ୍ଟେଟ୍ ପୁଲରୁ ୧୬୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ରାଜ୍ୟର ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୫୯ହଜାର ୪୦୫ରେ ପହଞ୍ଚିଛି । କରୋନାରେ ଆଉ ୧୮ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଘୋଷଣା କରାଯାଇଛି । ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୮୬୬୬କୁ ବୃଦ୍ଧି ପାଇଛି । ଆଉ ୭୪୮୭ କୋଭିଡ୍ ରୋଗୀ ଆଜି ସୁସ୍ଥ ହୋଇଛନ୍ତି । ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୨୭,୮୧୯କୁ ଖସି ଆସିଛି । ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୨ଲକ୍ଷ ୨୨ହଜାର ୮୬୭କୁ ବୃଦ୍ଧି ପାଇଛି । ରାଜ୍ୟର ଏକମାତ୍ର ଜିଲ୍ଲା ଭାବେ ଖୋର୍ଦ୍ଧା ରେଡ୍ ଜୋନ୍‌ରେ ରହିଛି । ଓମିକ୍ରନ୍ ପ୍ରଜାତି ଚିହ୍ନଟ ଲାଗି ରାଜ୍ୟ ସରକାର ପ୍ରଥମ ରାଜ୍ୟ ଭାବେ ଟାଟା ଦ୍ୱାରା ପ୍ରସ୍ତୁତ ଓମିସିଓର କିଟ୍ ଆଣିଥିଲେ । ରାଜ୍ୟର ୫ଟି ସହରରେ ଏହି କିଟ୍‌ରେ ପରୀକ୍ଷା କରାଯାଉଛି । ବର୍ତ୍ତମାନ ସୁଦ୍ଧା ୩୧,୬୬ ଜଣଙ୍କ ନମୁନା ପରୀକ୍ଷା ହୋଇଥିଲା । ତହିଁରେ ୧୭୨୯ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେମାନଙ୍କ ମଧ୍ୟରେ ୩୩ ପ୍ରତିଶତ ହାରରେ ୫୭୬ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମାତ୍ର କେତୋଟି ଜିଲ୍ଲାରୁ ଏହି ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି ସେ ସଂପର୍କରେ କୌଣସି ସ୍ୱଷ୍ଟ ସୂଚନା ନାହିଁ । ରାଜ୍ୟରେ ପୂର୍ବରୁ ଜିନୋମ ସିକ୍ୱେନ୍ସିଂରେ ବିଭିନ୍ନ ଜିଲ୍ଲାରୁ ୩୪୯ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।



ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ଓମିସିଓର କିଟ୍‌ରେ ୫୭୬ ଜଣ ଚିହ୍ନଟ ହୋଇଛନ୍ତି । ଏବେ ବି ସବୁ ଜିଲ୍ଲାରୁ ତଥ୍ୟ ଆସିନାହିଁ । ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା କେତେ ପ୍ରତିଶତ ତାହା ଜିନୋମ ସିକ୍ୱେନ୍ସିଂ ଓ ଓମିସିଓର କିଟ୍‌ର ତଥ୍ୟକୁ ମିଳିତ ଭାବେ ଅନୁଧ୍ୟାନ କରିବା ପରେ ସ୍ୱଷ୍ଟ ହୋଇପାରିବ । ରାଜ୍ୟରେ ସଂକ୍ରମଣ ଉପର-ତଳ ହେଉଛି । ମାତ୍ର ଯେଉଁ ଧାରା ଦେଖାଯାଉଛି ଏଥିରେ ସଂକ୍ରମଣ କମୁଛି ।

# ରାଜ୍ୟରେ ସର୍ବାଧିକ ୨୩ କରୋନା ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୪/୨ (ନି.ପ୍ର) : ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ସର୍ବାଧିକ ୨୩ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୬୮୯କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭ ଜଣଙ୍କର ମୃତ୍ୟୁ ଘଟିଛି । ଅପରପକ୍ଷରେ ସୁନ୍ଦରଗଡ଼ ଜିଲ୍ଲାର ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଏଣେ ଭଦ୍ରକ, ଜଗତସିଂହପୁର, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୨ ଜଣ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୬୯୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୫୬୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୨୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୪୩୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୧୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୫୫ ଜଣ, ବାଲେଶ୍ୱରରୁ ୭୩ ଜଣ, ବରଗଡ଼ରୁ ୫୩ ଜଣ, ଭଦ୍ରକରୁ ୪୮ ଜଣ, ବଲାଙ୍ଗୀରରୁ ୯୮ ଜଣ, ବୌଦ୍ଧ ଜିଲ୍ଲାରୁ ୪୮, କଟକରୁ ୧୩୮ ଜଣ, ଦେବଗଡ଼ରୁ ୩୯ ଜଣ, ଢେଙ୍କାନାଳରୁ ୪୦ ଜଣ, ଗଜପତିରୁ ୫୯, ଗଞ୍ଜାମରୁ ୧୬ ଜଣ, ଜଗତସିଂହପୁରରୁ ୬୭ ଜଣ, ଯାଜପୁରରୁ ୧୨୭ ଜଣ, ଝାରସୁଗୁଡ଼ାରୁ ୩୬ ଜଣ, କଳାହାଣ୍ଡିରୁ ୯୫ ଜଣ, କନ୍ଧମାଳରୁ ୩୪ ଜଣ, କେନ୍ଦ୍ରାପଡ଼ାରୁ ୪୦ ଜଣ, କେଉଁଝରରୁ ୪୪ ଜଣ, ଖୋର୍ଦ୍ଧାରୁ ୫୧୩ ଜଣ, କୋରାପୁଟରୁ ୪୧ ଜଣ, ମାଲକାନଗିରିରୁ ୧୮ ଜଣ, ମୟୁରଭଞ୍ଜରୁ ୧୨୮ ଜଣ, ନବରଙ୍ଗପୁରରୁ ୭୫, ନୟାଗଡ଼ରୁ ୯୬ ଜଣ, ନୂଆପଡ଼ାରୁ ୫୫ ଜଣ, ପୁରୀରୁ ୬୩ ଜଣ, ରାୟଗଡ଼ାରୁ ୮୫ ଜଣ, ସମ୍ବଲପୁରରୁ ୮୫ ଜଣ, ସୋନପୁରରୁ ୨୯, ସୁନ୍ଦରଗଡ଼ରୁ ୨୯୧ ଜଣ ଓ ଷ୍ଟେଟ ପୁଲରୁ ୧୦୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

## ବାଲିଆପାଳରେ ପ୍ରବଳ ବର୍ଷା : ଜନଜୀବନ ଅସ୍ତବ୍ୟସ୍ତ

ବାଲିଆପାଳ, ୦୪/୦୨ (ନି.ପ୍ର): ପଶ୍ଚିମା ଝଡ ପ୍ରଭାବରେ ଆଜି ସକାଳୁ ବାଲିଆପାଳର ବିଭିନ୍ନ ସ୍ଥାନରେ ପବନ ଘଡଘଡି ସହ ତୁହାକୁ ତୁହା ପ୍ରବଳ ବର୍ଷା ହୋଇଛି ।ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।ଆକାଶ ମେଘାଛନ୍ନ ରହିବା ସହ କଳାମେଘ ଆକାଶରେ ଘୋଟି ହୋଇ ରହିବା ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା ।ଏହି ଅଦିନିଆ ବର୍ଷା ଫଳରେ ବାଲିଆପାଳ ଅଞ୍ଚଳର ବହୁ ପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି ।ସିମୁଳିଆ ମାର୍କେଟ, ବସଷ୍ଟାଣ୍ଡ, ବ୍ଲକ ସମ୍ମୁଖରେ ବର୍ଷାପାଣି ନିଷ୍କାସନ ହୋଇନପାରି ଜମି ରହିଛି ।ବସନ୍ତ ପଞ୍ଚମୀ ପାଇଁ ଲୋକମାନେ ଜିନିଷପତ୍ର କିଣାକିଣି କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।ବର୍ଷା ଯୋଗୁଁ ଶୀତର ପ୍ରକୋପ ବଢିବାର ସମ୍ଭାବନା ରହିଛି ।

## ମୁନି ସମାଜର ବ୍ରହ୍ମଯଜ୍ଞ ପାଳିତ

ରୂପ୍‌ସା, ୦୪/୦୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ସୁପୁତ୍ର ଇ'ନିଶୀଥ ନୟନ ବାରିକ-ମୁନିମତୀ ଡାକ୍ତର ଲିପିକା ବାଛିନୀଙ୍କର ଏକମାତ୍ର ସୁକନ୍ୟା ଗୀତାଶୀ ଗୌରୀ ନନ୍ଦିନୀ ର ଶୁଭ ଜନ୍ମଦିନ ସମାରୋହରେ, ଆତ୍ମତୀର୍ଥର ସମ୍ପାଦକ ପ୍ରଧାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗ ଦେଇଥିଲେ ଜ୍ଞାନ ଦୀପର ସମ୍ପାଦକ ଯୋଗୀ ସଞ୍ଜୟମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ସହଯୋଗ କରିଥିଲେ, ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ ଯୋଗୀ ଅନନ୍ତ ମୁନିଜୀ ମହୋଦୟ । ସମ୍ମାନୀତ ଅତିଥି ହିସାବରେ ସହଯୋଗ କରିଥିଲେ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି, ବ୍ରହ୍ମବିତ୍ ଯୋଗୀ ମୋହିମ ମୁନି, ହାତିଆଡିହା ଯୋଗାଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ମୁନି, ଯୋଗୀ ଶଙ୍କର ପାଲ ମହୋଦୟ, ଯୋଗୀ ପ୍ରଶାନ୍ତ ମୁନି, ମହାମୋହିମ ଯୋଗୀ ମଧୁସୂଦନ ପଣ୍ଡା, ଆତ୍ମଦର୍ଶୀ ଯୋଗଶିକ୍ଷିକା ଶାନ୍ତିଲତା ବେହେରା, ଯୋଗୀ ସୃଷ୍ଟିଧର ନାୟକ, ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ, ଯୋଗଶିକ୍ଷୟତ୍ରୀ ହିରାମଣୀ, ଡାକ୍ତର ମୁନି ଅଜିତ ନାୟକ ଇତ୍ୟାଦି । ସମ୍ମାନୀତ ବକ୍ତା ହିସାବରେ ସହଯୋଗ କରିଥିଲେ, ମୁନି ରତ୍ନ ଯୋଗୀ ତ୍ରିଲୋଚନ ମୁନି, ବେଦବିତ୍ ଯୋଗୀ ବଳ ଚରଣ ମୁନି, ଆତ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚ, ଯୋଗଶିକ୍ଷିକା ବ୍ରହ୍ମଜ୍ଞାନୀ କନକଲତା ଆଇଚ ମହୋଦୟା, ଯୋଗଶିକ୍ଷିକା କଳ୍ପନା ମିଶ୍ରୀ ମହୋଦୟା,ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ଇତ୍ୟାଦି । ସହଯୋଗ କରିଥିଲେ-ମୁନିରାଜ୍ଞୀ କନକଲତା ମହାପାତ୍ର, ଗୀତାଞ୍ଜଳୀ ବାରିକ, ବିମଳା ଲେଙ୍କା, ବାସନ୍ତୀ ମହାଳିକ,ଶକୁନ୍ତଳା ପରିଡ଼ା, ସ୍ୱଉଦାମିନୀ ବାରିକ, ମୁନି ସୁଚୀତ୍ର ନାୟକ, ଅଜା ସନ୍ତୋଷ ବାଛିନୀ,ଝରଣା ମହାପାତ୍ର, ମୁନି ନିରଞ୍ଜନ ବାରିକ, ବାଗୁଡ଼ି, ସଦାଶିବ ଜେନା, ସୁମତୀ ଦଳାଇ, ସନ୍ତୋଷିନୀ ବାରିକ, ମୁନିମତୀ ପୂର୍ଣ୍ଣିମା ବର, ମୁନି କୁମାରୀ ରାଜଶ୍ରୀ ରାଜନନ୍ଦିନୀ ବେହେରା, ମିନତୀ ଦଳାଇ, ଅର୍ପିତା ରାଉଳ ଇତ୍ୟାଦି ।ସମସ୍ତେ ନିଜ ନିଜ ଗୃହରେ ରହି ତା୪-୦୨-୨୨ରିଖ ଠିକ୍ ସନ୍ଧ୍ୟା ୭ ଘଟିକା ସମୟରେ ମୁନି ମୁଦ୍ରାରେ ଉପବେଶନ କରି ଏକମନ, ଏକ ପ୍ରାଣ, ଏକ୍‌ଆତ୍ମା, ଏକଭାବନାରେ ତଲ୍ଲୀନ ହୋଇ ୯ ଥର ପ୍ରଣବ,ଶୁଭ ଭାବନା ମଧ୍ୟରେ ୩ ଥର ପ୍ରଣବ କରି, ବେଦ ପାଠ, ଶାନ୍ତି ପାଠ ପରେ, ଗୀତାଶୀ ଗୌରୀ ନନ୍ଦିନୀର ନିରୋଗ ନିରାମୟ ଆନନ୍ଦ ମୟ ଉଜ୍ଜ୍ୱଳମୟ ଦୀର୍ଘ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ଜେଜେ ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ହାତିଆଡିହା ଆଶ୍ରମର କୋଷାଧକ୍ଷ ବେଦବିତ୍ ଯୋଗୀ ଭିକାରି ଚରଣ ମୁନି ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରି ପ୍ରକାଶ କରିଥିଲେ ଯେ, ଯେଉଁ ମୁନି ପରିବାରରେ ପ୍ରତିଦିନ ପ୍ରଣବର ଓଙ୍କାର ନାଦ ଜାରି ରହି ଚାଲିଥିବ-ସେ ପରିବାରରେ ସୁଖ-ଶାନ୍ତି-ଆନନ୍ଦ ସଦା ସର୍ବଦା ଭରପୁର ହୋଇ ରହିଥିବା । ହାତିଆଡିହା ଆଶ୍ରମର କୋଷାଧକ୍ଷ ବେଦବିତ୍ ଯୋଗୀ ଭିକାରି ଚରଣ ମୁନି ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରି ପ୍ରକାଶ କରିଥିଲେ ଯେ, ଯେଉଁ ମୁନି ପରିବାରରେ ପ୍ରତିଦିନ ପ୍ରଣବର ଓଙ୍କାର ନାଦ ଜାରି ରହି ଚାଲିଥିବ-ସେ ପରିବାରରେ ସୁଖ-ଶାନ୍ତି-ଆନନ୍ଦ ସଦା ସର୍ବଦା ଭରପୁର ହୋଇ ରହିଥିବା ।

## ପ୍ରାର୍ଥୀଙ୍କ ପ୍ରଚାର ବାଧକ ସାଜିଲା ବର୍ଷା

ଲଙ୍ଗଳେଶ୍ୱର, ୦୪/୦୨ (ନି.ପ୍ର): ଆଜି ସକାଳ ଠାରୁ ଲଘୁଚାପ ଜନିତ ବର୍ଷା ସମସ୍ତଙ୍କ ପାଇଁ ଅଡୁଆ ହେଇଥିଲା ବେଳେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଇଦାନରେ ଓହ୍ଲାଇ ଥିବା ପ୍ରାର୍ଥୀ ମାନଙ୍କ ପ୍ରଚାରରେ ବାଧକ ସାଜିଛି ବର୍ଷା । ପ୍ରଚାର କାର୍ଯ୍ୟରେ କୋଭିଡ କଟକଣା ବାଧକ ସାଜୁଥିବା ବେଳେ ଏବେ ବର୍ଷା ପ୍ରାର୍ଥୀ ଙ୍କ ଅଡୁଆ ସ୍ଥିତି ରେ ପକାଇଛି କଟକଣା ପ୍ରାର୍ଥୀ ମାନେ ଘରକୁ ଘର ବୁଲି ପ୍ରଚାର କରୁଥିବାରୁ ବର୍ଷା ଯୋଗୁଁ ବୁଲିବା ସମ୍ଭବ ହୋଇପାରୁନାହିଁ ।ସାଥିରେ କର୍ମୀମାନେ ମଧ ଯିବାକୁ ଅମଙ୍ଗ ହେଉଥିବାରୁ ପ୍ରଚାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି ।ଆଜି ଦିନସାରା ଝିପି ଝିପି ବର୍ଷା ଲାଗିରହିଥିଲା ।ସକାଳେ କିଛିସମୟ ଜୋରରେ ପବନ ମଧ ହେଇଥିଲା ।କୋହଲା ପାଗ ଯୋଗୁଁ ରାସ୍ତା ଘାଟରେ ଏକପ୍ରକାର ଜନଶୂନ୍ୟ ହୋଇଯାଇଥିଲା ।ସକାଳ ଠାରୁ ବିଦ୍ୟୁତ ସରବରାହ ରେ ବ୍ୟାଘାତ ଘଟି ଦିନସାରା ବିଦ୍ୟୁତ କାଟ ହୋଇଥିଲା ।

## ମାଙ୍କଡ଼ପଡ଼ା ମାଙ୍କଡ଼ଙ୍କ ଦୁଃଖ

ଉଦଳା, ୦୪/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ପଞ୍ଚାୟତ ସମିତି ମଧ୍ୟରେ ରହିଛି ମାଙ୍କଡ଼ପଡ଼ା ଗ୍ରାମପଞ୍ଚାୟତ । ଉକ୍ତ ଅଞ୍ଚଳଟି ମାଙ୍କଡ଼ ମାନଙ୍କ ରହଣି ପାଇଁ ଉପଯୁକ୍ତ କ୍ଷେତ୍ର ରୂପେ ପ୍ରକୃତି ତିଆରି କରିଛି । ଫଳରେ ଅତିତରେ ବିଭିନ୍ନ ପ୍ରଜାତିର ମାଙ୍କଡ଼ ବହୁଳ ଭାବରେ ଏଠାରେ ବସବାସ କରୁଥିବାର ଦେଖିବାକୁ ମିଳୁଥିଲା । ତେଣୁ ଲୋକେ ଏ ଅଞ୍ଚଳଟିକୁ ମାଙ୍କଡ଼ପଡ଼ା ବୋଲି ନାମ କରଣ କରିଥିଲେ । କାଳକ୍ରମେ ଜନସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିବାରୁ ମାଙ୍କଡ଼ ମାନଙ୍କ ବାସସ୍ଥାନକୁ ଲକ୍ଷକରି ଜନବସତି ଗଢ଼ି ଉଠିଲା । ଫଳରେ ମାଙ୍କଡ଼ଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଲା । ଉକ୍ତ ଗ୍ରାମପଞ୍ଚାୟତର କେନ୍ଦୁଘାଟି ଠାରେ ବର୍ତ୍ତମାନ କିଛି ପରିମାଣରେ ମାଙ୍କଡ଼ ବସବାସ କରୁଛନ୍ତି । ଏହା ନଷ୍ଟ ହୋଇଗଲେ ଏ ଅଞ୍ଚଳରୁ ମାଙ୍କଡ଼ଙ୍କ ବାସସ୍ଥାନ ସମ୍ପୂର୍ଣ୍ଣ ଲୋପ ପାଇଯିବ । ତାହାଛଡ଼ା ବର୍ତ୍ତମାନ ଏ ଅଞ୍ଚଳରେ ଖାଦ୍ୟାଭାବ ମାଙ୍କଡ଼ ମାନଙ୍କର ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଏ ବାବଦରେ ତୁରନ୍ତ ପଦକ୍ଷେପ ନେବାକୁ ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରକୃତି ପ୍ରେମୀ ମାନେ ଅନୁରୋଧ କରିଛନ୍ତି ।

## କୁସୁନଦାସପୁର-୧ ଅଙ୍ଗନୱାଡ଼ିକେନ୍ଦ୍ରର ପାନୀୟ ଜଳ ସମସ୍ୟା

ଉଦଳା, ୦୪/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଔପଦା ବ୍ଲକ ଅନ୍ତର୍ଗତ କୁସୁନଦାସପୁର – ୧ ଅଙ୍ଗନୱାଡ଼ିକେନ୍ଦ୍ରର ପାନୀୟ ଜଳ ସମସ୍ୟା ଦିର୍ଘଦିନ ଧରି ଲାଗି ରହିଛି । ଏଠାରେ ପାନୀୟ ଜଳ ପାଇଁ ପ୍ରାୟ ୧ କିମି ଦୂରରେ ଥିବା ଏକ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ବିଶେଷ କରି ଗ୍ରୀଷ୍ମ ଋତୁରେ ଉକ୍ତ ଅଙ୍ଗନୱାଡ଼ିକେନ୍ଦ୍ରକୁ ଆସୁଥିବା ପିଲା ଓ ଅଭିଭାବକ ମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହୋଇଥାନ୍ତି । ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଦାବୀ ଜଣାଇଛନ୍ତି ।

## ବିଜେପି ପକ୍ଷରୁ ଜୋନସ୍ତରୀୟ ନିର୍ବାଚନୀ ସମାବେଶ

ବାଲିଆପାଳ, ୦୪/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଧିରେ ଧିରେ ଜୋର ଧରିବାରେ ଲାଗିଛି ।ସବୁଦଳ ପ୍ରଚାର ଉପରେ ସମସ୍ତ ଶକ୍ତି ଲଗାଇ ଦେବାର ଦେଖିବାକୁ ମିଳୁଛି । ନିର୍ବାଚନକୁ ଆଉ ଦିନକେଇଟା ଥିବା ବେଳେ ପ୍ରାର୍ଥୀ ମାନେ ଘରକୁଘର ବୁଲି ପ୍ରଚାର କରୁଛନ୍ତି ।ଗୁରୁବାର ବିଜେପି ପକ୍ଷରୁ ୨୧ ନଂ ଜିଲ୍ଲା ପରିଷଦ ଜୋନ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମୃତ୍ୟୁଞ୍ଜୟ ସାହୁଙ୍କ ସଭାପତିତ୍ୱରେ ତାଙ୍କ ବାସଭବନରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି ।କର୍ମୀ ସମାବେଶରେ ୨୧ ନଂ ଜୋନ ଅଧୀନରେ ଥିବାଅସ୍ତି, ଘଣ୍ଟୁଆ, ନିଖିରା, କୁମ୍ଭାରୀ, ଶ୍ରୀରାମପୁର, ଦେଭୋଗ, ବଳରାମପୁର ଓ ବାଲିକୁଟି ଗ୍ରାମ ପଞ୍ଚାୟତ ପରି ୮ ଗୋଟି ପଞ୍ଚାୟତର ବହୁ ବିଜେପି କର୍ମୀ ଯୋଗଦେଇଥିଲେ ।ଅନୁଷ୍ଠିତ କର୍ମୀ ସମାବେଶରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ କର୍ମୀ ମାନଙ୍କୁ ନିର୍ବାଚନ ଜିତିବାର ଗୁରୁମନ୍ତ୍ର ଦେଇ କହିଥିଲେ ଯେ ପଞ୍ଚାୟତ ନିର୍ବାଚନ ହେଉଛି ନିଜେ ନିଜ ପାଇଁ ଲଢୁଛନ୍ତି । ଜଣେ ସରପଞ୍ଚ ଚାହିଁଲେ ତା ପଞ୍ଚାୟତରେ ସବୁସ୍ତରର ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ କରିପାରିବେ । ତେଣୁ ଏଦିଗରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ସରପଞ୍ଚ, ସମିତି ସଦସ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଜିତାଇବାକୁ ଉଦ୍ୟମ କରିବା ଦରକାର ବୋଲି ନିଜ ବକ୍ତବ୍ୟରେ କହିଥିଲେ ।ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା,ପୂର୍ବତନ ଜିଲ୍ଲା,ବିକାଶ ଗିରି,ଗୌରବ ଅଣ୍ଡିଆ,ବାଲିଆପାଳ ମଣ୍ଡଳ ସଭାପତି ମୁରଲୀଧର ସାହୁ,ବିସ୍ତାରକ ବିରେନ୍ଦ୍ର ସେନାପତି, ୨୧ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଝରଣା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ,ହେମନ୍ତ ସାହୁ,ଦିଲିପ ପାତ୍ର,ଗଣେଶ ମାଣିକ,ପ୍ରମୁଖ ପରିଚାଳନା କରିଥିଲେ ।ଏହି କର୍ମୀ ସମାବେଶରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଏମ୍ସ ବହିର୍ବିଭାଗ ଖୋଲିବାରେ ବିଳମ୍ବକୁ ନେଇ ଅସନ୍ତୋଷ

ବାଲେଶ୍ୱର,୦୪/୦୨ (ନି.ପ୍ର): ଜିଲାବାସୀଙ୍କ ବହୁ ପ୍ରତିକ୍ଷୀତ ଏମ୍ସ ବହିର୍ବିଭାଗ ଖୋଲିବାରେ ଆହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବାଲେଶ୍ୱର ଲୋକମଞ୍ଚ । ଚଳିତ ଫେବୃୟାରୀ ମାସ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ନହେଲେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କର୍ମକର୍ତ୍ତାମାନେ ସ୍ଥାନୀୟ ଫାଣ୍ଟାସି ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଅନ୍ୟାନ୍ୟ ସମାଜସେବା ମୂଳକ କାର୍ଯ୍ୟ ସାଙ୍ଗକୁ ବାଲେଶ୍ୱର ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର ପାଇଁ ବହୁ ଏମ୍ସ ସେଟଲାଇଟ୍ ସେଣ୍ଟର ପ୍ରତିଷ୍ଠା ଦିଗରେ ଏହି ସଙ୍ଗଠନ ପ୍ରଥମରୁ ଗୁରୁତ୍ୱ ଦେଇ ଅସିଥିଲା ବୋଲି ସେମାନେ ସୂଚନା ଦେଇଛନ୍ତି । ଏନେଇ ଅତୀତରେ ଜିଲାର ସମସ୍ତ




ନିର୍ବାଚିତ ଲୋକ ପ୍ରତିନିଧି ଯଥା, ଏମଏଲଏ, ଏମପି ତଥା କେନ୍ଦ୍ରମନ୍ତ୍ରୀ, ଭଦ୍ରକ ଏମପି ପ୍ରଭୃତିଙ୍କୁ ସାକ୍ଷାତ କରି ଏମ୍ସ ସେଟଲାଇଟ୍ ସେଣ୍ଟର ପ୍ରତିଷ୍ଠା ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ପରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ସମଲପୁର ଗ୍ରାମରେ ୧୨.୦୯ ଏକର ଓ ବାମପଦା ଗ୍ରାମରେ ୧୨.୯୧ ଏକର ଜମିକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟକୁ ହସ୍ତାନ୍ତର କରାଯାଇଥିଲା । ତେବେ ପ୍ରଥମ ଲହର କରୋନା କାଳରୁ ବନ୍ଦ ହୋଇ ଯାଇଥିବା ପ୍ରତିରକ୍ଷା ବିଭାଗ କଲୋନିରେ ଚାଲିଥିବା ସାପ୍ତାହିକ ଏମ୍ସ ଓପିଡି (ପରାମର୍ଶ ଓ ପରୀକ୍ଷା) ଶିବିରକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସେଟଲାଇଟ ସେଣ୍ଟର ପରିବର୍ତ୍ତେ ପ୍ରଥମେ ଏମ୍ସ ଓପିଡି ସେଣ୍ଟର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର ୩୫ କୋଟି ଟଙ୍କାର ଅନୁଦାନରେ ପ୍ରସ୍ତାବିତ ସେଟଲାଇଟ ସେଣ୍ଟର ସ୍ଥଳର ଚତୁପାର୍ଶ୍ୱ ପ୍ରାଚୀର ଏବଂ ଓପିଡି ସେଣ୍ଟର ନିର୍ମାଣ ପାଇଁ ଧାର୍ଯ୍ୟ ହୋଇଥିଲା । ୧୯ କୋଟି ଟଙ୍କା ବ୍ୟୟ ଅଟକଳର ଓପିଡି ସେଣ୍ଟର ଓ ବାକି ଅର୍ଥରେ ଆନୁସଙ୍ଗିକ ଯନ୍ତ୍ରପାତି ତଥା ଆସବାବପତ୍ର ଆୟୋଜନରେ ଖର୍ଚ୍ଚ ହେବା ନେଇ ସୂଚନା ମିଳିଥିଲା । ଇତିମଧ୍ୟରେ ଓପିଡି ସେଣ୍ଟର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତୃତୀୟ ଲହର କରୋନା ଆଳ ଦେଖାଇ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନଥିବା ବାଲେଶ୍ୱର ଲୋକମଞ୍ଚର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଜିଲାବାସୀଙ୍କ ସ୍ୱାର୍ଥରକ୍ଷାକୁ ଗୁରୁତ୍ୱ ଦେଇ ଚଳିତ ମାସ ଶେଷ ସୁଦ୍ଧା ଏହି ଓପିଡି ସେଣ୍ଟର କାର୍ଯ୍ୟକାରୀ ନ ହେଲେ ଏହି ସଙ୍ଗଠନ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଲୋକମଞ୍ଚର ଆବାହକ ବିକ୍ରମ ପଣ୍ଡା, ସଭାପତି ଅସିତ କୁମାର ଦାସ, ଉପ-ସଭାପତି ନିଶିଥ ବାରିକ, ସାଧାରଣ ସମ୍ପାଦକ ଡ. ଶ୍ରୀମାନ ଶ୍ରୀଚନ୍ଦନ, ସମ୍ପାଦକ ସମ୍ପିତ ଶ୍ରବଣ ବିଶ୍ୱାଳ, ଜୟଶ୍ରୀ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ହ୍ରିତିକ୍ ନାୟକ, ଦମୟନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ମଧୁବାବୁଙ୍କୁ ଭାରତରତ୍ନ ଦାବିରେ କୋର୍ଟରେ ଦସ୍ତଖତ ସଂଗ୍ରହ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଓଡ଼ିଶାର ପ୍ରଥମ ଆଇନଜୀବୀ, ବାରିଷ୍ଟର ତଥା ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ଭୁବନେଶ୍ୱର କୋର୍ଟ ପରିସରରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପାଳନ ହୋଇଯାଇଛି । ଏହି ଅବସରରେ ମଧୁ ବାବୁଙ୍କୁ ମରଣୋତର ଭାରତରତ୍ନ ଦାବିରେ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଏଥିରେ ଜିଲ୍ଲା ଜର୍ଜ ରାମ ଶଙ୍କର ହୋତା, ସ୍ୱତନ୍ତ୍ର ଭିଜିଲାନ୍ସ ଜର୍ଜ ସତ୍ୟ ଷଡ଼ଙ୍ଗୀ, ଏସ୍‌ଡିଜିଏମ୍ ଆଲୋକ ପଣ୍ଡା ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏପରି ଦାବିକୁ ସମର୍ଥନ କରି ଉତ୍ସାହିତ କରିଥିଲେ । ଏଥିରେ ସଂଘର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜ୍ କିଶୋର ଦାସ, ସଂଘଠନ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଅରୂପ ଚାନ୍ଦ, ପ୍ରମୋଦ ପଟ୍ଟନାୟକ, ଜିଓ୍ୱାଲ ହକ୍, ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ସମେତ ଦସ୍ତଖତ ସଂଗ୍ରହ ଅଭିଯାନର ଆବାହକ ଲିଙ୍ଗରାଜ ସାହୁ ଓ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ ।

## ରେଳବାଇ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା କେନ୍ଦ୍ର ଅବହେଳର ଶିକାର : ସରୋଜିନୀ ହେମ୍ବ୍ରମ

ବାରିପଦା, ୦୪/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରେଳବାଇ କ୍ଷେତ୍ରରେ ବାରମ୍ବାର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଛି । ରେଳ ଲାଇନ ସଂଯୋଗୀକରଣ ଓ ନୂତନ ଟ୍ରେନ ଚଳାଚଳ ଅଭାବରୁ ମୟୂରଭଞ୍ଜ ଜିଲ୍ଲା ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ଜିଲ୍ଲା ହୋଇଥିଲେ ମଧ ବିକାଶ ସମ୍ଭବ ପର ହେଉନାହିଁ । ପର୍ଯ୍ୟଟନ ଓ ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସୁଯୋଗ ସୁବିଧା ଥାଇ ମଧ ରେଳ ଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକ ପଛୁଆ ଜିଲ୍ଲା ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଚିତ । ବୁଡାମରା - ଚକୁଳିଆ, ବାଙ୍ଗିରିପୋଷି - ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ମୟୂରଭଞ୍ଜର ଦୀର୍ଘ ଦିନର ଦାବୀ । କିନ୍ତୁ କେନ୍ଦ୍ର ସରକାର ବଜେଟରେ ଅର୍ଥ ବରାଦ ନ କରିବା ଦୁଃଖର ବିଷୟ । ବୁଡାମରା - ଚାକୁଳିଆ ନିମନ୍ତେ କେବଳ କୋଟିଏ ଟଙ୍କାର ବ୍ୟୟ ବରାଦ ମୟୂରଭଞ୍ଜବାସୀଙ୍କୁ ପ୍ରତାରଣାର ଆଉ ଏକ ନମୁନା କହିଲେ ଭୁଲ ହେବ ନାହିଁ । ବାରିପଦାରେ ରେକପଏଣ୍ଟ ନିର୍ମାଣ ଦୀର୍ଘ ଦିନର ଦାବୀ, କିନ୍ତ କେନ୍ଦ୍ର ସରକାର ଏଥିପ୍ରତି ମଧ ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ । ଏହା ବ୍ୟତୀତ ଓଡ଼ିଶାର ସବୁ ରେଳବାଇ ଅଞ୍ଚଳକୁ ଗୋଟିଏ ରେଳ ଡିଭିଜନ ଅଧିନକୁ ଆଣିବାର ଆବଶ୍ୟକତା ରହିଛି । ମୟୂରଭଞ୍ଜ ଜିଲ୍ଲା ଓଡ଼ିଶା ବାହାର ରାଜ୍ୟ ଡିଭିଜନ ଅଧିନରେ ରହୁଥିବାରୁ ଜିଲ୍ଲାକୁ ପ୍ରକୃତ ଗୁରୁତ୍ୱ ଦିଆଯାଇନାହିଁ । ତେଣୁ କେନ୍ଦ୍ର ସରକାର ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ପର୍ଯ୍ୟାପ୍ତ ଅନୁଦାନ ବା ବ୍ୟୟ ବରାଦ କରିବା ସହିତ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ନୂତନ ଦୈନିକ ଟ୍ରେନ ଚଳାଚଳ ନିମନ୍ତେ ପୂର୍ବତନ ସଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦାବୀ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମହିଳା ମାନଙ୍କ ବିବାହ ବୟସ....

ବର୍ଷା ପାଓ୍ୱାର ତାଓ୍ୱାଡ଼େ ତାଙ୍କ ଭାଷଣରେ ମହିଳାଙ୍କ ବିବାହ ବୟସ ସହିତ ସ୍ୱାସ୍ଥ୍ୟ ଓ ପରିବେଶର କଥା ମନେ ପକାଇ ୨୧ବର୍ଷ ଅଧୁନା ସମୟରେ ମହିଳାଙ୍କର ଜାତୀୟ ଉନ୍ନତି ସହିତ ସାମାଜିକ ବିକାଶରେ ବହୁତ ବଡ଼ ପଦକ୍ଷେପ ବୋଲି କହିଥିଲେ। ଓଡ଼ିଶାର ସୁନାମଧନ୍ୟା ସ୍ତ୍ରୀରୋଗ ବିଶେଷଜ୍ଞ ଡଃ ସରୋଜିନୀ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ମହିଳାଙ୍କର ବିବାହ ବୟସ ୨୧କୁ ସମର୍ଥନ କରିବା ଏହା ମାଧ୍ୟମରେ ମହିଳାଙ୍କର ମାନସିକ, ଶାରୀରିକ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ଚିକିତ୍ସା ଶାସ୍ତ୍ରର ଉଦାହରଣ ଦେଇ ୨୧ବର୍ଷ ଅଧୁନା ସମୟ ନିହାତି ଦରକାର ଥିଲା ବୋଲି କହିଥିଲେ। ସାମାଜିକ କର୍ମୀ ନମ୍ରତା ଚଢ଼ା ପଶ୍ଚିମବଙ୍ଗରୁ ଆଭାସୀ ମାଧ୍ୟମରେ ମହିଳାଙ୍କ ବିବାହ ବୟସ ସହିତ ମାନସିକ ସ୍ଥିରତା ଉପରେ ଓ ସାମାଜିକ ପ୍ରଭାବକୁ ବଖାଣି ସରକାର ନେଇଥିବା ନିଷ୍ପତିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ ରାଉତ ତାଙ୍କ ବକ୍ତବ୍ୟରେ ଯେଉଁବର୍ଗର ମହିଳାମାନେ ୧୮ବର୍ଷରୁ କମ୍ ବୟସରେ ବିବାହ କରୁଥିଲେ, ସେହି ମହିଳାମାନେ ୨୧ବର୍ଷରୁ କମ୍ ବୟସରେ ବିବାହ କରିବେ। କିନ୍ତୁ ଏହାକୁ କିପରି ଆମେ ସାମାଜିକ ଇଞ୍ଜିନିୟରିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରିପାରିବା, ତାହାରି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାଚକ୍ରକୁ ଡ. ସ୍ୱାତୀ ପଟ୍ଟନାୟକ, ଡ. ଗାର୍ଗୀ ବାନାର୍ଜୀ, କ୍ରିଷ୍ଣା ଅଗ୍ରଓ୍ୱାଲ, ସବିତା ରାୟ, ମନ୍ଦିରା ଦାସଗୁପ୍ତା ଓ କଲେଜର ଅଧାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ, ଅଧାପିକା ଓ ଛାତ୍ରଛାତ୍ରୀମାନେ ଅନେକ ପ୍ରଶ୍ନ ପଚାରି ନିଜ ଭିତରେ ଥିବା ସନ୍ଦେହକୁ ଦୂର କରିଥିଲେ। କଲେଜର ଉପାଧକ୍ଷ ଡଃ ହଟକେଶ୍ୱର ସେନାପତି ସଭାକୁ ସମ୍ବୋଧନ କରି ସରକାରଙ୍କ ନିଷ୍ପ ଯଥାର୍ଥ ବୋଲି କହିବା ସହ ମହିଳାଙ୍କ ବିବାହ ବୟସ ୨୧ବର୍ଷ ବହୁ ପୂର୍ବରୁ ହେବା ଦରକାର ଥିଲା ବୋଲି କହିଥିଲେ। ଶେଷରେ ଖୁସ୍‌ବୁ ଅଗ୍ରଓ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଏଥର ନେତାଙ୍କୁ ମାନିବେ....

ବ୍ୟବହାର କରିବେ, ଟ୍ରେନିଂ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରିବାକୁ କୁହାଯାଇଛି । ବୁକ୍ ସର୍କୁଲାର ନମ୍ବର ୪୭କୁ ଟ୍ରେନିଂ ଏଜେଣ୍ଡାରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାଂସଦ, ବିଧାୟକ ଓ ମନ୍ତ୍ରୀଙ୍କ ସହ କିପରି ସରକାରୀ ଅଧିକାରୀ ବ୍ୟବହାର କରିବେ, ତାର ସଂପୂର୍ଣ୍ଣ ବିବରଣୀ ରହିଛି ବୁକ୍ ସର୍କୁଲାର ୪୭ରେ । ସାଂସଦ ଓ ବିଧାୟକଙ୍କୁ ଭଦ୍ର ବ୍ୟବହାର ଦେଖାଇବେ ଅଫିସର, ଜନପ୍ରତିନିଧିଙ୍କ ସହ କାର୍ଯ୍ୟ କରୁଥିବା ବେଳ ବିଳମ୍ବ ନୀତି ଆପଣେଇବେ ନାହିଁ, ଅଫିସକୁ ସାଂସଦ କିମ୍ବା ବିଧାୟକ ଆସିଲେ ଅଫିସର ଛିଡ଼ା ହୋଇ ତାଙ୍କୁ ସ୍ୱାଗତ କରିବେ, ଜନପ୍ରତିନିଧି ଫୋନ କଲେ ତୁରନ୍ତ ଫୋନ ଉଠାଇବେ, ଅନୁପସ୍ଥିତ ଥିଲେ କଲ୍ ବ୍ୟାକ୍ କରିବେ, ସଦସ୍ୟମାନଙ୍କ ଚିଠି ତୁରନ୍ତ ଗ୍ରହଣ କରିବେ, ଏହାର ଉତ୍ତର ପଠାଇବେ, ମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ସଚିବ ପାହ୍ୟା ଅଫିସର ରଖିବେ, ଯଦି ଅନ୍ୟ ବିଭାଗର ତଥ୍ୟ ରହିଥିବ, ତେବେ ୧୫ ଦିନ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଦେବା ସହ ଚୂଡ଼ାନ୍ତ ରିପୋର୍ଟର ତାରିଖ ଉଲ୍ଲେଖ କରିବେ, ଯଦି ଜନପ୍ରତିନିଧିଙ୍କ ଅନୁରୋଧ ବା ପରାମର୍ଶ ଗ୍ରହଣ କରିବା ସମ୍ଭବ ହେବନି, ତେବେ ବିନମ୍ର ଭାବେ ଏହାର କାରଣ ଦର୍ଶାଇବେ ମନ୍ତ୍ରୀ, ସାଂସଦ, ବିଧାୟକ ଉପସ୍ଥିତ ଥିଲେ, ଉତ୍ସବରେ ପୌରହିତ୍ୟ କରିପାରିବେନି ସରକାରୀ ଅଧିକାରୀ। ବୁକ୍ ସର୍କୁଲାର ୪୭ ଉଲଂଘନ କରିଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ଷ ବର୍ଷ ଧରି ଅଫିସରମାନେ ଜନପ୍ରତିନିଧିଙ୍କ କଥା ଶୁଣୁନଥିବା ଏବଂ ଉଚିତ ସମ୍ମାନ ଦେଉନଥିବା ଅଭିଯୋଗ ହୋଇ ଆସୁଛି । ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟ ଏପରି ଅଭିଯୋଗ ଆଣୁଛନ୍ତି । ପରିବର୍ତ୍ତିତ ସ୍ଥିତିରେ କିଭଳି ଏହାର ସମାଧାନ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

### ମିଲର୍ସଙ୍କ ଟଙ୍କାରେ ପଂଚାୟତ ନିର୍ବାଚନ....

ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଏବଂ ଏଥି ପାଇଁ କେନ୍ଦ୍ର ସରକାର ୨୦ ହଜାର କୋଟି ଟଙ୍କା ଯୋଗାଇ ଦେଉଛନ୍ତି । ଧାନ କିଣାବିକାରେ ଆରଏମସି ୨ ପ୍ରତିଶତ କମିଶନ ମଧ କେନ୍ଦ୍ର ସରକାର ଦେଉଛନ୍ତି । ପାକ୍ସ ପ୍ରତି କ୍ୱିଂଟାଲରେ ୩୧ଟଙ୍କା ୨୫ ପଇସା ପାଇବା ସତ୍ୱେ ମଣ୍ଡି ଭିତିଭୂମି ନିର୍ମାଣ ହୋଇପାରିଲା ନାହିଁ । ପ୍ରତ୍ୟେକ ଆରଏମସି ପାଖରେ ଶହ ଶହ କୋଟି ଟଙ୍କା ଜମା ଅଛି । ରାଜ୍ୟରେ ଆରଏମସି ତତ୍ତ୍ୱାବଧାନରେ ୩୩୬୫ଟି ମଣ୍ଡି ପରିଚାଳିତ ହେଉଛି । ଗତ ୨୨ ବର୍ଷରେ ରାଜ୍ୟର ୨୦୨୬ଟି ମଣ୍ଡିରେ ନିଜସ୍ୱ ଗୋଦାମ ଘର ନିର୍ମାଣ କରାଯାଇପାରିଲା ନାହିଁ । ୨୫୨୮ଟି ମଣ୍ଡିରେ ପିଣ୍ଡିର ବ୍ୟବସ୍ଥା ନାହିଁ । ମାତ୍ର ମଣ୍ଡିରେ ଚାଷୀର ଧାନକୁ ସୁରକ୍ଷା ପାଇଁ ତାରପୋଲିନର ବ୍ୟବସ୍ଥା ମଧ କଲେ ନାହିଁ । ଚାଷୀ ଧାନ ରଖିବେ କେଉଁଠି ବୋଲି ଶ୍ରୀ ପୁରୋହିତ ପ୍ରଶ୍ନ କରିଛନ୍ତି । ଗତ ରବି ଓ ଖରିଫ ଧାନ ବିକ୍ରି ସମୟରେ ରାଜ୍ୟ ସରକାରଙ୍କ ଅପାରଦର୍ଶୀତା କାରଣରୁ ୨୦ ହଜାର ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲା । ବିଜେପିର ଦାବୀ ପରେ ରାଜ୍ୟ ସରକାର କୌଣସି ଗୋଟିଏ ଟୋକନ ଲାପ୍ସ ହେବାକୁ ଦିଆଯିବନାହିଁ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ ମଧ ଚଳିତ ସିଜିନରେ ପାଖାପାଖି ୩୦୦୦ ରୁ ଉର୍ଦ୍ଧ୍ୱ ଟୋକନ ଲାପ୍ସ ହୋଇଛି ବୋଲି ଶ୍ରୀ ପୁରୋହିତ କହିଛନ୍ତି । ବିଜେପି ପ୍ରତିନିଧି ଦଳ ସୋନପୁର, ବୌଦ୍ଧ, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲା ସମେତ ଉପକୂଳ ଜିଲ୍ଲା ଗସ୍ତ କରି ରାଜ୍ୟ ସରକାରଙ୍କ ମଣ୍ଡି ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲା । ଧାନର ମାନକୁ ନିର୍ଦ୍ଧାରଣ କରାନଯାଇ ମନଇଚ୍ଛା କଟନୀ ଛଟନୀ କରି ମିଲର୍ସମାନେ ଧାନ କିଣୁଥିଲେ ବୋଲି ଶ୍ରୀ ପୁରୋହିତ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟନାୟକ ଓ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପିସିସି ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ରାଜଭବନ ଛକ ଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଲୋକନାଥ ମହାରଥି, ହଳଧର ସେଠୀ, ପ୍ରକାଶ ମିଶ୍ର, ଉମେଶ ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ରାଇବଣିଆରେ ପୁଣି ହାତୀ ଆତଙ୍କ : ୫ ଗ୍ରାମବାସୀ ରାତ୍ରି ଅନିଦ୍ରା

ଜଳେଶ୍ୱର, ୦୪/୦୨ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଆୟତୁଆ ଜଂଗଲରେ ପୁଣି ହାତୀ ଦେଖା ଦେବାରୁ ନିକଟସ୍ଥ ଗ୍ରାମବାସୀମାନେ ଭୟଭିତ ହୋଇ ରହିଛନ୍ତି । ୧୭ଟି ହାତୀ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ରେଞ୍ଜର ଜିଆଖାଳି ଜଂଗଲ ରାସ୍ତାରେ ବାଲେଶ୍ୱର ଜିଲାର ରାଇବଣିଆ ଅଂଚଳକୁ ପ୍ରବେଶ କରିଛି । ଆୟତୁଆ ଜଂଗଲରେ ହାତୀଗୁଡିକ ସଂଧ୍ୟାରେ ଥିବା ବେଳେ ନିକଟସ୍ଥ ଗ୍ରାମ ପ୍ରସାଦଶୋଳ, ପଥରଖୋଳ, କଳମା, ପଟାସପୁର, ଲୁହାପଡା ଗ୍ରାମର ଅଧିବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି । ଏହି ୧୬ ଦଳିଆ ହାତୀ ଶିମିଳିପାଳ ଅଂଚଳରୁ ଆସିଥିବା ବେଳେ ପଟାସପୁର ଗାଁରେ ପ୍ରବେଶ କରି କେତେକ ପରିବାରର ଘରେ ଥିବା ଧାନ ଖାଇବା ସହିତ ନଷ୍ଟ କରିଛନ୍ତି । ଏବେ ହାତୀ ଗୁଡିକ ବର୍ଷାପରେ ପୁଣି ନିକଟସ୍ଥ ଗାଁକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଗାଁର କେତେକ ସାହସୀ ଯୁବକ ଗତିରୋଧ କରିବାରେ ପ୍ରୟାସ କରିଛନ୍ତି । ଖବରପାଇ ଜଳେଶ୍ୱର ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ଜଳେଶ୍ୱର, ବରଡିଆ, ରାଇବଣିଆର କର୍ମଚାରୀମାନେ ସବୁଜବାହିନୀକୁ ଧରି ହାତୀ ଘଉଡାଇବାପାଇଁ ସେ ଅଂଚଳରେ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ୨ଦିନ ଧରି ହାତୀ ଘଉଡାଇବା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ଚଳିତବର୍ଷ ରାଇବଣିଆ ଅଂଚଳରେ ଜଣେ ଲୋକକୁ ହାତୀ କଚାଡି ମାରିଥିବା ବେଳେ ଏବେ ପ୍ରତି ଗାଁରେ ଲୋକେ ଭୟଭିତ ଅବସ୍ଥାରେ ଅଛନ୍ତି ।

## ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ପୁନର୍ଗଠିତ

ବାରିପଦା, ୦୪/୦୨ (ନି.ପ୍ର): ୨୦୦୭ ମସିହାରୁ ପ୍ରତିଷ୍ଠା ହୋଇଥିବା ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟର ନୂତନ କର୍ମକର୍ତ୍ତା ମନୋନୟନ ହୋଇ ଯାଇଛି। ଏହି ଅନୁଷ୍ଠାନର ସଭାପତି-ଗୀତାରାଣୀ ସାହୁ, କାର୍ଯ୍ୟକାରୀ ସଭାପତି-ଡା.ପାର୍ଥସାରଥି ଜେନା, ଉପ-ସଭାପତି-ସୁଧାମୟୀ ଦାସ, ବସନ୍ତ କୁମାର ରାଉଳ (କପ୍ତିପଦା), ପ୍ରତିଷ୍ଠାତା ସମ୍ପାଦକ-ଭାଗବତ ପଣ୍ଡା, ଯୁଗ୍ମ ସମ୍ପାଦକ-ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, କୋଷାଧକ୍ଷ-ପ୍ରଦୀପ କୁମାର ନାୟକ, ସତ୍ୟବ୍ରତ ମିଶ୍ର, ଡା.ଭାଗବତ ବେହେରା (ଉଦଳା) ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ସଭ୍ୟ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ (ସଭାପତି ମୟୂରଭଞ୍ଜ ସିଟିଜେନ ଫୋରମ), ପଦ୍ମନାଭ ସାହୁ (ସଭାପତି ମୟୂରଭଞ୍ଜ ସାହିତ୍ୟ ପରିଷଦ), ଶରତ ଚନ୍ଦ୍ର ନାୟକ (ପ୍ରତିଷ୍ଠାତା ସମ୍ପାଦକ, ଓଡିଆ ଜାଗରଣ ମଞ୍ଚ), ବିପିନ୍ କାନୁନ୍ ଗୋ (ବିଶିଷ୍ଟ ସାହିତ୍ୟିକ, ରାଇରଙ୍ଗପୁର) ଜଗନ୍ନାଥ ସାହୁ (ନନ୍ଦିଘୋଷ ସାହିତ୍ୟ ସମାଜ, ସାରସକଣା), ଡ.ରମାକାନ୍ତ ସିଂହ (ସଭାପତି ପୂଜ୍ୟ ପୂଜା), ଜୟନ୍ତ କୁମାର ପଟ୍ଟନାୟକ (ମୟୂର ସାହିତ୍ୟ ସଂସଦ, ବେତନଟି), ଡା.କୁମାର ବାବୁଲି (ବାଣୀପିଠ, ବଡସାହି), ଅଜୟ କୁମାର ପାଲ, (ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ଚିତ୍ରଡା) ଓ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ, ବାରିପଦା ପ୍ରମୁଖଙ୍କୁ ଗ୍ରହଣ କରାଯାଇଛି। ପରବର୍ତ୍ତୀ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସାହିତ୍ୟ ଅନୁଷ୍ଠାନ ମାନଙ୍କରୁ ମଧ ସଭ୍ୟ ଗ୍ରହଣ କରାଯିବ। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ପ୍ରତିଷ୍ଠାତା ସମ୍ପାଦକଙ୍କ ମୋବାଇଲ ନଂ-୯୪୩୮୧୪୦୩୧୫ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଗୋଟିଏ ଦିନରେ ୨୬୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୨୧୦୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୩୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୨୨ ହଜାର ୮୬୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦୪୯୩ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୯୭ ଜଣଙ୍କ ମଧ୍ୟରୁ ୧୫୬୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୨୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫୫, ବାଲେଶ୍ୱର ଜିଲ୍ଲାରୁ ୭୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୪୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୮, କଟକରୁ ୧୩୮ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୫୯, ଗଂଜାମ ଜିଲ୍ଲାରେ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୭, ଯାଜପୁରରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୩୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୪ , ଖୋର୍ଦ୍ଧାରୁ ୫୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସୌରଭ ଗାଙ୍ଗୁଲିଙ୍କ ସହ ଅନୁଭବ କରିବେ 'ଦାଦାଗିରି' ହୃଦୟରୁ

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ସୌରଭ ଗାଙ୍ଗୁଲି ଏଥର ଓଡ଼ିଆ ଟେଲି ଦର୍ଶକଙ୍କୁ ମନୋରଞ୍ଜନ କରିବାକୁ ଆସିବେ ଜୀ ସାର୍ଥକ ଓଡ଼ିଆର ସବୁଠାରୁ ବ୍ୟୟ ବହୁଳ ମେଗା ରିଅଲିଟି ଗେମ୍ ସୋ 'ଦାଦାଗିରି'କୁ ଆସୁଛନ୍ତି। ସୌରଭ ଗାଙ୍ଗୁଲି ଯେକି ଜି ବଙ୍ଗଳାରେ ପ୍ରସାରିତ ସବୁଠାରୁ ଲୋକପ୍ରିୟ ମେଗା ରିଅଲିଟି ଗେମ୍ ସୋ 'ଦାଦାଗିରି' ର ପରିଚାଳକ। ସେ ବିଗତ ୯ବର୍ଷଧରି 'ଦାଦାଗିରି' ଧାରାବାହିକକୁ ସଂଚାଳନା କରି ଆସୁଛନ୍ତି। ଏଥର ଓଡ଼ିଶାର ଜୀ ସାର୍ଥକ ଚ୍ୟାନେଲରେ ଚାଲୁଥିବା ଧାରାବାହିକ 'ଦାଦାଗିରି' ର ସ୍ୱତନ୍ତ୍ର ଅଧ୍ୟାୟରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଛନ୍ତି । 'ଦାଦାଗିରି' ର ଏହି ସପ୍ତମ ଅଧ୍ୟାୟ ଆସନ୍ତା ଶନିବାର ଫେବୃଆରୀ ୫ ରାତି ୯ ଟାରେ ପ୍ରସାରିତ ହେବ ବୋଲି ଜୀ ସାର୍ଥକ ତରଫରୁ ପ୍ରକାଶ। ଓଡ଼ିଆ ଟେଲି ଦର୍ଶକଙ୍କୁ ଆମୋଦିତ କରିବେ କ୍ରିକେଟର ସୌରଭ ଗାଙ୍ଗୁଲି। ଏବେ ଓଡ଼ିଶାରେ ଜୀ-ସାର୍ଥକ ଚ୍ୟାନେଲ୍‌ରେ ଚାଲିଥିବା 'ଦାଦାଗିରି' ସୋ'କୁ ଦେଖିବାପାଇଁ ଦର୍ଶକ ମହଲରେ ଅଜସ୍ର ଉତ୍କଣ୍ଠା ଦେଖାଦେଇଛି। ପ୍ରଥମେ ମେଗାଷ୍ଟାର ଅନୁଭବଙ୍କୁ ନେଇ ମେଗା ରିଆଲିଟି ସୋ' 'ଦାଦାଗିରି'ର ପରିକଳ୍ପନା କରିଥିଲା ଚ୍ୟାନେଲ୍ ଜୀ-ସାର୍ଥକ। କିଛିଦିନ ତଳେ ଦର୍ଶକ ଜୀ ସାର୍ଥକ ଚ୍ୟାନେଲରେ ପ୍ରଦର୍ଶିତ ହେଉଥିବା ଲୋକପ୍ରିୟ ଧାରାବାହିକ, 'ଝିଲି' 'ବିଜୟୀନି', 'ତୋ ପାଇଁ ମୁଁ ମୋ ପାଇଁ ତୁ'ର ଅଭିନେତା ଓ ଅଭିନେତ୍ରୀଙ୍କୁ ନେଇ ଏହି ସୋ'ର ଏକ ବିଶେଷ ଅଧ୍ୟାୟ ଦେଖିଥିଲେ। ଅଭିନେତ୍ରୀ ଦୀପିକା ତ୍ରିପାଠୀଙ୍କ ନିପୁଣ ନୃତ୍ୟ ସହ ଉକ୍ତ ଏପିସୋଡ୍‌ରେ ଅଭିନେତା ବିଶ୍ୱଭୂଷଣ, ସାଗର ଓ ବାଦଲ




ମଧ୍ୟ ଯୋଗଦେଇ ଅନୁଭବଙ୍କ ସହ ମଜାମସ୍ତି କରିଥିଲେ। ଅନୁଭବଙ୍କ ଏହି ରିଆଲିଟି ସୋ' ସଂଚାଳନା ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଜୋର ଧରିଛି। ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇ ଓଡ଼ିଆ ଦର୍ଶକଙ୍କ ହୃଦୟ ଜିଣିଥିବା ଅନୁଭବ 'ଦାଦାଗିରି' ସୋ' ମାଧ୍ୟମରେ ଘରେ ଘରେ ସବୁବର୍ଗର ଲୋକଙ୍କୁ ଭରପୂର ମନୋରଞ୍ଜନ ଦେଇ ଚାଲିଛନ୍ତି। ୩୦ଟି ଜିଲ୍ଲାରୁ ୩୦ ଜଣ ପ୍ରତିଯୋଗୀଙ୍କୁ ନେଇ 'ଦାଦାଗିରି'ର ଏପିସୋଡ୍ ପ୍ରସ୍ତୁତ ହୋଇଥିବା ବେଳେ ଏଥିରେ ଯୋଗ ଦେଉଥିବା ପ୍ରଖ୍ୟାତ ସେଲିବ୍ରିଟିମାନେ ହିଁ 'ଦାଦାଗିରି'ର ଦର୍ଶକାଦୃତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ନେଉଛନ୍ତି ।

# ରାତିଅଧରେ ଘରୁ ବିଦା ହୋଇ ଖୋଲା ଆକାଶ ତଳେ ବୃଦ୍ଧ ଦମ୍ପତି

ବାଲେଶ୍ୱର,୦୪/୦୨ (ନି.ପ୍ର): ସାମ୍ପ୍ରତିକ ବସ୍ତୁବାଦୀ ତଥା ଅର୍ଥ ସର୍ବସ୍ୱ ଦୁନିଆରେ ସମ୍ପର୍କର ମୂଲ୍ୟ କେମିତି ତୁଚ୍ଛ ହୋଇଯାଉଛି, ତା'ର ନିଛକ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ସହର ଉପକଣ୍ଠ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ। ପୁଅ-ବୋହୂଙ୍କ ଦ୍ୱାରା ବିତାଡ଼ିତ ଏହି ଗ୍ରାମର ବୃଦ୍ଧ ପିତାମାତା ଶେଖ ଆନିସୁଦ୍ଦିନ ଓ ଜମିଲା ବିବି ଶେଷରେ ଘର ସମ୍ମୁଖ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ତାଙ୍କର ଏହି ଅବସ୍ଥାକୁ ଦେଖି ପଡ଼ୋଶୀମାନେ ସହାୟତାର ହାତ ବଢ଼ାଇବା ସହ ନ୍ୟାୟ ପାଇଁ ତାଙ୍କୁ ନେଇ ଥାନାରେ ପହଞ୍ଚାଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ସରକାରୀ ଚାକିରୀ କରୁଥିବା ବଡ଼ପୁଅ ନସିରୁଦ୍ଦିନ ଓ ବୋହୂ ଫରିଦା ଖାତୁନଙ୍କ ସହ ଉଭୟ ବାପାମାଆ କଣ୍ଟାବଣିଆସ୍ଥିତ ଘରେ ରହି ଆସୁଥିଲେ। ଅନ୍ୟ ସନ୍ତାନ ସନ୍ତତିଙ୍କ ମଧ୍ୟରେ ନସିରୁଦ୍ଦିନ ବଡ଼ପୁଅ ହୋଇଥିବାରୁ ପରଘରେ ମୂଲ ଲାଗି ପରିବାରର ଅନ୍ୟମାନଙ୍କ ପେଟରୁ



କାଟି ତାଙ୍କୁ ସେମାନେ ପାଠ ପଢ଼ାଇଥିଲେ। ପାଠପଢ଼ି ପୁଅ କେନ୍ଦ୍ର ସରକାରଙ୍କ କୋଷ୍ଟଗାର୍ଡ ବିଭାଗରେ ଚାକିରୀ କରିବା ପରେ ଜମିଲା ବିବି ଓ ଶେଖ ଆନିସୁଦ୍ଦିନ ଭାବି ଥିଲେ ଯେ ତାଙ୍କର ଦୁଃଖ କଷ୍ଟର ଦିନ ସରିଗଲା ବୋଲି । ଚାକିରୀ କରିବା ପରେ ପୁଅ ଦେଇଥିବା ଅର୍ଥ ସାଙ୍ଗକୁ ନିଜର ସଞ୍ଚିତ ଅର୍ଥ ଓ ବନ୍ଧୁ ବାନ୍ଧବଙ୍କ ସହଯୋଗରେ ଆନିସୁଦ୍ଦିନ କଂଟାବଣିଆ ଗ୍ରାମରେ ଏକ ଜାଗା କିଣି ଘର ତିଆରି କରିଥିଲେ। ଏହି ଜାଗାଟି ମଧ୍ୟ ସେ ସେତେବେଳେ ପୁଅ ନସିରୁଦ୍ଦିନଙ୍କ ନାମରେ କିଣିଥିଲେ । ଭାବିଥିଲେ, ଏକମାତ୍ର ରୋଜଗାରିଆ ପୁଅ ତାଙ୍କ ସହ ଭାଇ ଭଉଣୀ କଥା ବୁଝିବ। ମାତ୍ର ନସିରୁଦ୍ଦିନ ବିଭା ହେବା ପରେ ଧୀରେ ଧୀରେ ତା'ର ମାନସିକତାର ପରିବର୍ତ୍ତନ ଆସିଥିବା ବାପାମାଆ ପୁଲିସ ଆଗରେ ପ୍ରକାଶ କରିଛନ୍ତି। ଝିଅମାନେ ବିବାହ କରିଯାଇଥିବା ବେଳେ ବୋହୂର ନିର୍ଯାତନା ସହି ନପାରି ଅନ୍ୟ ପୁଅମାନେ ମଧ୍ୟ ଯିଏ ଯୁଆଡ଼େ ପଳାଇ ଯାଇଛନ୍ତି। ଅନ୍ୟକିଛି ବିକଳ୍ପ ବ୍ୟବସ୍ଥା ନଥିବା ଯୋଗୁଁ ପୁଅ ବୋହୂଙ୍କ ପାଖରେ ବୃଦ୍ଧ ଜମିଲା ବିବି ଓ ଶେଖ ଆନିସୁଦ୍ଦିନ ରହୁଥିଲେ। ପ୍ରତିଟି ସମୟରେ ବୋହୂ ଫରିଦା ଖାତୁନ ସେମାନଙ୍କ ଉପରେ ନିର୍ଯାତନା ଜାରି ରଖିଥିଲା। ଇତି ମଧ୍ୟରେ ମଛୁଆସାହିରେ ଜାଗା କିଣି ପୁଅବୋହୂ ଘର କରିଥିବା ବେଳେ କଣ୍ଟାବଣିଆ ଘରକୁ ସେମାନେ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଛନ୍ତି। ଘର କିଣିଥିବା ଲୋକେ ଏହାକୁ ଦଖଲ କରିବାକୁ ଆସିବା ପରେ ଏ ବାବଦରେ ବୃଦ୍ଧ ପିତାମାତା ଜାଣିବାକୁ ପାଇଛନ୍ତି। ମାତ୍ର ସେମାନେ ଘର ନ ଛାଡ଼ିବାରୁ ଶେଷରେ ଦୁଇଦିନ ପୂର୍ବରୁ ରାତି ସମୟରେ ବୋହୂ କିଛି ଲୋକଙ୍କୁ ଧରି କଣ୍ଟାବଣିଆ ଘରେ ପହଞ୍ଚି ବୃଦ୍ଧ ପିତାମାତାଙ୍କୁ ଘରୁ ବାହାର କରି ତାଲା ପକାଇ ପଳାଇଥିଲେ। ରାତି ତମାମ ଖୋଲା ଆକାଶ ତଳେ ରହିବା ଦେଖି ପଡ଼ୋଶୀମାନେ ସେମାନଙ୍କୁ ଖାଇବା ପିଇବାକୁ ଦେଇ ଥାନାକୁ ଆଣି ଏତଲା ଦିଆଇଛନ୍ତି। ଦୁଇ ବରିଷ୍ଠ ନାଗରିକଙ୍କ ଉପରେ ହୋଇଥିବା ଏହି ନିର୍ଯ୍ୟାତନା ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ଗ୍ରାମବାସୀମାନେ ପୁଲିସଠାରେ ଦାବି କରିଛନ୍ତି।

# ରାଜଧାନୀରେ କମୁଛି ସଂକ୍ରମଣ, ୨୪ ଘଂଟାରେ ୪୫୪ ପଜିଟିଭ୍

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୪୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୩୯ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୫୧୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୬୫୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୩୬୫୧ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୦୪୦୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୨୬ ରେ ପହଂଚିଛି। ବର୍ତମାନ ଆଉ ୧୨୦୯୫ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ମଧୁବାବୁଙ୍କ ୮୮ତମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର, ୦୪/୨(ନିପ୍ର) : ଆଜି ଉତ୍କଳ କୂଳବୃଦ୍ଧ ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୮ତମ ଶ୍ରାଦ୍ଧଦିବସ ଅବସରରେ ଜଳେଶ୍ୱର ପୁରୁଣା କୋର୍ଟ ନିକଟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଜଳେଶ୍ୱରର ବୁଦ୍ଧିଜିବୀମାନେ ଏକତ୍ରୀତ ହୋଇ ଓଡିଆ ଜାତିର ସ୍ୱାଭିମାନ ବୃଦ୍ଧି ଓ ରାଜ୍ୟର ସବୁଥିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ମଧୁବାବୁଙ୍କ ଆଦର୍ଶ ଓ କର୍ତ୍ତବ୍ୟକୁ ପାଥେୟ କରିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ । ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି ମଧୁବାବୁଙ୍କ ଜୀବନୀ ଓଡିଆ ଜାତିର



ଅର୍ଦ୍ଧଶତାବ୍ଦିର ଇତିହାସ ବୋଲି କହୁଯାଏ । ମୁଖ୍ୟ ଅତିଥିଭାବେ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର ରାଜ୍ୟର ଉତ୍ତର ସୀମା ଆଜିବି ବିପଦଗ୍ରସ୍ତ ଏବଂ ଉପାନ୍ତ ଅଂଚଳରେ ଆଜିବି ଭାଷା ସୁରକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ଭଂଜ, ଜିତାରାମ ଦେ, ସତ୍ୟସୁନ୍ଦର ଦାସ, ଡ. ଲଳିତ ରଂଜନ ସେନାପତି, ଅରୁଣ ବେଜ, କମଳ ଚକ୍ରବର୍ତ୍ତୀ, ଉତ୍କଳ ସମ୍ମିଳିନୀର ସଂପାଦକ ସୁନୀଲ ନାୟକ, ଡ. ଅଜିତ୍ ମହାନ୍ତି, କୁଞ୍ଜବିହାରୀ ଦାସ, ଚନ୍ଦ୍ର ମୋହନ ରାଉଳ, ମନୋରଂଜନ ଦାସ, ହେମନ୍ତ ଗିରି, ସବ୍ୟସାଚି ଦାସ, ସୁକୁମାର ରଣା, ଅବନୀ ଚାନ୍ଦ ପ୍ରମୁଖ ବହୁ ବୁଦ୍ଧିଜୀବି ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

# ବୁଆଁଳ ପଞ୍ଚାୟତରେ ବିଜେପିର ପ୍ରଚାର

ବାଲେଶ୍ୱର,୦୪/୦୨ (ନି.ପ୍ର): ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଶୁକ୍ରବାର ବୁଆଁଳ ପଞ୍ଚାୟତରେ ଘର ଘର ବୁଲି ଭୋଟଭିକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ ସେ।। ଗତ ସଦର ଉପନିର୍ବାଚନରେ ବିଜୁ ଜନତା ଦଳ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଜି ପାଣିର ଗାର ଭାବେ ପ୍ରମାଣିତ ହୋଇଥିବା ବେଳେ ଏବେ ଆଉ ରାଜ୍ୟ ସରକାରଙ୍କ ମିଠକଥାରେ ନ ଭୁଲି ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଶ୍ରୀ ଦତ୍ତ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୨୫ ନଂ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୟାଧର ବେହେରା, ବୁଆଁଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଜିତେନ ଜେନା, ସମିତି ସଭ୍ୟ ପ୍ରାର୍ଥୀ ମାୟାଧର ମହାଲିକ, ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ପଞ୍ଚାୟତ ସଭାପତି ମୁରଲୀଧର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, କରୁଣାକର ମହାଲିକ, ବେଣୁଧର ପରିଡା, ବାବୁ ପାଢୀ, ଜୟନ୍ତୀ ପଣ୍ଡା ପ୍ରମୁଖ ଏହି ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ।

# ଉତ୍କଳ ଗୌରବଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଉତ୍କଳ ସମ୍ମିଳନୀର ଦାବି

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୮ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ପୂର୍ବାହ୍ନରେ ସ୍ଥାନୀୟ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାପରେ ନିକଟବର୍ତ୍ତୀ ନୂଆଗାଁ ଠାରେ ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତା ଏବା ସାଧାରଣ ସମ୍ପାଦକ ଡ଼ା ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଏଥିରେ ମଧୁବାବୁଙ୍କ ଅଶେଷ ଗୁଣାବଳୀ ତଥା ତ୍ୟାଗପୂତ ଜୀବନାଦର୍ଶ ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚ୍ନା କରାଯାଇ ଜଣେ ତୁଙ୍ଗ ରାଷ୍ଟ୍ରୀୟ ନେତା ଭାବରେ ତାଙ୍କୁ ମରଣୋତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏତଦ୍ ବ୍ୟତୀତ ନାରୀ ଶିକ୍ଷା, ସମବାୟ ଆନ୍ଦୋଳନ, ଶିଳ୍ପ ନୀତି ଇତ୍ୟାଦିରେ ତାଙ୍କର ଆଭିମୁଖ୍ୟକୁ ବିଚାର କରି ମହାତ୍ମାଗାନ୍ଧୀ ମଧୁସୂଦନଙ୍କୁ ତାଙ୍କର ପ୍ରବର୍ତକ ଭାବରେ ସ୍ୱୀକାର କରିବା ବିଶେଷ କରି ଓଡ଼ିଆ ଜାତିର ଏକ ସମ୍ପୂର୍ଣ୍ଣ ଓ ନବ ଜାଗରଣ ଆଣି ଉତ୍କଳ ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନରେ ଶ୍ରେଷ୍ଠ ଭୂମିକା ଗ୍ରହଣ ଆଦି ତାଙ୍କୁ ଭାରତ ଗୌରବର ଯୋଗ୍ୟତା ଆଣି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଇ ନପାରିବା ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ବିଷୟ ବୋଲି ବକ୍ତାମାନେ ମତ ରଖିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱୟରେ ସର୍ବଶ୍ରୀ ତ୍ରିନାଥ ସାମନ୍ତରାୟ, ଭରତ କୁମାର ଜେନା, ଇଂ. ଶିବ ସୁନ୍ଦର, ଯୁଗଳ କିଶୋର ନାୟକ, ସୌଭାଗ୍ୟ ମହାପାତ୍ର, କାଳନ୍ଦି ନାୟକ, ମାନସ ମହାପାତ୍ର, ସୁବାସ ଚନ୍ଦ୍ର ବିଶ୍ୱାଳ, ଭାଗିରଥୀ ମହାପାତ୍ର ଓ ଟୁଲୁ ଦାଶ ପ୍ରମୁଖ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ଆଜୀବନ ସଦସ୍ୟ ତଥା ଜନସାଧାରଣ ଯୋଗ ଦେଇଥିବାବେଳେ ଡ଼ା. ବାନାମ୍ବର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ନିର୍ବାଚନ କମିଶନ ଆଗରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ବିଜେଡିର ମନ୍ତ୍ରୀ ଓ ନେତାଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ସରକାରୀ କର୍ମଚାରୀମାନେ ଶାସକ ଦଳ ସପକ୍ଷରେ ପ୍ରଚାର କାର୍ଯ୍ୟ କରୁଛନ୍ତି । ଏଭଳି ଘଟଣାର ଭିଡିଓ ଭାଇରାଲ ହେଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏବଂ ରାଜ୍ୟ ନିର୍ବାଚନ କମିଶନ ନୀରବଦ୍ରଷ୍ଟା ସାଜିଛନ୍ତି । ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଲକ୍ଷ୍ମଣଚନ୍ଦ୍ର ବିଦ୍ୟାପୀଠର ଶିକ୍ଷକ ପଦ୍ମଚରଣ ଜେନା ଏବଂ ବ୍ରାହ୍ମଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବାବୁ ନାରାୟଣ ଜେନା ପୂର୍ବତନ ବିଧାୟକ ସଂଜୟ ଦାସବର୍ମାଙ୍କ ସହ ମିଶି ବିଜେଡି ସପକ୍ଷରେ ଭୋଟ ପ୍ରଚାର କରୁଛନ୍ତି । ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କାରଣରୁ ଦୁଇ ଜଣ ଶିକ୍ଷକଙ୍କୁ ତୁରନ୍ତ ନିଲମ୍ବନ କରିବା ସହ ଗିରଫ କରିବା ପାଇଁ ବିଜେପି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରିଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି । ସେହିପରି ଯାଜପୁର ଜିଲ୍ଲା କୋରେଇ ବ୍ଲକ ବିଜେଡି ସଭାନେତ୍ରୀ ଶ୍ରୀମତୀ ସଂଘମିତ୍ରା ଜେନା ଘରକୁ ଘର ପଶି ଜୋରଜବରଦସ୍ତ ଭାବେ 'ଫୋନ-ପେ' ଏବଂ 'ଗୁଗୁଲ-ପେ' ନମ୍ବର ସଂଗ୍ରହ କରି ମହିଳାମାନଙ୍କୁ ଭୋଟ ଦେବା ପାଇଁ ଲାଂଚ ଆକାରରେ ଟଙ୍କା ବଂଟନ କରୁଛନ୍ତି । ବିଜେଡି ନେତ୍ରୀଙ୍କ ଏଭଳି ଅଗଣତାନ୍ତ୍ରୀକ କାର୍ଯ୍ୟକଳାପର ଦୃଶ୍ୟର ଭିଡିଓ ମଧ୍ୟ ସର୍ବସାଧାରଣରେ ବୁଲୁଛି । ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ କରିଥିବାରୁ ଶ୍ରୀମତୀ ଜେନାଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ଓ ଉମାକାନ୍ତ ପଟ୍ଟନାୟକ, ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

# ଚକହରୀ ଗାଁରୁ ଗରୁଡ ଶାବକ ଉଦ୍ଧାର

ଜଳେଶ୍ୱର, ୪/୨(ନିପ୍ର) : ଆଜି ସକାଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ପଂଚାୟତର ଚକହରୀ ଗାଁର ବାପି ଲାହାରୀ ରାସ୍ତାରେ ଗଲାବେଳେ ୨ଟି ଗରୁଡ ଶାବକ ରଡି ଛାଡୁଥିବାର ଦେଖିବାକୁ ପାଇଥିଲେ । ସେ ଶାବକ ୨ଟିକୁ ନେଇ ସେବାଯତ୍ନ କରିଥିଲେ ମଧ୍ୟ ଗୋଟିଏ ମରିଯାଇଥିଲା । ପରେ ସେ ଜଂଗଲ ବିଭାଗକୁ ଜଣାଇବା ପରେ ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ସଂଜିବ ସେନାପତି ଘଟଣାସ୍ଥଳରେ ପହଞ୍ଚିଥିଲେ । ଗରୁଡ ସାବକୁ ଉଦ୍ଧାର କରି ଜଳେଶ୍ୱର ପ୍ରାଣୀଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ କରାଇ ଜଂଗଲରେ ଛାଡିଥିବା




ଜଣାଯାଇଛି । ପ୍ରକାଶଯୋଗ୍ୟ ବାପି ଲାହାରୀ ୩ଟି ପାତି ମାଙ୍କଡ ଘରେ ପାଳିଥିବାର ଦେଖିବାକୁ ମିଳିଥିଲା ।

# ବିଜେଡିରେ ଯୋଗଦେଲେ ଭଦ୍ରକର ବିଜେପି ନେତା

ଭୁବନେଶ୍ୱର, ୦୪/୦୨ (ନି.ପ୍ର): ଶଙ୍ଖ ଧରିଛନ୍ତି ଭଦ୍ରକର ଶତାଧିକ ବିଜେପି ନେତା ଓ କର୍ମୀ । ବିଜେପିର କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରି ସେମାନେ ଆଜି ବିଜେଡିରେ ଯୋଗ ଦେଇଛନ୍ତି । ଦୀର୍ଘ ଦିନ ଧରି ଦଳରେ କାମ କରିଆସୁଥିବା କାର୍ଯ୍ୟକର୍ତାମାନଙ୍କୁ ଅବହେଳା କରାଯାଉଥିବାରୁ ଦଳ ଛାଡିଥିବା କହିଛନ୍ତି ଦଳ ଛାଡିଥିବା ନେତା ଓ କର୍ମୀ । ମିଶ୍ରଣ ଉତ୍ସବରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏଥି ସହି ଦଳରେ ଉଚିତ ଆଦର ଓ ସମ୍ମାନ ମିଳିବ ବୋଲି ଏ ଅବସରରେ କହିଛନ୍ତି ପ୍ରଣବ ପ୍ରକାଶ ଦାସ । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାର୍ଥୀମାନଙ୍କ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବୈଠକ

ଭଦ୍ରକ, ୦୪/୦୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପଲକ୍ଷେ ଭଦ୍ରକ ପଞ୍ଚାୟତ ସମିତି ସ୍ତରରେ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚ ପରିଚାଳନା ନେଇ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରମେଶ କୁମାର ପାତ୍ର ଯୋଗଦେଇ ପ୍ରାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ ସୀମା ସହିତ ତାର ପରିଚାଳନା ନେଇ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ନିର୍ବାଚନରେ ପ୍ରାର୍ଥୀ ଭାବେ




ଅବତୀର୍ଣ୍ଣ ହେଉଥିବା ୪ ପ୍ରକାର ସଦସ୍ୟ ମାନଙ୍କ ମଧ୍ୟରୁ ଓ୍ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ୩ ପ୍ରକାର ପ୍ରାର୍ଥୀଙ୍କ ପାଇଁ ଏହି ବୈଠକ ଉଦ୍ଦିଷ୍ଟ ଥିଲା । ନିର୍ବାଚନୀ ଖର୍ଚ୍ଚ ହିସାବ ରଖିବା ପାଇଁ ଉପସ୍ଥିତ ସମସ୍ତ ପ୍ରାର୍ଥୀଙ୍କୁ ୫୪ ପୃଷ୍ଠାର ଏକ ରେଜିଷ୍ଟର ସହ ଖର୍ଚ୍ଚ ହିସାବ ବିବରଣୀ ସମ୍ବନ୍ଧିୟ ଫର୍ମ ଯୋଗାଇ ଦିଆଯାଇଥିଲା। ପ୍ରାର୍ଥୀ ପତ୍ର ଦାଖଲ ପାଇଁ ଆଫିଡ଼େଭିଟ୍, ଅମାନତ ଜମା ଖର୍ଚ୍ଚ ଠାରୁ ଆରମ୍ଭ କରି ୯ ପ୍ରକାର ଖର୍ଚ୍ଚ ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ବୁଝାଇଥିଲେ। କୋଭିଡ଼୍ କଟକଣା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା କେବଳ ସଭା ସମିତି ବାବଦ ବ୍ୟୟ ବ୍ୟତୀତ ଅନ୍ୟ ସମସ୍ତ, ପୁସିଂକାର୍ଡ଼, ବିଜ୍ଞାପନ ଆଦି ମୁଦ୍ରଣ ଜନିତ, ବ୍ୟାନର ହୋଡ଼ିଂ ଆଦି ଇସ୍ତାହାର ଜନିତ, ପ୍ରଚାର ପାଇଁ ବ୍ୟବହୃତ ଗାଡ଼ିର ଭଡ଼ା ଓ ଇନ୍ଧନ ବାବଦ, ପ୍ରଚାର କାର୍ଯ୍ୟ ପାଇଁ ଖାଦ୍ୟପେୟ ବାବଦ ଆଦି ଖର୍ଚ୍ଚ ହିସାବକୁ ରେଜିଷ୍ଟରରେ କିଭଳି ଉଲ୍ଲେଖ କରାଯିବ ଦର୍ଶାଇଥିଲେ । ପ୍ରଚାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଡ଼ାକବାଜି ଯନ୍ତ୍ର ପାଇଁ ଉପଜିଲ୍ଲାପାଳଙ୍କ ଠାରୁ ଲିଖିତ ଅନୁମତିପତ୍ର ଆଣିବା, ବ୍ୟବହୃତ ହେବାକୁ ଥିବା ଯାନବାହନ କାଗଜ ପତ୍ରର ତିନିକିତା ନକଲ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବା ଆଦି ବିଷୟରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା । ନିର୍ବାଚନୀ ଖର୍ଚ୍ଚ ଓ ପ୍ରଚାର କାର୍ଯ୍ୟରେ ବ୍ୟବହୃତ ଗାଡ଼ି ସଂଖ୍ୟା ଉଦ୍ଦିଷ୍ଟ ସୀମା ଭିତରେ ରହିବାକୁ ପର୍ଯ୍ୟବେକ୍ଷକ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ ।

# ନିଖିରାରେ ବିଜେଡିର ମିଶ୍ରଣ ପର୍ବ

ବାଲିଆପାଳ, ୦୪/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ଲୋକାଭିମୁଖୀ ଯୋଜନା ରେ ଅନୁପ୍ରାଣିତ ହୋଇ ବାଲିଆପାଳ ବ୍ଲକ ନିଖିରା ଗ୍ରାମପଞ୍ଚାୟତର ଅନ୍ୟ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ବିଜେଡି ଦଳରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ରେ ରାଜ୍ୟ ମହିଳା ବିଜେଡିର କାର୍ଯ୍ୟକାରିଣୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦାନ କରି ଦଳୀୟ ଉତ୍ତରୀୟ ପିନ୍ଧାଇ ନବାଗତ ନେତା-କର୍ମୀଙ୍କୁ ବିଜେଡି ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବସ୍ତା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ରଣଜିତ ମହାପାତ୍ର, ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ ସାମଲ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପଞ୍ଚାୟତ ସଭାପତି ଧନଞ୍ଜୟ ପାତ୍ର, ଜୋନ ନଂ ୨୧ ର ଦଳୀୟ ପର୍ଯ୍ୟବେକ୍ଷକ ଯାଦବେଶ ମିଶ୍ର, ୨୧ନଂ ଜୋନ୍‌ର ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଶ୍ରୀମତୀ କାଞ୍ଚନ ଜେନା, ନିଖିରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଶ୍ରୀଯୁକ୍ତ ଅଞ୍ଜନ କୁମାର ଗିରି, ସମିତି ସଭ୍ୟା ପ୍ରାର୍ଥିନୀ ଶ୍ରୀମତୀ ଗାୟତ୍ରୀ ମାଣିକ,ବ୍ଲକ ଏବଂ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ପଞ୍ଚାୟତର କାଦୁ ମାଣିକ, ରମେଶ ଚନ୍ଦ୍ର ଗିରି, ବନମାଳି ଅଣ୍ଡିଆ, ରମାନାଥ ଜେନା, ସଂଜୟ ପାଲ, ଲକ୍ଷ୍ମୀଧର ଜେନା,ସୁରେନ୍ଦ୍ର ଦାସ, ମନୋରଂଜନ ଦାସ,ସନ୍ୟାସୀ ଦଳେଇ, ଗଦାଧର ଜେନା, ଉପେନ୍ଦ୍ର ଯତୀ, ପ୍ରଫୁଲ୍ଲ ଜେନା, ମହେଶ୍ୱର ଜେନା, ଘନଶ୍ୟାମ ଜେନା, ଗୌରାଙ୍ଗ ଦଳାଇ, ନାରାୟଣ ଜେନା ପ୍ରମୁଖ ବହୁ ଅନ୍ୟଦଳର କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo